

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୮ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 28 November 2025

Vol.No. 36 ■ No.313 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ସାଗରିକା ପୂଜା ସଂଖ୍ୟା

ସାଗରିକା

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


# ଓଡ଼ିଶା ବିଧାନସଭାରେ ଉଦ୍‌ବୋଧନ ଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

## ସ୍ମୃତି ରୋମନ୍ଥନ କଲେ ଓ ଦେଲେ 'ଭବିଷ୍ୟତ ଭାରତ' ଗଠନର ଗୁରୁମନ୍ତ୍ର



ଭୁବନେଶ୍ୱର, ୨୭/୧୧ (ନି.ପ୍ର): ଓଡ଼ିଶା ବିଧାନସଭାରେ ଆଜି ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ପ୍ରାୟ ୧୫ ବର୍ଷ ପରେ ଦ୍ରୌପଦୀ ମୁର୍ମୁଙ୍କୁ ଓଡ଼ିଶା ବିଧାନସଭାରେ ଦେଖିବାକୁ ମିଳିଛି। ସପ୍ତଦଶ ବିଧାନସଭାର ୫ମ ଅଧିବେଶନ ତଥା ଶୀତକାଳୀନ ଅଧିବେଶନ-୨୦୨୫ର ପ୍ରଥମ ଦିନରେ ବିଧାୟକ, ଅଧିକାରୀ ଓ ନିମନ୍ତ୍ରିତ ଅତିଥିମାନେ ତତ୍‌କାଳୀନ ରାଇରଂଗପୁର ବିଧାୟକ ତଥା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଭାଷଣ ନିଜ ସାମ୍ନାରୁ ଶୁଣିବାକୁ ପାଇପାରିଛନ୍ତି। ଶ୍ରୀମତୀ ମୁର୍ମୁ ବିଧାୟକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ଦେଇଛନ୍ତି। ସେ ତାଙ୍କର ଅନ୍ତର୍ଦୃଷ୍ଟି ଏବଂ ବିଶେଷଜ୍ଞତା ଆଇନ ପ୍ରଣେତାଙ୍କ ସହ ବାଣ୍ଟିଛନ୍ତି। ତାଙ୍କ ଅଭିଭାଷଣ ବିଧାନସଭାରେ ଲୋକଙ୍କ ସମସ୍ୟାର ପ୍ରଭାବଶାଳୀ ପ୍ରତିନିଧିତ୍ୱର ଗୁରୁତ୍ୱକୁ କେନ୍ଦ୍ରିତ କରୁଛି। ମହାମହିମଙ୍କର ଏହି ସମ୍ବୋଧନ ଓଡ଼ିଶା ବିଧାନସଭା ପାଇଁ ଇତିହାସରେ ଲିପିବଦ୍ଧ ହୋଇଛି। ଓଡ଼ିଶା ବିଧାନସଭାରେ ପ୍ରଥମ ଥର ପାଇଁ ଜଣେ ରାଷ୍ଟ୍ରପତି ଅଭିଭାଷଣ ରଖିଛନ୍ତି। ଦେଶର ଅନ୍ୟ ୯ଟି ବିଧାନସଭାରେ ଦ୍ରୌପଦୀ ମୁର୍ମୁ ସମ୍ବୋଧିତ କରିଥିବାର ଅଭିଜ୍ଞତା ରଖିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅପରାହ୍‌ଣରେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିଥିଲେ। ସେଠାରୁ ସେ ସ୍ୱତନ୍ତ୍ର କାରକେଡ୍ ମାଧ୍ୟମରେ ରାଜଭବନକୁ ଯାଇଥିଲେ। ରାଜଭବନରେ ସାମୟିକ ବିଶ୍ରାମ ପରେ ଓଡ଼ିଶା ବିଧାନସଭାରେ ପହଞ୍ଚି ଥିଲେ। ବିଧାନସଭାରେ ତାଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ବିଧାୟକ ଓ ସାଂସଦମାନେ ସ୍ୱାଗତ ଜଣାଇଥିଲେ। ତାଙ୍କ ଅଭିଭାଷଣ ପୂର୍ବରୁ ବିଧାୟକମାନଙ୍କ ସହିତ ଏକ ଫଟୋ ସେସନ୍ ହୋଇଥିଲା। ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାରି ମଧ୍ୟରେ ୨୯ଟି କାର୍ଯ୍ୟ ଦିବସ ରହିବ। ଅଧିବେସନର ଦ୍ୱିତୀୟ ଦିନରେ ଶୁକ୍ରବାର (ନଭେମ୍ବର ୨୮) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ବର୍ଷ ପାଇଁ ପ୍ରଥମ ପରିପୂରକ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି। ଡିସେମ୍ବର ୪ ତାରିଖରେ ବିଭିନ୍ନ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ଆଲୋଚନା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ▶▶ପୃଷ୍ଠା ୭

## ଆଧାର କାର୍ଡ ରଖିଥିବା ବିଦେଶୀଙ୍କୁ ମିଳିବ କି ଭୋଟିଂ ଅଧିକାର ?: ବଡ଼ ପ୍ରଶ୍ନ କଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ, ୨୭/୧୧ : ବିଭିନ୍ନ ରାଜ୍ୟରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ସର୍ଭେ ବା ଏସ୍‌ଆଇଆରରେ ଆଧାର କାର୍ଡର ଭୂମିକାକୁ ନେଇ ବଡ଼ ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ। ଆଧାର କାର୍ଡ ହାସଲ କରିଥିବା ବିଦେଶୀ ନାଗରିକ ବା ଅନୁପ୍ରବେଶକାରୀଙ୍କୁ କ'ଣ ଆପେଆପେ ଭୋଟର ତାଲିକାରେ ସାମିଲ ହେବାକୁ ଅନୁମତି ମିଳିବ? ଜନକଲ୍ୟାଣ ମୂଳକ ଯୋଜନା ଯଥା ସବସିଡି ରାସନ ପାଇଁ ବିଦେଶୀ ନାଗରିକ ମଧ୍ୟ ଆଧାର କାର୍ଡ ହାସଲ କରୁଛନ୍ତି। ଏଥିରେ କୌଣସି ପ୍ରକାରର ଅସୁବିଧା ନାହିଁ। କିନ୍ତୁ ସମସ୍ତ ଆଧାର କାର୍ଡଧାରୀଙ୍କୁ ଭୋଟିଂ ଅଧିକାର ମିଳିବ କି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ଏସ୍‌ଆଇଆର ବେଳେ ସର୍ବୋଚ୍ଚ ଅଦାଲତ ୧୨ତମ ଦସ୍ତାବିଜ ଭାବେ ଆଧାର କାର୍ଡକୁ ବ୍ୟବହାର କରିବା ପାଇଁ ଅନୁମତି ଦେଇଛନ୍ତି। ବିହାର ଏସ୍‌ଆଇଆର ବେଳେ ସର୍ବୋଚ୍ଚ ଅଦାଲତ ଆଧାର କାର୍ଡକୁ ବୈଧ ଦସ୍ତାବିଜ ଭାବେ ଗ୍ରହଣ କରାଯାଇ ପାରିବ ବୋଲି ମତ ରଖିଥିଲେ। ତଥାପି ଏସ୍‌ଆଇଆର ବିରୋଧୀ ଆବେଦନ ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଆଧାରକୁ ନେଇ ଏପରି ପ୍ରଶ୍ନ କରିଛନ୍ତି। ଆଧାର ଗୋଟିଏ ଆଇନଗତ କାଗଜ। କଲ୍ୟାଣକାରୀ ଯୋଜନାର ଲାଭ ପାଇବା ପାଇଁ ଆଧାର କାର୍ଡର ବ୍ୟବହାରକୁ ନେଇ କୌଣସି ବିବାଦ ନାହିଁ। କିନ୍ତୁ ମନେକରନ୍ତୁ ଯେ ଜଣେ ବ୍ୟକ୍ତି ପଡ଼ୋଶୀ ଦେଶରୁ ଭାରତକୁ ଆସୁଛନ୍ତି। ଏଠାରେ ସେ ଶ୍ରମିକ କିମ୍ବା ରିକ୍ସା ଚାଳକ ଭାବେ କାମ କରୁଛନ୍ତି। ସେ ଅତ୍ୟନ୍ତ ଗରିବ ହୋଇଥିବାରୁ ନିଜର ପିଲାମାନଙ୍କୁ ରାସନ ଦେବା ପାଇଁ ଆଧାର କାର୍ଡ ହାସଲ କରୁଛନ୍ତି। ଏହା ଆମର ସାମ୍ବିଧାନିକ ନୈତିକତା ଓ ମାନବିକତା। ଏହାର ଅର୍ଥ କ'ଣ ତାଙ୍କ ପାଖରେ ଆଧାର କାର୍ଡ ଥିବାରୁ ତାଙ୍କୁ ଭାରତର ମତଦାତା ବନେଇବା ଦେବା ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଆବେଦନକାରୀ ଓକିଲ କପିଲ ଶିବଲଙ୍କୁ ପ୍ରଶ୍ନ କରିଛନ୍ତି। ନିର୍ବାଚନ କମିଶନଙ୍କ ପକ୍ଷରୁ ଚାଲିଥିବା ଏସ୍‌ଆଇଆରର ସାମ୍ବିଧାନିକ ବୈଧତା ଉପରେ ଉଠିଥିବା ପ୍ରଶ୍ନର ଶୁଣାଣି ବେଳେ ସୁପ୍ରିମକୋର୍ଟ ଏପରି କହିଛନ୍ତି। ଏହାର ଜବାବରେ ଶିବଲ କହିଛନ୍ତି ଯେ ନିଶ୍ଚିତ ଭାବେ ଏହା ସମ୍ଭବତଃ କିଛି ସୀମାନ୍ତ ରାଜ୍ୟରେ ସତ ହୋଇପାରେ। କିନ୍ତୁ ଏହା କେରଳ ଓ ବିହାର ଭଳି ରାଜ୍ୟ ପାଇଁ ସତ ନୁହେଁ। ବିହାର ପରେ ତାମିଲନାଡୁ, କେରଳ, ▶▶ପୃଷ୍ଠା ୭

## ପୁଲିସ ଏସଆଇ ନିଯୁକ୍ତି କେଳେଙ୍କାରୀ ମାମଲା: ୪ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେଲା ତଦନ୍ତକାରୀ ଟିମ୍

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ପୁଲିସ ଏସଆଇ ନିଯୁକ୍ତି କେଳେଙ୍କାରୀକୁ ନେଇ ଆକ୍ସନ ମୋଡ୍‌ରେ ମୋଡରେ ସିବିଆଇ । କୋର୍ଟଙ୍କ ଅନୁମିତ ପାଇବା ପରେ, ୪ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେଇଛି । ଜଣ ଜଣ କରି ୪ ଦଲାଲଙ୍କୁ ଝାରପଡା ଜେଲରୁ କଡା ସୁରକ୍ଷା ବଳୟ ହେପାଜତକୁ ନେଉଛି ସିବିଆଇ । ମେଡିକାଲ ଯାଞ୍ଚ ପରେ, ସିବିଆଇ କାର୍ଯ୍ୟାଳୟକୁ ନେଇଛି । ଅଭିଯୁକ୍ତ ଦଲାଲ ଲୋକନାଥ ସାହୁ, ତାରିଫ ଅହମ୍ମଦ ଖାନ୍, ବିଶ୍ୱରଞ୍ଜନ ବେହେରା ଓ ବିଶ୍ୱଜିତ ହରିଚନ୍ଦନଙ୍କୁ ଭୁବନେଶ୍ୱର କାର୍ଯ୍ୟାଳୟରେ ଆରମ୍ଭ ହୋଇଛି ପ୍ରଥମ ଦିନର ମାରାଥାନ୍ ଜେରା । କେଳେଙ୍କାରୀର କଳା କାରନାମା ଖୋଳତାଡ଼ ପାଇଁ, ସିବିଆଇ କାର୍ଯ୍ୟାଳୟରେ ଦେଖିବାକୁ ମିଳିଥିଲା ଆଉ ଏକ ସ୍ୱତନ୍ତ୍ର ଟିମ୍ । ସିବିଆଇର ଟେକ୍ନିକାଲ ଦିଲ୍ଲୀ ଟିମ୍ ପହଞ୍ଚିଥିଲା । ଭୁବନେଶ୍ୱରରେ ୧୫ଜଣରୁ ଅଧିକ ଥିବା ଏହି ଟିମରେ ରହିଛନ୍ତି ବଛା ବଛା ଆଇଟି ଓ ସାଇବର ଏକ୍ସପର୍ଟ । ବିଶେଷକରି ତଦନ୍ତ ବେଳେ ମିଳିଥିବା ଡିଜିଟାଲ ପ୍ରମାଣପତ୍ରର ଖୋଳତାଡ଼ ପାଇଁ ଏହି ଟିମ୍ ଭୁବନେଶ୍ୱର ଆସିଥିବା କୁହାଯାଉଛି । ଏହା ସହିତ ଡିଲିଟ୍ କରାଯାଇଥିବା ଡାଟା, ଟଙ୍କା କାରବାରର ଉତ୍ସ ଏବଂ ଦଲାଲଙ୍କ ସହ ଲିଙ୍କରେ ଥିବା ବଡ଼ ବଡ଼ୁଆଙ୍କ ଲିଙ୍କର ହେବ ଖୋଳତାଡ଼ । ଏହି ଘଟଣାରେ ୫୦ରୁ ଅଧିକ ପରୀକ୍ଷାର୍ଥୀଙ୍କୁ ଜେରା କରିଲାଣି ସିବିଆଇ । କେମିତି, କାହାକୁ, କେବେ ଏବଂ କେତେ ଟଙ୍କା ନେଣଦେଣ ହୋଇଛି ସେ ବାବଦରେ ଅନେକ ଗୁଡ଼ିଏ ସୁରାଗ୍ ପାଇଛି ।

## ଶିକ୍ଷକ ବଦଳିକୁ ନେଇ ସାଂସଦ-ବିଧାୟକଙ୍କ କ୍ଷମତା ପ୍ରସଙ୍ଗ: ରାଜ୍ୟ ସରକାର କରିଥିବା ଚିଠିକୁ ଖାରଜ କଲେ ହାଇକୋର୍ଟ



ଭୁବନେଶ୍ୱର, ୨୭/୧୧ (ନି.ପ୍ର): ବିଧାୟକଙ୍କ ମନ ମୁତାବକ ହୋଇପାରିବନି ଶିକ୍ଷକ ବଦଳି । ସୁପାରିସରେ ଶିକ୍ଷକ ବଦଳି ପାଇଁ ବିଧାୟକଙ୍କୁ କ୍ଷମତା ଦେଇଥିଲେ ସରକାର । ହେଲେ ବିଧାୟକଙ୍କ ଠାରୁ ଏହି କ୍ଷମତା ଛଡ଼ାଇ ନେଇଛନ୍ତି ହାଇକୋର୍ଟ । କହିଛନ୍ତି, ଶିକ୍ଷାବ୍ୟବସ୍ଥାରେ ରାଜନୈତିକ ହସ୍ତକ୍ଷେପ ଉଚିତ ନୁହେଁ । ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବିରୋଧୀ ସ୍ୱାଗତ କରିଥିବା ବେଳେ ମନ୍ତ୍ରୀ କହିଛନ୍ତି, ଆଗକୁ ବଦଳିରେ ସ୍ୱଚ୍ଛତା ଆଣିବୁ । ସରକାର ନିଷ୍ପତ୍ତି ନେଇଥିଲେ, ହାଇକୋର୍ଟ ନାଲିଛକି ପକାଇଦେଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବଦଳି ପାଇଁ ସାଂସଦ ଓ ବିଧାୟକଙ୍କୁ ସରକାର ଦେଇଥିବା କ୍ଷମତାକୁ ଅପସାରଣ କରିଛନ୍ତି ହାଇକୋର୍ଟ । ଶିକ୍ଷା କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପକୁ ନାପସନ୍ଦ କରିଛନ୍ତି ହାଇକୋର୍ଟ । ବିଧାୟକଙ୍କ ସୁପାରିସରେ ବଦଳି ନିର୍ଦ୍ଦେଶ ପରେ ମାମଲା ହାଇକୋର୍ଟରେ ପହଞ୍ଚିଥିଲା । ନିୟମ ଉଲ୍ଲଂଘନ କରି ବଦଳି କରାଯାଉଥିବା ଅଭିଯୋଗ କରିଥିଲେ ଆବେଦନକାରୀ। ଶୁଣାଣି କରି ହାଇକୋର୍ଟ କହିଛନ୍ତି, ବଦଳି ପରେ କାର୍ଯ୍ୟରେ ଯୋଗ ଦେଇଥିଲେ ଚଳିତ ଶିକ୍ଷା ବର୍ଷ ପର୍ଯ୍ୟନ୍ତ ସେଠାରେ ରହିବେ ଶିକ୍ଷକ । ଆସନ୍ତା ଶିକ୍ଷାବର୍ଷ ଆରମ୍ଭର ୭ ଦିନ ଭିତରେ ପୂର୍ବ ନିଯୁକ୍ତି ସ୍ଥାନକୁ ଫେରିବେ । ଶିକ୍ଷକ ବଦଳିକୁ ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ଭିତରେ ତେଜିଛି ରାଜନୀତି । ଏହି ଶିକ୍ଷକ ବଦଳି ଜରିଆରେ ଟଙ୍କା କାରବାର ହୋଇଥିବାର ▶▶ପୃଷ୍ଠା ୭

## ସାମ୍ବାଦିକଙ୍କୁ ପେନସନ ଦେବା ପ୍ରସ୍ତାବ ବିଚାରାଧିନ ରହିଛି

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ ପାଇଁ ଆସିଥିବା ପ୍ରସ୍ତାବ ରାଜ୍ୟ ସରକାରଙ୍କର ବିଚାରାଧିନ ରହିଛି । ଗଣମାଧ୍ୟମ ପ୍ରତିନିଧିଙ୍କୁ ପେନସନ ପ୍ରଦାନ ନେଇ ବିଜେପି ବିଧାୟକ ଟଙ୍କଧ ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ ପାଇଁ ବିଭନ୍ନ ସଂସ୍ଥା ପକ୍ଷରୁ ଦିଆଯାଇଥିବା ଅନୁରୋଧପତ୍ର ସରକାରଙ୍କର ହସ୍ତଗତ ହୋଇଥିବାବେଳେ ଏହା ସରକାରଙ୍କର ବିଚାରାଧିନ ରହିଛି।

## ହ୍ୱାଇଟହାଉସ ଗୁଳିକାଣ୍ଡ ପଛରେ ପାକିସ୍ତାନ : ତାଲିବାନ

ନୂଆଦିଲ୍ଲୀ, ୨୭/୧୧ : ଆମେରିକାରେ ହ୍ୱାଇଟ୍ ହାଉସ୍ ଉପରେ ଆକ୍ରମଣ କରିଥିବା ଜଣେ ଆଫଗାନିସ୍ତାନ ନାଗରିକଙ୍କ ଉପରେ ଅଭିଯୋଗ ଆସିଛି। ଏହାକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଫଗାନିସ୍ତାନକୁ ଦାୟୀ କରିଛନ୍ତି । ଏବେ ଏହାର ଜବାବ ଦେଇଛି ତାଲିବାନ । ତାଲିବାନ ମୁଖପାତ୍ର ସୁହେଲ୍ ଶାହିନ୍ ଆକ୍ରମଣରେ ଆଇଏସଆଇ ଷଡ଼ଯନ୍ତ୍ର ସନ୍ଦେହ କରି କହିଛନ୍ତି ଯେ ଆଫଗାନିସ୍ତାନକୁ ଫସାଇବା ଓ ଆଫଗାନିସ୍ତାନର ପ୍ରତିଷ୍ଠାକୁ କଳଙ୍କିତ କରିବା ପାଇଁ ଏକ ପ୍ରୟାସ କରାଯାଉଛି। ସେ ଦାବି କରିଛନ୍ତି ଯେ ଏକ ବାହ୍ୟ ଗୁପ୍ତଚର ନେଟଓ୍ୱାର୍କ ବିଦେଶରେ ଥିବା ଆଫଗାନିସ୍ତାନବାସୀଙ୍କ ପାଇଁ ସୁରକ୍ଷା ବିପଦ ସୃଷ୍ଟି କରିବା ପାଇଁ ଏହି ଷଡ଼ଯନ୍ତ୍ର କରିଥିଲା। ଶାହିନ ତାଲିବାନର ଦୀର୍ଘକାଳୀନ ନୀତିକପ ଦୋହରାଇ କହିଛନ୍ତି, 'ଆମର ନୀତି ସ୍ୱଷ୍ଟ - ଆମେ ବିଦେଶରେ ଆକ୍ରମଣ ପାଇଁ କାହାକୁ ଆଫଗାନ ମାଟି ବ୍ୟବହାର କରିବାକୁ ଅନୁମତି ଦେଉନାହୁଁ।' ରିପୋର୍ଟ ଅନୁଯାୟୀ, ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିକାଣ୍ଡ ପାଇଁ ସନ୍ଦିଗ୍ଧ ଆକ୍ରମଣକାରୀଙ୍କୁ ଗିରଫ କରାଯାଇଛି। ତାକୁ ଆଫଗାନିସ୍ତାନ ନାଗରିକ ରହମାନୁଲ୍ଲା ଲକାନୱାଲ୍ ଭାବରେ ଚିହ୍ନଟ କରାଯାଇଛି। ଏହି ଘଟଣାରେ ବିରକ୍ତ ହୋଇ ଟ୍ରମ୍ପ୍ ଅପରାଧୀମାନଙ୍କୁ 'ପଶୁ' ବୋଲି କହିଛନ୍ତି ଏବଂ କଡ଼ା ଜବାବ ଦେବାର ପ୍ରତିଶ୍ରୁତି ଦେଇଛନ୍ତି। ସେ ୨୦୨୧ ରେ ଆଫଗାନିସ୍ତାନରୁ ଆମେରିକାରେ ପ୍ରବେଶ କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ପୁନଃପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପଶ୍ଚିମବଙ୍ଗ ଜିତିବାକୁ ବିଜେପିର ବଡ଼ ରଣନୀତି



ନୂଆଦିଲ୍ଲୀ, ୨୭/୧୧ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ବିଜେପି ପ୍ରସ୍ତୁତ କରୁଛି ବଡ଼ ପ୍ଲାନ୍ । ବିହାର ନିର୍ବାଚନରେ ସଫଳତା ପାଇବା ପରେ ଦଳ ଏବେ ପଶ୍ଚିମବଙ୍ଗକୁ ୫ଟି ଜୋନରେ ଭାଗ କରି ନିଜ ସଙ୍ଗଠନକୁ ଆହୁରି ଅଧିକ ମଜଭୁତ କରିବାକୁ ପ୍ଲାନ୍ ପ୍ରସ୍ତୁତ କରିଛି । ଏମିତି କି ୬ ରାଜ୍ୟର ୧୨ ଜଣ ବରିଷ୍ଠ ନେତାଙ୍କୁ ମଧ୍ୟ ବେଙ୍ଗଲ ପଠେଇ ଦଳ ସେଠାରେ ସଙ୍ଗଠନକୁ କିଭଳି ଆହୁରି ଅଧିକ ସୁଦୃଢ଼ କରିହେବ ସେନେଇ ସବୁକିଛି କଥାବାର୍ତ୍ତା ସରିଛି । ଏହି ୧୨ ଜଣ ନେତାଙ୍କ ଭିତରେ ୬ ଜଣ ସଙ୍ଗଠନର ମନ୍ତ୍ରୀ ଥିବାବେଳେ, ଆଉ ୬ ଜଣ ସହାୟକ ନେତା ଏବଂ ମନ୍ତ୍ରୀ ଅଛନ୍ତି। ବିଜେପିର ଲକ୍ଷ୍ୟ ରହିଛି ଯେ, ଏହି ସମୟରେ ୭୫ ପ୍ରତିଶତ ବୁଥରେ କିଭଳି ଦଳକୁ ଆହୁରି ଅଧିକ ସଙ୍ଗଠିତ କରିପାରିବ । ଖାସ୍ ଏହି ସବୁ ବୁଥରେ ଦଳର ଭୋଟ୍ ସେୟାର କେମିତି ଅଧିକ ବୃଦ୍ଧି ପାଇପାରିବ ସେନେଇ ରଣନୀତି ପ୍ରସ୍ତୁତ କରାଯାଇଛି । ପଶ୍ଚିମବଙ୍ଗରେ ପଦ୍ମ ଫୁଟେଇବାକୁ ଏଥର ବିଜେପି ଭୂପେନ୍ଦ୍ର ଯାଦବଙ୍କୁ ଦାୟିତ୍ୱ ଦେଇଛି । ତାଙ୍କୁ ବିହାରର ମୁଖ୍ୟ ନିର୍ବାଚନ ପ୍ରଭାରୀ ଭାବେ ଦାୟିତ୍ୱ ଦିଆଯାଇଛି । ତାଙ୍କ ସହ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଲୋକସଭା ସାଂସଦ ବିପ୍ଳବ କୁମାର ଦେବଙ୍କୁ ସହ-ପ୍ରଭାରୀ ଭାବେ ଦାୟିତ୍ୱ ଦିଆଯାଇଛି । ପଶ୍ଚିମବଙ୍ଗରେ ବିଜେପିକୁ ଶକ୍ତିଶାଳୀ କରିବାକୁ ପ୍ରତ୍ୟେକ ଜୋନରେ ଜଣେ ସଂଗଠନ ମନ୍ତ୍ରୀ ଏବଂ ଜଣେ ବରିଷ୍ଠ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି । ଉତ୍ତର ବଙ୍ଗ ପାଇଁ ଅରୁଣାଚଳ ପ୍ରଦେଶର ସଂଗଠନ ମନ୍ତ୍ରୀ ନାରାୟଣ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ରାଢ଼ବଙ୍ଗା ପାଇଁ ପବନ ସାଇ ଏବଂ ଧନସିଂହ ରାଓ୍ୱତଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ପବନ ରାଣା ଏବଂ ସଞ୍ଜୟ ଭାଟିଆଙ୍କୁ ହାଓ୍ୱଡା, ୟୁପି ମନ୍ତ୍ରୀ ଜେପିଏସ ରାଠୋରଙ୍କୁ ମେଦିନୀପୁର, ହିମାଚଳ ପ୍ରଦେଶର ଏମ୍. ସିଦ୍ଧାର୍ଥନ୍ ଏବଂ କର୍ଣ୍ଣାଟକରୁ ସିଟି ରବିଙ୍କୁ କୋଲକାତା-ଦକ୍ଷିଣ ୨୪ ପରଗଣାରେ ଦାୟିତ୍ୱ ଦିଆଯାଇଛି। ଏହାସହ ଉତ୍ତର ବଙ୍ଗ ଜୋନର ତଦାରଖ ରାଜସ୍ଥାନର ପୂର୍ବତନ ▶▶ପୃଷ୍ଠା ୭

## ଡିସେମ୍ବର ୧ ତାରିଖରୁ ବସ୍ ବନ୍ଦ ଡାକରା ନିଷ୍ପତ୍ତି ପ୍ରତ୍ୟାହୃତ

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ଡିସେମ୍ବର ୧ ତାରିଖରୁ ବସ୍ ବନ୍ଦ ଡାକରା ନିଷ୍ପତ୍ତି ପ୍ରତ୍ୟାହୃତ ହୋଇଛି। ବସ୍ ବନ୍ଦ ଡାକରା ପ୍ରତ୍ୟାହୃତ ନେଇ ଘରୋଇ ବସ୍ ସଂଘ ସୂଚନା ଦେଇଛି । ପରିବହନ ବିଭାଗ ସହ ଆଲୋଚନା ପରେ ପ୍ରତ୍ୟାହୃତ ହୋଇଛି ବନ୍ଦ ଡାକରା । ପୋଲିସ ଚେକିଂ ବ୍ୟବସ୍ଥା ଲାଗୁ ହେବନି ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ ହୋଇଛି। ନିଷ୍ପତ୍ତି ନେଇ ଅଧିକ ତର୍ଜମା ଓ ପରୀକ୍ଷଣ ସାପେକ୍ଷ ପ୍ରସ୍ତାବ ସହମତି ପ୍ରକାଶ ପାଇଛି । ରାଜ୍ୟ ସରକାରଙ୍କ ତରଫରୁ ▶▶ପୃଷ୍ଠା ୭

## ମହାକାଶ ଅଭିଯାନରେ ଆଉ ପାଦେ ବଢ଼ିଲା ଭାରତ: ପ୍ରଥମ ଘରୋଇ ସ୍ପେସ୍ ରକେଟ୍ ବିକ୍ରମ ୧କୁ ଉନ୍ମୋଚନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୭/୧୧ : ମହାକାଶ ଅଭିଯାନ କ୍ଷେତ୍ରରେ ଆଉ ପାଦେ ଆଗେଇଲା ଭାରତ । ଉନ୍ମୋଚିତ ହୋଇଛି ପ୍ରଥମ ଘରୋଇ ସ୍ପେଶ୍ ରକେଟ୍ ବିକ୍ରମ-୧ । ଘରୋଇ ମହାକାଶ ସଂସ୍ଥା ସ୍କାଏରୁଟର ଇନଫିନିଟି କ୍ୟାମ୍ପସ୍ ଉଦଘାଟନ ସହ ବିକ୍ରମ-୧କୁ ଉନ୍ମୋଚିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ତେବେ କଣ ଏହି ବିକ୍ରମ-୧ ରକେଟ୍ ଏବଂ ଏହା କାହିଁକି ସମୟର ଆହ୍ୱାନ। ଆଉ କେବଳ ଇସ୍ରୋ ନୁହେଁ, ▶▶ପୃଷ୍ଠା ୭



# ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଂଟ

ଚମ୍ପୁଆ,୨୭/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ତଡୁଆବାହାଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଙ୍ଗୁଲିଆ ଗ୍ରାମର ନାୟକ ସାହି କୀର୍ତନ ମଣ୍ଡପ ସାମ୍ନାରେ ଥିବା ବିଦ୍ୟୁତ୍ ଖୁଂଟ ରହିଛି ବିପଦ ସଙ୍କୁଳ ଅବସ୍ଥାରେ। ଘରକୁ ଘର ବିଦ୍ୟୁତ୍ ସଂଯୋଗ ଲାଗି ଲୁହା ଖୁଣ୍ଟ ପୋତା ଯାଇଥିବା ବେଳେ ଖୁଂଟ ଟି ଜଙ୍କ ଲାଗି ଦୀର୍ଘ ଦିନ ହେବ ପୁରା ଭାଙ୍ଗିବା ଅବସ୍ଥାରେ ରହିଛି। ଟାଟା ପାୱାର ର ବିଦ୍ୟୁତ୍ ଅଧିକାରୀଙ୍କ ଅବହେଳା କାରଣରୁ କେତେବେଳେ ବି ଘଟିପାରେ ଅଘଟଣ। ଘରକୁ ଘର ସଂଯୋଗ ଲାଗି ବ୍ୟବହୃତ ହେଉଥିବା ବିଦ୍ୟୁତ୍ ଖୁଂଟ ବିପଦ ସଙ୍କୁଳ ଅବସ୍ଥାରେ ରହିଥିଲେ ମଧ ଏହା ପ୍ରତି ନଜର ଦେଉନାହାନ୍ତି ବିଦ୍ୟୁତ୍ ଅଧିକାରୀ । ମାସକୁ ମାସ ଘର ଘର ବୁଲି ଲାଇନ୍ ବିଲ୍ ଟଙ୍କା ନେବାରେ ବ୍ୟସ୍ତ ଥିବା ବେଳେ ଖୁଂଟ ପ୍ରତି ନଜର ପଡୁନି କାହାର, ସ୍ଥାନୀୟ ଲୋକେ କହିବା ଅନୁଯାୟୀ ଦୀର୍ଘ ଦିନରୁ ଏପରି ଅବସ୍ଥା ରେ ବିଦ୍ୟୁତ୍ ଖୁଂଟ ଥିଲେ ହେଁ କେହି ଏହାକୁ କାର୍ଯ୍ୟକ୍ଷମ କରିବାକୁ ମନସ୍ଥ କରୁନାହାନ୍ତି, ପ୍ରାୟ ସମୟରେ ଛୋଟ ପିଲା, ସ୍କୁଲ କଲେଜ ଛାତ୍ର ଛାତ୍ରୀ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଲୋକ ମାନେ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି, ଆଖ ପାଖ ରେ ଲାଗି କି ରହିଛି ଚାଳ ଛପର ଘର। କୀର୍ତ୍ତନ ମଣ୍ଡପ ଥିବା ହେତୁ ପ୍ରାୟ ସମୟରେ ପିଲାମାନେ ବସା ଉଠା କରିବା ସହ ଖେଳ କୁଦ କରିଥାନ୍ତି। ଏଣୁ କେତେ ବେଳେ ଯେ ବଡ ଅଘଟଣ ଘଟିଯିବ ତାହା କହି ହେବ ନାହିଁ, ଯଥା ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି।

# ତିନିଦିନିଆ ରାଜ୍ୟ ସ୍ତରୀୟ ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ଯୋଗାସନ ପ୍ରତିଯୋଗିତା ଉଦ୍‌ଯାପିତ

ମାଲକାନଗିରି,୨୭/୧୧ (ନି.ପ୍ର): ବୁଧବାର ତିନିଦିନିଆ ରାଜ୍ୟ ସ୍ତରୀୟ ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ଯୋଗାସନ ପ୍ରତିଯୋଗିତା ଉଦଯାପନି କାର୍ଯ୍ୟକ୍ରମ ମାଲକାନଗିରି ଜିଲ୍ଲା ସ୍ଥିତ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଏମଭି - ୭ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରର ଉଦଯାପନୀ ଦିବସରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିଭାଗୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯୋଗ ପ୍ରତିଯୋଗିତା ପ୍ରଦର୍ଶନ ହୋଇଥିଲା । ପରେ କ୍ରୀଡ଼ା ପତାକା ଅବତରଣ ଓ ଉଦଯାପନୀ ସମାରୋହ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଂଜ ପାଣିଗ୍ରାହୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମୁଖ୍ୟ ଅତିଥି ଶ୍ରୀମତୀ ସମାରୀ ଟାଙ୍ଗୁଲ ଅଧକ୍ଷା ଜିଲ୍ଲା ପରିଷଦ , ବରେଣ୍ୟ ଅତିଥି ସୋମେଶ କୁମାର ଉପାଧ୍ୟାୟ ଜିଲ୍ଲାପାଳ , ଜ୍ୟୋତି ପ୍ରକାଶ ପରିଡ଼ା ସହକାରୀ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା, ମଞ୍ଜୁଲତା ଭୋଇ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାଲକାନଗିରି, ଭାଗୀରଥି ବେହେରା ଅତିରିକ୍ତ ଶିକ୍ଷା ଅଧିକାରୀ ମାଲକାନଗିରି, ଅସିତ୍ ମିସ୍ତ୍ରୀ ବ୍ଲକ ଶିକ୍ଷାଧିକାରୀ କୋରୁକୋଣ୍ଡା, ସୁମିତ ବିଶ୍ୱାସ ବ୍ଲକ ଶିକ୍ଷାଧିକାରୀ ମାଥିଲି, ମମତା ସୟ ବ୍ଲକ ଶିକ୍ଷାଧିକାରୀ ମାଲକାନଗିରି ଓ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ । ଏହି ଯୋଗାସନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଭାଗୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ କିପରି ରାଜ୍ୟ ନୁହେଁ ଦେଶର ନାମ ଉଚ୍ଚା କରିହେବ ସେଥି ପ୍ରତି ଯତ୍ନବାନ ରହିବାକୁ ପରାମର୍ଶ ଦେଇଥିଲେ, ଅହରହ ପ୍ରୟାସ ଜାରି ରଖିଲେ ଶ୍ରମ ନିଶ୍ଚିତ ସାକାର ହୋଇ ପାରିବ ବୋଲି ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀଯୁକ୍ତ ଉପାଧ୍ୟାୟ ପ୍ରକାଶ କରିଥିଲେ। ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଭାଗୀରଥି ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥି ପରିଚୟ ପରେ ଅତିଥି ମାନଙ୍କଦ୍ୱାରା ଜଗତର ନାଥ ପ୍ରଭୂ ଜଗନ୍ନାଥଙ୍କ ପାଖରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରା ଯାଇଥିଲା ! ପରେ ରାଜ୍ୟରୁ ଆସିଥିବା ପ୍ରତିଭାଗୀଙ୍କ ଦ୍ୱାରା ଜିଲ୍ଲା ୱାରୀ ମାର୍ଚ୍ଚପାଷ୍ଟ ହୋଇଥିଲା ।ମୁଖ୍ୟ ଅତିଥି ଜିଲ୍ଲାପାଳଙ୍କ ଦ୍ୱାରା କ୍ରୀଡ଼ା ମଶାଲ ନିର୍ବାପିତ ପରେ ବିଭିନ୍ନ ବର୍ଗର ବିଜେତା ମାନଙ୍କୁ ଟ୍ରଫି ବିତରଣ କରାଯାଇଥିଲା । ପରେ ଜିଲ୍ଲାର ସ୍ଥାନୀୟ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଦର୍ଶନ କରା ଯାଇଥିଲା ।

# ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ 'ସମ୍ବିଧାନ ଦିବସ' ପାଳିତ

ନୂଆପଡ଼ା,୨୭/୧୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ତରଫରୁ 'ସମ୍ବିଧାନ ଦିବସ' ମହାସମାରୋହରେ ଆଜି ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଭାଗ ମୁଖ୍ୟ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ସମ୍ମାନୀତ ଅତିଥି ଭାବରେ ଯୁକ୍ତ ଦୁଇ ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼.ରଣବୀର ସିଂହ, ରସାୟନ ବିଭାଗ ମୁଖ୍ୟ ଡ଼.ତରୁଣ କୁମାର ପ୍ରଧାନ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତା ଭାବରେ ଏମ.ଏଲ.ଏ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ, କଣ୍ଟାବାଞ୍ଜିର ଇଂରାଜୀ ଅଧ୍ୟାପିକା ସଂଜୀବନୀ ସୁଧା ରଥ ପ୍ରମୁଖ ଯୋଗଦେଇ ସମ୍ବିଧାନ ଦିବସର ମହତ୍ତ୍ୱ ବିଷୟରେ ଆଲୋଚନା କରି, ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କର ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇ ଏକ ଉତ୍ତମ ନାଗରିକ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁକ୍ତ ତିନି ଛାତ୍ରୀ ମଞ୍ଜୁଶ୍ରୀ ପଣ୍ଡା ଅତିଥି ଆମନ୍ତ୍ରଣ ସହ ମଞ୍ଚ ପରିଚାଳନା କରିଥିବା ବେଳେ ଯୁକ୍ତ ତିନି ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ଛାତ୍ରୀ ତନୁଶ୍ରୀ ବିଶି, ଶ୍ରୁତି ମଞ୍ଜରୀ ବିଶି, ପରି ଟଣ୍ଡନ, ଚର୍ଚ୍ଚିତା ନାଏକ, ଜସ୍ମିତା ପାଣ୍ଡେ, ଛାତ୍ର ଓମ ପ୍ରକାଶ ନାଏକ, କ୍ଷିତୀଶ ମେହେର, ସ୍ୱପ୍ନ ସୁନ୍ଦର ରାଉତରାୟ, ଆଶୁତୋଷ ରଥ, ସନ୍ଦୀପ ନାଏକ, ଅଚ୍ୟୁତ ବାଗ, ଡୁଳେଶ୍ୱର ପଟେଲ, ଜଗଦିଶ ବାଗ, ନରୋତ୍ତମ ବିଶି, ବସନ୍ତ ଦଣ୍ଡସେନା,ବିପିନ ବିଶି ପ୍ରମୁଖ ନିବନ୍ଧ ପାଠ ତଥା ସମ୍ବିଧାନ ଦିବସ ବିଷୟରେ ଆଲୋକପାତ କରିଥିଲେ ଶେଷରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରୀ ପରି ଟଣ୍ଡନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରରେ ଅଧ୍ୟାପକ ଗୁଣବନ୍ତ ସାହୁ, ଅଧ୍ୟାପକ ରମାକାନ୍ତ ସିଂହ ସାହାଣୀ ତଥା ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଗବେଷଣା ଓ ଦକ୍ଷତା ନିର୍ମାଣ ବିକାଶ ପାଇଁ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ସୋସାଇଟି ଅଫ୍ ଏକ୍ସଟେନ୍ସନ୍ ଏଡ୍ୟୁକେସନ୍ ମଧ୍ୟରେ ଏମଓୟୁ ସାକ୍ଷର

ଜୟପୁର,୨୭/୧୧ (ନି.ପ୍ର): ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶା (ସିୟୁଓ), କୋରାପୁଟ ଏକ୍ସଟେନ୍ସନ୍ ଏଡ୍ୟୁକେସନ୍ ଓ ସମ୍ପର୍କିତ କ୍ଷେତ୍ରରେ ଗବେଷଣା, ଦକ୍ଷତା ନିର୍ମାଣ ଓ ଜ୍ଞାନ ପ୍ରସାରକୁ ପ୍ରୋତ୍ସାହନ ଦେବା ପାଇଁ ଉତ୍ତରପ୍ରଦେଶର ଆଗ୍ରାସ୍ଥିତ ସୋସାଇଟି ଅଫ୍ ଏକ୍ସଟେନ୍ସନ୍ ଏଡ୍ୟୁକେସନ୍ (ଏସଇଇ) ସହିତ ଏକ ଏମଓୟୁ କୁ ସାକ୍ଷର କରିଛି। ଏହି ଏମଓୟୁ ୨୪-୨୬ ନଭେମ୍ବର ୨୦୨୫ ମଧ୍ୟରେ ଭୁବନେଶ୍ୱର ଥିବା ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନ ଅନୁଷ୍ଠାନରେ ଆୟୋଜିତ ଦ୍ୱିତୀୟ ଆନ୍ତର୍ଜାତୀୟ ଏକ୍ସଟେନ୍ସନ୍ ଏଡ୍ୟୁକେସନ୍ କଂଗ୍ରେସ ସମୟରେ ସିୟୁଓର ଭରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ଏସଇଇର ସାଧାରଣ ସଚିବ ଡ଼. ଜିତେନ୍ଦ୍ର କୁମାର ଚୌହାନ ଦ୍ୱାରା ସାକ୍ଷର ଓ ବିନମୟ କରାଯାଇଥିଲା। ଏହି ଅବସରରେ ଏସଇଇ ର ସଭାପତି, ପ୍ରଫେସର ପ୍ରେମଜିତ ସିଂ,; କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ, ଇମ୍ଫାଲର କୁଳପତି ପ୍ରଫେସର ଅନୁପମ ମିଶ୍ର, ସିୟୁଓର କୃଷି ବିଭାଗର ମୁଖ୍ୟ ଡ଼. ମଞ୍ଜୁଶ୍ରୀ ସିଂହ ମଧ ଉପସ୍ଥିତ ଥିଲେ। ପ୍ରଫେସର ପଣ୍ଡା କହିଥିଲେ ଯେ, ଏହି ଏମଓୟୁ ଦ୍ୱାରା ଦୁଇ ଅନୁଷ୍ଠାନଙ୍କ ମଧ୍ୟରେ ସହଯୋଗର ଏକ ସୁଦୃଢ଼ ସମ୍ପର୍କ ତିଆରି ହେବ, ଯେଉଁଥିରେ ସେମିନାର, ସମ୍ମିଳନୀ, କର୍ମଶାଳା ଓ ଶିକ୍ଷା ସମ୍ପର୍କୀୟ ବିଭିନ୍ନ ସଂଯୁକ୍ତ ଆୟୋଜନ; ଜର୍ଣ୍ଣାଲ ପ୍ରକାଶନରେ ସହଯୋଗ; ଏବଂ ଏକ୍ସଟେନ୍ସନ୍ ଏଡ୍ୟୁକେସନ୍ ସହିତ ସମ୍ପର୍କିତ କ୍ଷେତ୍ରରେ ଗବେଷଣା ଓ ପ୍ରଶିକ୍ଷଣକୁ ଉନ୍ନତ କରାଯିବ। ଚୁକ୍ତିନାମା ଅନୁଯାୟୀ, ଉଟଙ୍ଗ ଏବଂ ଝରର ମିଳିତ ଭାବରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସେମିନାର, ୱେବିନାର, ସିମ୍ପୋଜିଆ ଏବଂ ସମ୍ମିଳନୀ ଆୟୋଜନ କରିବେ। ସେମାନେ ବିଶେଷ ପତ୍ରିକା ପ୍ରସଙ୍ଗ ସମେତ ସମ୍ପାଦକୀୟ ଏବଂ ପ୍ରକାଶନ କାର୍ଯ୍ୟକଳାପରେ ମଧ ସହଯୋଗ କରିବେ ଏବଂ ଶୈକ୍ଷିକ ସମ୍ବଳ ଏବଂ ସାମଗ୍ରୀର ଆଦାନପ୍ରଦାନକୁ ସହଜ କରିବେ। ଏହି ଅବସରରେ ଡକ୍ଟର ମଞ୍ଜୁଶ୍ରୀ ସିଂହ କହିଥିଲେ ଯେ 'ଏହି ବୁଝାମଣାପତ୍ର ଛାତ୍ର, ଗବେଷକ, ଅଧ୍ୟାପକ ଏବଂ ବୃତ୍ତିଗତଙ୍କ ପାଇଁ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମ ସହିତ ପାରସ୍ପରିକ ସ୍ୱାର୍ଥ କ୍ଷେତ୍ରରେ ମିଳିତ ଗବେଷଣା ପ୍ରକଳ୍ପର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବ । ଏହି ଚୁକ୍ତିନାମା ପାଞ୍ଚ ବର୍ଷ ପାଇଁ ବୈଧ ରହିବ'। ଉଲ୍ଲେଖନୀୟ ଯେ, ତୃତୀୟ ଆନ୍ତର୍ଜାତୀୟ ଏକ୍ସଟେନ୍ସନ୍ ଏଡ୍ୟୁକେସନ୍ କଂଗ୍ରେସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶା, କୋରାପୁଟ; ଶିକ୍ଷା 'ଓ' ଅନୁସନ୍ଧାନ (ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ), ଭୁବନେଶ୍ୱର; ଏବଂ ସୋସାଇଟି ଅଫ୍ ଏକ୍ସଟେନ୍ସନ୍ ଏଡ୍ୟୁକେସନ୍, ଆଗ୍ରା ଦ୍ୱାରା ସଂଯୁକ୍ତଭାବେ ଆୟୋଜିତ ହୋଇଥିଲା। ଏହି ଅବସରରେ ସିୟୁଓର ଅର୍ଥ ଅଧିକାରୀ, ଶ୍ରୀ ଦୁର୍ଯ୍ୟୋଧନ ସେଠୀ, ଡାଇରୀ ସାଇନ୍ସ ର ମୁଖ୍ୟ ଡ଼. ସଞ୍ଜୟ କୁମାର ପ୍ରଧାନ, କୁଳପତିଙ୍କର ଓଏସଡି ଡ଼. ଅନୁପମ ଡାକୁଆ, ଲୋକସମ୍ପର୍କ ଅଧିକାରୀ ଡ ଫଗୁନାଥ ଭୋଇ, କୃଷି, ଡେୟରୀ ସାଇନ୍ସ ଓ ଫରେଷ୍ଟ୍ରି ବିଭାଗର ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଅତିଥିମାନଙ୍କ ସହ ଏହି କଂଗ୍ରେସରେ ଅଂଶଗ୍ରହଣ କରିଥିବା ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ, ସୂଚନା ଦେଇଛନ୍ତି।

# ଦେଶି ମଦ ଚାଲାଣ ବେଳେ ଚଢାଉ: ଜଣେ ଗିରଫ

ଜୟପୁର,୨୭/୧୧ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଗଡ ପଦର ଗ୍ରାମର ବସନ୍ତ ସୁନା । ସୁଚନା ଅନୁଯାଇ ବାଇକ ରେ ଦେଶି ମଦ ଚାଲାଣ ସୁଚନା ପାଇ ଦୁବୁଲି ରେ ଚଢାଉ କରିଥିଲା । ଚଢାଉ କରି ୧୪ ଲିଟର ଦେଶି ମଦ ଓ ବାଇକ କୁ ଜବତ କରିଛି । ଗିରଫ ଅଭିଯୁକ୍ତ କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି।

# ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ କର୍ମଶାଳା ଅନୁଷ୍ଠିତ

ପୁରୀ ,୨୭/୧୧ (ନି.ପ୍ର): ନିରନ୍ତର ବିକାଶ ପାଇଁ ସରକାର ଙ୍କ ପକ୍ଷରୁ ୧୭ଟି ଲକ୍ଷ୍ୟ ବା ଗୋଲ ଧାର୍ଯ୍ୟ କରାଯାଇଛି ।ଏହାକୁ ସଫଳ କରିବା ଓ ସମସ୍ତଙ୍କୁ ଏହି ଲକ୍ଷ୍ୟ ରେ ସାମିଲ କରିବା ଆବଶ୍ୟକ ବୋଲି କହିଛନ୍ତି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ।ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ରେ ଜିଲ୍ଲା ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ପକ୍ଷରୁ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ପୃଷ୍ଟି ଆଗାମୀ କାଲି ର ଭାରତ ବର୍ଷ କୁ ବିକଶିତ କରିବା ଲକ୍ଷ୍ୟ ରେ ଧାର୍ଯ୍ୟ କରାଯାଇଥିବା ଏହି ଲକ୍ଷ୍ୟକୁ ପୂରଣ ଦିଗରେ ବିଭିନ୍ନ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ।ପ୍ରତ୍ୟେକ ବିଭାଗ ସେମାନଙ୍କ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ ସହ ସେମାନଙ୍କ ଯୋଜନା ଗୁଡିକ ଯେପରି ସାଧାରଣ ଲୋକଙ୍କ ଜୀବନ ଧାରଣ ରେ ଉନ୍ନତି କରି ପାରିବ ସେଥିପାଇଁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଷୟ ବିଷାରଦ ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ର ଅଧକ୍ଷ ଡା ସନ୍ତୋଷ କୁମାର ପରିଡା ଓ ଏସସିଏସ କଲେଜର ସହକାରୀ ପ୍ରଫେସର ଡା ପ୍ରମୋଦ କୁମାର ତ୍ରିପାଠୀ ଯୋଗ ଦେଇ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଓ ବିକଶିତ ଭାରତ ଗଠନ ସମ୍ପର୍କରେ ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ବିଭିନ୍ନ ବ୍ଲକର ବିଡ଼ିଓ,ତହସିଲଦାର,ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।କାର୍ଯ୍ୟକ୍ରମ ରେ ଜିଲ୍ଲା ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ମହେଶ ପ୍ରସାଦ ମିଶ୍ର, ରାମଚନ୍ଦ୍ର ଟୁଡୁ, ଅର୍ଥ ବିଶେଷଜ୍ଞ ବିଶ୍ୱ ରଞ୍ଜନ ଜେନା, କ୍ଷୁଦ୍ର ଯୋଜନା ଏବଂ ଜୀବିକା ବିଶେଷଜ୍ଞ ସନ୍ଧ୍ୟା ରାଣୀ ଦାଶ ଓ ଅର୍ଥନୀତିଜ୍ଞ ସୋନାଲିଜା ମହାନ୍ତି ପ୍ରମୁଖ ଯୋଗ ଦେଇ ପରିଚାଳନା ରେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ

ମାଲକାନଗିରି,୨୭/୧୧ (ନି.ପ୍ର): ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବିଧାନ ଦିବସ ପାଳନ କରାଯାଇଛି। ଭାରତୀୟ ସମ୍ବିଧାନ ପ୍ରତି ନାଗରିକଙ୍କ ପ୍ରତିବଦ୍ଧତା ଏବଂ ଦାୟିତ୍ୱବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଛି । ଏହାକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭାରତୀୟ ଜନସାଧାରଣଙ୍କ ମୌଳିକ ଅଧିକାରର ସୁରକ୍ଷା କ୍ଷେତ୍ରରେ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସମ୍ବିଧାନ ମୌଳିକ ଅଧିକାରକୁ ସୁନିଶ୍ଚିତ କରେ। ଏହା ମୌଳିକ ଅଧିକାରର ସୁରକ୍ଷା କବଚ ପାଲିଟି ଥାଏ ବୋଲି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମତ ପ୍ରକାଶ କରିଥିଲେ ଅତିରିକ୍ତ ଜିଲ୍ଲାପାଳ । ଜିଲ୍ଲା ପରିଷଦ କାର୍ଯ୍ୟାଳୟ ର ଅର୍ଥ ପରିଚାଳକ ମାନସ ମିଶ୍ର ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳକ ହିମାଂଶୁ ଭୂଷଣ ମହାରଣା ଯଥାକ୍ରମେ ତ୍ରିସ୍ତରୀୟ ପଞ୍ଚାୟତ ରାଜ ବ୍ୟବସ୍ଥା ଓ ପେସା ଆଇନ ବିଷୟରେ ଛାତ୍ରଛାତ୍ରୀ ଙ୍କୁ ସୂଚନା ଦେଇଥିଲେ। ଏଠାରେ ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।ସେହିପରି ଏମଭି-୭ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଠାରେ ସମ୍ବିଧାନ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଭାଗିରଥୀ ବେହେରା ଓ କାର୍ଯ୍ୟକ୍ରମ ପରିଚାଳକ ଦକ୍ଷତା ବିକାଶ ଶ୍ରୀ ମହାରଣା ଉପସ୍ଥିତ ଥିଲେ।

# ବ୍ଲାକ୍ ବ୍ୟାଚ୍ ପିନ୍ଧି କାର୍ଯ୍ୟରେ ଯୋଗ ଦେଲେ ଓଏଭି ଶିକ୍ଷକ ଶିକ୍ଷୟିତ୍ରୀ

ବଲାଙ୍ଗିର,୨୭/୧୧ (ନି.ପ୍ର): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ର ଆହ୍ୱାନ କ୍ରମେ ତୃତୀୟ ଦିନରେ ବିଦ୍ୟାଳୟ ଆଗରେ ଅଭିଭାବକ ମାନଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲାପାଳଙ୍କୁ ୧୩ ଦଫା ସମ୍ବନ୍ଧୀୟ ଦାବିପତ୍ର ଦେବା ସହ ବିଧାୟକଙ୍କ ଦ୍ୱାରସ୍ଥ ହୋଇଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ ମାନେ। ଦୀର୍ଘ ଦଶନ୍ଧି ର ବିଭିନ୍ନ ସମସ୍ୟାର ସମାଧାନ ପାଇଁ କଳାବ୍ୟାଜ ପିନ୍ଧି ସରକାର ଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆନ୍ଦୋଳନ କୁ ଓହ୍ଲେଇଛି ସଂଘ। ଓଏଭି ଛାତ୍ରଛାତ୍ରୀମାନଙ୍କୁ ଏନ୍ଏମ୍ଏମ୍ଏସ୍ ପରୀକ୍ଷା ରେ ଅଂଶଗ୍ରହଣ ପାଇଁ ଅନୁମତି, ନିଟ୍ ଏବଂ ଜେଇଇ ପରୀକ୍ଷାରେ ୧୫% ସ୍ଥାନ ସଂରକ୍ଷଣ, ଓଏଭି କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଦେବା, ୟୁନିଫର୍ମ କ୍ୟାଡ଼ର ମାନ୍ୟତା ଦେବା, ଶାରୀରିକ ଶିକ୍ଷା, ସଙ୍ଗୀତ, ଏବଂ କମ୍ପ୍ୟୁଟର ଶିକ୍ଷକଙ୍କୁ ସମାନ କାମକୁ ସମାନ ଦରମା ପାଇଁ ୪୬୦୦ ଗ୍ରେଡ଼ ପେ ପ୍ରଦାନ କରିବା, ପ୍ରତ୍ୟେକ ବିଦ୍ୟାଳୟ ରେ ସାଇନ୍ସ କମର୍ସ ଭଳି ଆର୍ଟ୍ସ ଷ୍ଟ୍ରିମ୍ ଖୋଲିବା ସହ ଓଡ଼ିଆ, ହିନ୍ଦୀ, ସଂସ୍କୃତ ବିଷୟ ପାଇଁ ପିଜିଟି ପଦବୀ ସୃଷ୍ଟି କରିବା, ଆର୍ଟ ଶିକ୍ଷକ ପାଇଁ ଟିଜିଟି ଭିଜୁଆଲ ଆର୍ଟ ମାନ୍ୟତା ଦେବା,
ପ୍ରିନ୍ସିପାଲ ମାନଙ୍କ ଗ୍ରେଡ଼ ପେ ସମସ୍ୟାର ସମାଧାନ କରିବା, ଓଏଭି କର୍ମଚାରୀଙ୍କ ସନ୍ତାନ ପାଇଁ ପ୍ରବେଶ ହେତୁ ବିଶେଷ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିବା, କ୍ଲର୍କ କର୍ମଚାରୀଙ୍କ ଚାକିରି ରେ ନିୟମିତ କରିବା, ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରେ କାର୍ଯ୍ୟରତ ଶିକ୍ଷକଙ୍କ ପୂର୍ବ ସେବା ଅବଧି କୁ ବର୍ତ୍ତମାନ ସେବା ରେ ମିଶାଇବା, ପୂର୍ବରୁ ଓଏଭି ରେ ଟିଜିଟି ଭାବେ କାର୍ଯ୍ୟ କରି ପୁନର୍ବାର ପିଜିଟି ଭାବେ ଯୋଗଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଚାକିରି ଓ ଦରମା ରେ ସୁରକ୍ଷା ପ୍ରଦାନ କରିବା, ପୂର୍ବବତ୍ ରାଜ୍ୟ ସ୍ତରରେ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ ପାଇଁ ଅର୍ଥ ମଞ୍ଜୁର କରିବା, ପିଏମ୍ ଶ୍ରୀ ସ୍କୁଲ ରେ ଓଏଭି କୁ ଅନ୍ତର୍ଭୁକ୍ତ କରିବା ଆଦି ସମସ୍ୟାର ସମାଧାନ କରି ଶିକ୍ଷା ର ଗୁଣବତ୍ତା କର୍ମଚାରୀଙ୍କ ନ୍ୟାୟ ପାଇଁ ବିହିତ କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।
ଯଦି ସମସ୍ୟାର ସମାଧାନ ନ ହୁଏ ତାହେଲେ ଡିସେମ୍ବର ଆଠ ତାରିଖରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମତ ପ୍ରକାଶ କରିଛନ୍ତି ରାଜ୍ୟ ସଭାପତି ରିପୁଦମନ ମିଶ୍ର ଏବଂ ରାଜ୍ୟ ସଂପାଦକ ସୁଭାଶିଷ ଦାସ।

# ଜିଲ୍ଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ : ଜାନୁଆରୀ ୧୫ରୁ ଖୋଲିବ ମଣ୍ଡି

ପୁରୀ ,୨୭/୧୧ (ନି.ପ୍ର): ପୁରୀ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ନିମନ୍ତେ ଆଜି ପୂର୍ବାହ୍ନ ରେ ସର୍କିଟ ହାଉସ ଠାରେ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧକ୍ଷତା କରିବା ସହ ଚଳିତ ବର୍ଷ ଧାନ ସଂଗ୍ରହ ଯେପରି ଶୃଙ୍ଖଳିତ ଓ ଚାଷୀ ମାନଙ୍କ ପାଇଁ ସୁଗମ ହେବ ସେଥି ପ୍ରତି ଦାୟିତ୍ୱ ରେ ଥିବା ବିଭାଗ ଗୁଡିକ ଯତ୍ନ ବାନ ହେବାକୁ ପରାମର୍ଶ ଦେଇଥିଲେ ।ଧାନ ସଂଗ୍ରହ କ୍ଷେତ୍ରରେ କୌଣସି ଅବହେଳା କୁ ବରଦାସ୍ତ କରାଯିବ ନାହିଁ ଓ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଦେଇଥିଲେ। ଚଳିତ ବର୍ଷ ଜିଲ୍ଲାରେ ଆସନ୍ତା ଜାନୁଆରୀ ୧୫ ତାରିଖ ଠାରୁ ଧାନ କ୍ରୟ କରାଯିବା ନେଇ ବୈଠକରେ ସ୍ଥିରୀକୃତ ହୋଇଥିଲା। ବୈଠକରେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଜିଲ୍ଲାର ଚାଷୀ ମାନେ ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟା ର ସମ୍ମୁଖୀନ ନ ହୁଅନ୍ତି, ସୁଚାରୁ ରୂପେ ମଣ୍ଡି ରୁ ଧାନ ଉଠେ,ଚାଷୀ ମାନଙ୍କ ପାଇଁ ମଣ୍ଡି ରେ ମଧ ସମସ୍ତ ସୁବିଧା ରୁହେ ଏ ସବୁ ପ୍ରତି ସଂପୃକ୍ତ ବିଭାଗ ମାନେ ତତ୍ପରତା ର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କୁ ଆଗେଇ ନେଇଥିଲେ। ଚାଷୀ ମାନଙ୍କ ସୁବିଧା ପାଇଁ ଜିଲ୍ଲାରେ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠାଇବା ପାଇଁ ପଦକ୍ଷେପ ନିମନ୍ତେ ଜିଲ୍ଲାପାଳ ସମସ୍ତ ଉପସ୍ଥିତ ଥିବା ଅଧିକାରୀ ଓ ମିଲର ମାନଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତ ମଣ୍ଡିରେ ଜଣେ ଲେଖାଏ ନୋଡାଲ ଅଧିକାରୀ ଓ ୪-୫ ଟି ମଣ୍ଡି ପାଇଁ ଜଣେ ଲେଖାଏ ସୁପରଭାଇଜିଙ୍ଗ ଅଧିକାରୀ ନିୟୋଜିତ ହେବେ ।ପ୍ରତି ସପ୍ତାହରେ ସେମାନେ ପ୍ରଶାସନ କୁ ରିପୋର୍ଟ ପ୍ରଦାନ କରିବେ।
ଧାନର ମାନ ସମ୍ପର୍କରେ ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ୨୦୦ ଲେଖାଏଁ ଚାଷୀ ଙ୍କୁ ନେଇ ଗ୍ରୁପ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଚଳିତ ବର୍ଷ ଏଫ୍.ଏ.କ୍ୟୁ ମାନର ଧାନର କ୍ୱିଣ୍ଟାଲ ପିଛା ଦର ୨୩୬୯ ଟଙ୍କା ଓ ଗ୍ରେଡ ଏ ଧାନର ମୂଲ୍ୟ ୨୩୮୯ ଟଙ୍କା ଧାର୍ଯ୍ୟ ରହିଅଛି। ରାଜ୍ୟ ସରକାର ଘୋଷଣା କରିଥିବା ୭୩୧ ଟଙ୍କା ଇନପୁଟ ସହାୟତା ଚାଷୀ ପାଇବେ। ଧାନ ଦେବା ର ୨୪ ରୁ ୪୮ ଘଣ୍ଟା ମାଧ୍ୟମରେ ଚାଷୀ ଙ୍କୁ ଡିବିଟି ମାଧ୍ୟମରେ ପ୍ରାପ୍ୟ ପ୍ରଦାନ କରାଯିବ।
ଜିଲ୍ଲାର ଖରିଫ ଧାନ ନିମନ୍ତେ ୫୯୯୯୮ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଜିଲ୍ଲାରେ ୧୯୬ ଗୋଟି ଧାନ କ୍ରୟ କେନ୍ଦ୍ର ମାଧ୍ୟମରେ ଧାନ ସଂଗ୍ରହ ହେବ ।ଏଥିରେ ୧୯୨ ସମବାୟ ସଂସ୍ଥା ଦ୍ୱାରା ସ୍ଥିରୀକୃତ ହୋଇଥିବା ବେଳେ ୪ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଧାନ ସଂଗ୍ରହ କରିବେ। ଚଳିତ ବର୍ଷ ଜିଲ୍ଲାରେ ୧୨୦୪୦୦.୦୦୦ ମେଟ୍ରିକ ଟନ ଧାନ କ୍ରୟ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ରହିଅଛି ।ଆର ଏମ ସି ପକ୍ଷରୁ ସମସ୍ତ ମଣ୍ଡି ଓ ଯନ୍ତପାତି ଗୁଡିକ ର ଆବଶ୍ୟକୀୟ ମରାମତି, ସଂପୂର୍ଣ୍ଣ ସିସିଟିଭି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।
ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଲୋକ ପ୍ରତିନିଧି ଙ୍କ ପ୍ରତିନିଧି, ଚାଷୀ ପ୍ରତିନିଧି, ମିଲର୍ସ ଓ ସେମାନଙ୍କ ପ୍ରତିନିଧି, ପ୍ୟାକ୍ସ କର୍ମଚାରୀ, ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ଯୋଗାଣ ବିଭାଗ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ଡିଆରସିଏସ ସୁନୀତା ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ମହା ଉତ୍ସାହର ସହିତ ପାଳିତ

କେନ୍ଦୁଝର,୨୭/୧୧ (ନି.ପ୍ର): କେନ୍ଦୁଝର ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଉତ୍ସାହୀ ଯୁବକ ଯୁବତୀଙ୍କ ବ୍ୟାପକ ଅଂଶଗ୍ରହଣ ମାଧ୍ୟମରେ ସଫଳତା ପୂର୍ବକ ଆୟୋଜିତ ହୋଇଯାଇଛି। ୧୫ ରୁ ୨୯ ବର୍ଷର ଯୁବ ବର୍ଗଙ୍କ ପ୍ରତିଭା ଏବଂ ସୃଜନଶୀଳତା ପ୍ରଦର୍ଶନ କରିବା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଭାବଶାଳୀ ଯୋଗଦାନ ଦେଖିବାକୁ ମିଳିଥିଲା। ପ୍ରାୟ ୪୦୦ ଜଣ ଅଂଶଗ୍ରହଣକାରୀ ବ୍ୟକ୍ତିଗତ ଏବଂ ଗୋଷ୍ଠୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ, ଯାହା ସ୍ଥାନୀୟ ପ୍ରେକ୍ଷାଳୟକୁ ଉତ୍କର୍ଷତା ପ୍ରଦର୍ଶନ, ଅଭିବ୍ୟକ୍ତି ଏବଂ ନବସୃଜନର ଏକ ଜୀବନ୍ତ ସ୍ଥାନରେ ପରିଣତ କରିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେନ୍ଦୁଝରଗଡ଼ ପୌରାଧକ୍ଷା ଶ୍ରୀମତୀ ନିକୁ ସାହୁ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ, ଧରଣୀଧର ବିଶ୍ୱବିଦ୍ୟାଳୟର କୁଳସଚିବ ଭଗିନୀ ପ୍ରତିଭା ପୃଷ୍ଟି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଶ୍ରୀକାନ୍ତ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ନାୟକ ଉପସ୍ଥିତ ରହି ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଯୁବ ସମ୍ଭାବନାକୁ ପୋଷଣ କରିବା ଏବଂ ଗଠନମୂଳକ କାର୍ଯ୍ୟ ପାଇଁ ସେମାନଙ୍କ ଶକ୍ତିକୁ ଗଠନମୂଳକ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ଏପରି ପ୍ଲାଟଫର୍ମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଦିନବ୍ୟାପୀ ଏହି ଉତ୍ସବରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯୁବ କଳାକାର, ବକ୍ତା, ନୃତ୍ୟଶିଳ୍ପୀ, ଗାୟକ ଏବଂ ଯୁବ ବିଜ୍ଞାନୀ ମାନେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା ସହିତ କାର୍ଯ୍ୟକ୍ରମକୁ ଏକ ମହାନ ସଫଳତା ପ୍ରଦାନ କରିଥିଲେ।

# କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ରାଲି

ଭବାନୀପାଟଣା,୨୭/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ବିଶେଷ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ କଳାହାଣ୍ଡି ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ କଳାହାଣ୍ଡି ପାଓ୍ୱାର ସଚିନ ପ୍ରକାଶ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରାରେ ବିଭିନ୍ନ ବିଭାଗର ଜିଲ୍ଲା ଅଧିକାରୀ, ଦାପ୍ତା ଏନଜିଓ, ୱାନ୍ ଷ୍ଟପ୍ ସେଂଟର କର୍ମଚାରୀ, ସିଡିପିଓ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ସମୂହ ଓ କିଶୋରୀ ବାଳିକାମାନେ ଉତ୍ସାହ ପୂର୍ବକ ଅଂଶଗ୍ରହଣ କରିଥିଲେ। ପ୍ଲାକାର୍ଡ୍ ଓ ବ୍ୟାନର୍ ସହ ଅଂଶଗ୍ରାହୀ ମାନେ "ନାରୀ ସୁରକ୍ଷା—ଆମ ଅଧିକାର", "ହିଂସାକୁ ବନ୍ଦ କର", "ସମାନତା ଦିଅ—ସମ୍ମାନ ଦିଅ" ପରି ସଚେତନତା ନାରା ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଡି ଡି, ପ୍ଲାନିଂ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ି, ସମାଜ କଲ୍ୟାଣ ଅଧିକାରିଣୀ ସୁମିତା ଦେବୀ ତ୍ରିପାଠୀ, ସଦସ୍ୟ ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ମହିଳା ହବ୍ ସଂଯୋଜକ ଯୋଗେଶ୍ୱର ବୁଦ୍ଧିଆ, ଜିଲ୍ଲା ସଂଯୋଜକ ଏଡ଼ ଏଟ ଆକ୍ସନ ଦିବ୍ୟରଞ୍ଜନ ଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ।

# ହୃତ୍‌ପିଣ୍ଡ ପାଇଁ ଲାଲ୍ ଫଳ

**ସୁସ୍ଥ ଶରୀର ପାଇଁ ଫଳର ଉପକାରିତା କାହାକୁ ଅଛପା ନୁହେଁ। ଫଳାହାର ଆମକୁ ଦୀର୍ଘାୟୁ କରିବା ସହ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ।ଫଳାହାରର ଉପକାରିତା ଉପରେ ବିଭିନ୍ନ ସମୟରେ ହୋଇଥିବା ଭିନ୍ନ ଭିନ୍ନ ଅଧ୍ୟୟନରୁ ଜଣାଯାଇଛି କି ଫଳଯୁକ୍ତ ଭୋଜନ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ସହ ରକ୍ତ ସଂଚାଳନରେ ସକାରାତ୍ମକ ପ୍ରଭାବ ପକାଇଥାଏ। କରେଣ୍ଟ ମେଡିସିନାଲ୍ କେମେଷ୍ଟ୍ରି ଜର୍ଣ୍ଣାଲରେ ପ୍ରକାଶିତ ତଥ୍ୟ ଅନୁସାରେ, ଅଧିକ ଫଳାହାର ସ୍ୱାସ୍ଥ୍ୟ ପ୍ରତି ହିତକର ହୋଇଥିବା ବେଳେ ଏହା ହୃଦ୍‌ଜନିତ ସମସ୍ୟାକୁ ଦୂରେଇଥାଏ। ତେବେ ଲାଲ୍‌ରଙ୍ଗର ଫଳ ସେବନ ଶରୀରକୁ ଅଧିକ ସୁଫଳ ଦେଇଥାଏ।**



**ଚେରି:** ଚେରିକୋଳି ଖୁବ୍ ସ୍ୱାଦିଷ୍ଠ। ଚେରିରେ ଭରପୂର ମାତ୍ରାରେ ଆନଥ୍ରୋସିଆନିନ୍ସ ନାମକ ଆଣ୍ଟିଅକ୍ସିଡାଣ୍ଟ୍ ମହଜୁଦ ଅଛି। ଏହା ଶରୀରର ଶିରାପ୍ରଶିରା ଓ ଧମନୀକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରେ। ପ୍ରତିଦିନ ସାଲାଡ୍, ଛତୁଆ, ପିଠା, କେକ୍ ଆଦିରେ ଶୁଖିଲା ଚେରି ପକାଇ ଖାଇବା ସ୍ୱାସ୍ଥ୍ୟକର।

**ରସ୍ପବେରି:** ଏହି ଛୋଟ ଆକାରର ଲାଲ୍ କୋଳି ହୃଦ୍‌ସ୍ୱାସ୍ଥ୍ୟ ପାଇଁ ହିତକର ଏବଂ ସୁସ୍ୱାଦୁ ମଧ୍ୟ। ଏହି କୋଳି ପ୍ରାକୃତିକ ଭାବେ ମିଠା। ରସ୍ପବେରି ଖାଇବା ଦ୍ୱାରା ହୃତ୍‌ପିଣ୍ଡ ସୁସ୍ଥ ରହିବା ସହ ରକ୍ତଚାପ ସନ୍ତୁଳିତ ହୁଏ, ଏଲ୍‌ଡିଏଲ୍ କୋଲେଷ୍ଟେରଲ୍ କମିଥାଏ, ଓଜନର ସୁପରିଚାଳନା ହେବା ସହ ଶରୀରର ପ୍ରଦାହ କମିଥାଏ।

**ଟମାଟୋ:** ଟମାଟୋ ବା ବିଲାତି ବାଇଗଣ ଏକ କୋଳି ପ୍ରଜାତିର ପରିବା। ଲାଇକୋପିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ୍‌ରେ ଭରପୂର ଟମାଟୋକୁ ସପ୍ତାହକୁ ୫ରୁ ଅଧିକ ଥର ୧୧ ବର୍ଷ ପାଇଁ ନିୟମିତ ଖାଇଲେ ହୃଦ୍‌ରୋଗର ଆଶଙ୍କା ୨୬% କମିଥାଏ ବୋଲି ବୋଷ୍ଟନର ଟୁଫ୍ଟସ୍ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନରୁ ଜଣାପଡ଼ିଛି। କଞ୍ଚା ଟମାଟୋ ଅପେକ୍ଷା ରନ୍ଧା ଟମାଟୋ ଦେହ ପାଇଁ ଅଧିକ ହିତକାରୀ। ଏହାଦ୍ୱାରା ଶରୀରର ଲାଇକୋପିନ୍ ଶୋଷଣର କ୍ଷମତା ବଢ଼ିଥାଏ।

**ସେଓ:** ବଜାରରେ ଲାଲ୍ ଓ ସବୁଜ ଦୁଇ ପ୍ରକାର ସେଓ ଉପଲବ୍ଧ ଥିବା ବେଳେ ଲାଲ୍ ସେଓ ହୃତ୍‌ପିଣ୍ଡ ପାଇଁ ହିତକାରୀ। ଓହିଓ ଷ୍ଟେଟ୍ ୟୁନିଭର୍ସିଟିର ଅଧ୍ୟୟନ ଅନୁସାରେ, ଦିନକୁ ଗୋଟିଏ ଲାଲ୍ ସେଓ ଖାଇବା ଦ୍ୱାରା କ୍ଷତିକାରକ ଏଲ୍‌ଡିଏଲ୍ କୋଲେଷ୍ଟେରଲ୍ ସ୍ତର ୪୦% ଯାଏ ହ୍ରାସ ପାଇପାରେ। ୩୪,୦୦୦ ରଜୋନିବୃତ୍ତ ମହିଳାଙ୍କୁ ନେଇ କରାଯାଇଥିବା ଇଓଲା ଓମେନ୍‌ସ୍ ହେଲ୍‌ଥ ଷ୍ଟଡିରୁ ଜଣାଯାଇଛି ଯେ ପ୍ରତ୍ୟହ ସେଓ ଖାଇଲେ ହୃଦ୍‌ଘାତରେ ପ୍ରାଣ ହରାଇବାର ଆଶଙ୍କା ବହୁ ମାତ୍ରାରେ କମିଯାଏ। ସେଓଚୋପାରେ ଆଣ୍ଟିଅକ୍ସିଡାଣ୍ଟ୍ ଭର୍ତ୍ତି ହୋଇ ରହିଥିବାରୁ ସଂପୂର୍ଣ୍ଣ ଫଳକୁ ଚୋବାଇ ଖାଇବା ଅଧିକ ଲାଭପ୍ରଦ।

**ଷ୍ଟ୍ରବେରି:** ଷ୍ଟ୍ରବେରି ଯେତିକି ସୁସ୍ୱାଦୁ, ହୃତ୍‌ପିଣ୍ଡ ପାଇଁ ମଧ୍ୟ ସେତିକି ଲାଭକାରୀ। ଏହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ସହ ସକ୍ରିୟ କରେ। ଏଥିରେ ଥିବା ତନ୍ତୁ ଓ ପେକ୍ଟିନ୍ ଏନ୍‌ଜାଇମ୍ ଏଲ୍‌ଡିଏଲ୍ କୋଲେଷ୍ଟେରଲ୍ ପରିମାଣକୁ କମାଇଥାଏ।





# ନିରାମିଷ ନୁହେଁ 'ଅଞ୍ଜିର' ହେଉଛି ଆମିଷ ଫଳ: ଜାଣନ୍ତୁ ଏହା ପଛର ସତ...



ଯେତେବେଳେ ବି ନିରାମିଷ ଖାଦ୍ୟ କଥା ଆସେ, ସେ ସମୟରେ ଫଳଗୁଡ଼ିକୁ ପ୍ରଥମ ପ୍ରାଥମିକତା ଦିଆଯାଏ । ସାଧାରଣତଃ ଫଳଗୁଡିକୁ ନିରାମିଷ ଭାବରେ ବିବେଚନା କରାଯାଏ । ତେଣୁ ଶାକାହାରୀମାନେ ଅନ୍ଧ ଭାବରେ ସେମାନଙ୍କ ଖାଦ୍ୟରେ ଫଳଗୁଡିକ ଅନ୍ତର୍ଭୁକ୍ତ କରଥାନ୍ତି । କିନ୍ତୁ ଯଦି ଆମେ ଆପଣଙ୍କୁ କହିବୁ କି ସମସ୍ତ ଫଳଗୁଡ଼ିକ ନିରାମିଷ ନୁହେଁ । ତେବେ ଆପଣ ଏହାକୁ ବିଶ୍ୱାସ କରିବେ କି ? ଯଦି ଆପଣ ସମସ୍ତ ଫଳକୁ ନିରାମିଷ ବୋଲି ମଧ୍ୟ ଭାବନ୍ତି, ତେବେ ଆଜି ଆମେ ଏହି ଆର୍ଟିକିଲରେ ଆପଣଙ୍କର ଏହି ଭୁଲ ଧାରଣାକୁ ଦୂର କରିବୁ । ସମସ୍ତେ ନିଶ୍ଚିତ ଭାବରେ ଅଞ୍ଜିରର ନାମ ଶୁଣିଥିବେ । ଯାହା ଇଂରାଜୀରେ ଫିଗ୍ସ କୁହନ୍ତି । ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ଏବଂ ଏହାକୁ ଖାଇବା ଦ୍ୱାରା ଅନେକ ସମସ୍ୟା ଉପଶମ ହୋଇଥାଏ । ସାଧାରଣତଃ ଏହାକୁ ନିରାମିଷ ଭାବରେ ବିବେଚନା କରାଯାଏ କାରଣ ଏହା ଫଳ ବର୍ଗରେ ରହିଥାଏ । କିନ୍ତୁ ଆପଣ ଜାଣନ୍ତି କି ରସଶସ୍ୱ ଖାଇବା ଦ୍ୱାରା ଆପଣ ଏକ ମାଂସାହାରୀ ହୋଇପାରିବେ । ତେବେ ଆପଣଙ୍କ ମନରେ ପ୍ରଶ୍ନ ଆସୁଥିବା ଏହା କେମିତି ସମ୍ଭବ । ତେବେ ଆସନ୍ତୁ ଜାଣିବା ଲସଶସ୍ୱ ଖାଇଲେ ଆପଣ କିପରି ମାଂସାହାରୀ ହୋଇପାରିବେ। ମିଠା ଏବଂ ସ୍ୱାଦିଷ୍ଟ ଅଞ୍ଜିରକୁ ଏକ ଆମିଷ ଫଳ ଭାବରେ ବିବେଚନା କରାଯିବାର କାରଣ ହେଉଛି ଏହାର ପରାଗଣ ପ୍ରକ୍ରିୟ । ବାସ୍ତବରେ, ଅଞ୍ଜିରରେ ପରାଗଣ ପାଇଁ ବିରୁଡ଼ି



ପ୍ରଜାତିର ଛୋଟ ଛୋଟ କୀଟ ଉପରେ ନିର୍ଭର କରେ । ଏହି କୀଟ ଛୋଟ ଛୋଟ ଗର୍ତ୍ତ ଦେଇ ଫଳ ମଧ୍ୟକୁ ପ୍ରବେଶ କରିଥାଏ । ଅଞ୍ଜିରର ଫୁଲ ଫଳ ଭିତରେ ଅଛି ଏବଂ ତେଣୁ ପରାଗଣ ପ୍ରକ୍ରିୟା ପାଇଁ ବିରୁଡ଼ି ପ୍ରଜାତିର ଛୋଟ ଛୋଟ କୀଟକୁ ଫଳ ଭିତରକୁ ଯିବାକୁ ପଡେ । ଯେତେବେଳେ ଏହି କୀଟ ଫଳ ଭିତରେ ଥାଏ, ସେ ସମୟରେ ସେମାନେ ଅଣ୍ଡା ଦେଇଥାନ୍ତି । ଏହାପରେ ପରାଗ ଅଞ୍ଜିରର ଫୁଲକୁ ଟ୍ରାନ୍ସଫର ହୋଇଥାଏ । ଏହାପରେ ଅଣ୍ଡାହୀନ ମହିଳା କୀଟ ଇନ୍ୟୁବେଡ୍ କରେ ଓ ପରେ ଅଞ୍ଜିର ଭିତରେ ମରିଯାଏ । ଯାହାକୁ ଅଞ୍ଜିରରେ ଥିବା ଫିସିନ୍ ଏନଜାଇମ୍ ଖାଇଦିଏ ଏବଂ ଏହାକୁ ଫଳ ସହିତ ମିଶାଇଦିଏ। ତେବେ ଏହି ପୂରା ପ୍ରକ୍ରିୟା ଉଭୟ ପ୍ରଜାତି ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେବେ ଏହି ପ୍ରକ୍ରିୟା ପରେ ଆପଣ ଅଞ୍ଜିରକୁ ନିରାମିଷ କିମ୍ବା ଆମିଷ ଭାବେ ବିବେଚନା କରନ୍ତି, ଏହା

# କେବେବି ପିଅନ୍ତୁ ନାହିଁ ଥଣ୍ଡା ପାଣି

ଏବେ ତ ଗ୍ରୀଷ୍ମଋତୁ। ଲସି, ସର୍ବତ ବ୍ୟତୀତ ଥଣ୍ଡା ପାଣିର ଚାହିଦା କିଛି କମ ନୁହେଁ। କେତେକେ ଅତ୍ୟଧିକ ଥଣ୍ଡା ପାଣି ପିଇବାକୁ ପସନ୍ଦ କରିଥାଆନ୍ତି। ହେଲେ ଏହା ଅଭ୍ୟାସରେ ପରିଣତ ହୋଇଗଲେ ତାହା ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ସାଧାରଣତଃ ଆମ ଶରୀରର ତାପମାତ୍ରା ୩୭ ଡିଗ୍ରୀ ସେଲ୍ସିୟସ ରହିଥାଏ। ତେଣୁ ଆମେ ପିଉଥିବା ପାଣିର ତାପମାତ୍ରା ୨୦-୨୨ ଡିଗ୍ରୀ ସେଲ୍ସିୟସ ରହିବା ଆବଶ୍ୟକ। ସବୁବେଳେ ଅତ୍ୟଧିକ ଥଣ୍ଡା ପାଣି ପିଇଲେ ତାହା ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ପ୍ରଥମ କଥା ହେଲା ଏହା ରୋଗ ପ୍ରତିରୋଧକ ଶକ୍ତିକୁ କମାଇଦିଏ। କେବଳ ସେତିକି ନୁହେଁ, ଏହାର ସିଧାସଳଖ ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। ଅତ୍ୟଧିକ ଥଣ୍ଡା ପାଣି ପିଇଲେ ତାହାକୁ ଢୋକିବାକୁ କିଛି ସମୟ ଲାଗିଥାଏ। କାରଣ ଏହି ପାଣିର ତାପମାତ୍ରା ଅଳ୍ପ ପରିମାଣରେ ସାମାନ୍ୟ ହେବା ପରେ ତାହା ଗଳାରୁ ଖସିଥାଏ। ଏହାଦ୍ୱାରା ଟନ୍ସିଲଜନିତ ସମସ୍ୟା ଦେଖାଯିବା ଆଶଙ୍କା ଅଧିକ ଥାଏ। ସବୁବେଳେ ଅତ୍ୟଧିକ ଥଣ୍ଡା ପାଣି ପିଇବା ଦ୍ୱାରା ପେଟର ଅନ୍ତଳନୀ ସଙ୍କୁଚିତ ହୋଇଯାଇଥାଏ, ଯାହାଦ୍ୱାରା କଫଜନିତ ସମସ୍ୟା ଦେଖାଯାଏ। ଅତ୍ୟଧିକ ଥଣ୍ଡାପାଣି ପିଇବା ଅଭ୍ୟାସରେ ପରିଣତ ହେଲେ ତାହା ହୃଦଜନିତ ସମସ୍ୟା ସୃଷ୍ଟି କରିବା ଆଶଙ୍କା ଥାଏ ବୋଲି ଆମେରିକୀୟ ହୃଦରୋଗ ବିଶେଷଜ୍ଞମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି।



# ଦିବ୍ୟ ବିଶ୍ୱାସ

କେବଳ ଦେଶ ଜୟ କରିବା ଥିବା ଭାରତରେ ମୋଗଲ୍ ସାମ୍ରାଜ୍ୟର ପ୍ରତିଷ୍ଠାତା ବାବର୍‌ଙ୍କ ମୁଖ୍ୟ ଲକ୍ଷ୍ୟ । ଭାରତକୁ ସେ ଭଲ ପାଉ ନ ଥିଲେ । ତେବେ ଫର୍ଗଣା, କାବୁଲ ଓ କାନ୍ଦହାର ତୁଳନାରେ ଭାରତ ଅପେକ୍ଷାକୃତ ନିରାପଦ ଥିବାରୁ ସେ ଏଠାରେ ରହିଯାଇଥିଲେ । ତାଙ୍କ ନାତି ଆକବର ସିଂହାସନରେ ବସିବା ବେଳକୁ ପରିସ୍ଥିତି ସମୃଦ୍ଧ ନ ହେଲେ ବି ଦୃଢ଼ ହୋଇସାରିଥିଲା । ଆକବର ଥିଲେ ନିପୁଣ ଶାସକ ଏବଂ କୌଶଳୀ ଯୋଦ୍ଧା । ଭାରତରେ ମୋଗଲ୍ ସାମ୍ରାଜ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସେ ସଫଳ ହୋଇଥିଲେ; ଏବଂ ସେଥି ପାଇଁ ତାଙ୍କୁ ବିଶେଷ ସମୟ ମଧ୍ୟ ଲାଗି ନ ଥିଲା । ତାହା ପରେ ସେ ସମାଜ ସୁଧାରକ ଓ ଧର୍ମ ସଂସ୍କାରକ ହେବା ଲାଗି ମନ ଚଳାଇଥିଲେ । ଉଲ୍ଲେଖନୀୟ ଯେ, ତାଙ୍କ ସମୟରେ ଧର୍ମଗତ ବିଭେଦ ବ୍ୟାପକ ନ ଥିଲା । ମୋଗଲ୍‌ଙ୍କ ସହ ବିବାହ ଓ ଅନ୍ୟ ସାମାଜିକ ସଂପର୍କ ପ୍ରତିଷ୍ଠା ପାଇଁ ରାଜପୁତମାନେ ଆପତ୍ତି କରୁ ନଥିଲେ । ଧର୍ମାନ୍ତରୀକରଣ ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ କେହି ଏତେ ଗୁରୁତ୍ୱ ଦେଉ ନଥିଲେ । ତେଣୁ ଆକବର ସେ



କାଳର ସମସ୍ତ ମୁଖ୍ୟ ଧର୍ମରୁ କିଛି କିଛି ଆଣି ଏକ ନୂଆ ଧର୍ମ ପ୍ରଚଳନ କରିବା ନିମନ୍ତେ ଆଗ୍ରହୀ ହୋଇଥିଲେ । ଏକ ନୂତନ ଧର୍ମ ପ୍ରଚଳନ ପାଇଁ ଆବଶ୍ୟକ ହେଉଥିବା ଆଧ୍ୟାତ୍ମିକ ସାଧନା ତାଙ୍କଠାରେ ନ ଥିଲେ ସୁଦ୍ଧା ସେ 'ଦିନ୍-ଇ-ଇଲାହି' ଧର୍ମ ସୃଷ୍ଟି କରିଥିଲେ । 'ଦିନ୍-ଇ-ଇଲାହି'ର ଆକ୍ଷରିକ ଅର୍ଥ 'ଦିବ୍ୟ ବିଶ୍ୱାସ' । ଦିନ୍-ଇ-ଇଲାହି' ଧର୍ମାବଲମ୍ବୀମାନେ ନିରାମିଷ ଆହାର, ବିଧବା ବିବାହ ଏବଂ ଅହିଂସାକୁ ସମର୍ଥନ କରୁଥିଲେ । ସେମାନେ ବାଲ୍ୟ ବିବାହ, ସତୀ ପ୍ରଥା, ନିକଟ ସଂପର୍କୀୟଙ୍କ ମଧ୍ୟରେ ବିବାହ ଏବଂ ଏକାଧିକ ବିବାହ ଆଦିକୁ ବିରୋଧ କରୁଥିଲେ । ଆକବରଙ୍କ ଧର୍ମନୀତି ଉଦାର ଥିଲା । ସେ ବଳପୂର୍ବକ ଧର୍ମାନ୍ତରୀକରଣକୁ ସମର୍ଥନ ଦେଉ ନ ଥିଲେ । ତେଣୁ କେବଳ ମୁଷ୍ଟିମେୟ ସମର୍ଥକ ହିଁ ତାଙ୍କ ଧର୍ମକୁ ଗ୍ରହଣ କରିଥିଲେ ।

# ଶରୀରରୁ କମିଯାଉଛି ଏହି ସବୁ ଉପାଦାନ: ଜାଣନ୍ତୁ କିପରି କରିବେ ଭରଣ

**ସମ୍ପ୍ରତି ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ଭାରତରେ ରହୁଥିବା ଲୋକଙ୍କ ଶରୀରରେ ଲୌହ ବା ଆଇରନ, କ୍ୟାଲସିୟମ ଏବଂ ଫୋଲେଟ୍‌ର ଅଭାବ ଦେଖାଯାଉଛି। ଏହି ଅଧ୍ୟୟନର ଫଳାଫଳ ଦି ଲାନସେଟରେ ପ୍ରକାଶ ପାଇଥିଲା। ଏହି ତିନି ଉପାଦନ ସ୍ୱାସ୍ଥ୍ୟ ପାଇଁ ନିହାତି ଜରୁରୀ। ଏସବୁର ଅଭାବକୁ ରୋକିବା ପାଇଁ କେଉଁ କେଉଁ ଖାଦ୍ୟ ଗ୍ରହଣ କରିବେ, ଜାଣନ୍ତୁ...**

**ଲୌହ ଅଭାବକୁ କିପରି ରୋକିବେ:**
ଲୌହ ଅଭାବକୁ ଦୂର କରିବା ପାଇଁ, ଖାଦ୍ୟରେ ଲୌହଯୁକ୍ତ ଖାଦ୍ୟ ଅନ୍ତର୍ଭୁକ୍ତ କରନ୍ତୁ। ଏଥିପାଇଁ ବିନ୍ସ, ଡାଲି, ଛୋଲେ, ସାଇଟ୍ରସ୍ ଫଳ, ପାଳଙ୍ଗ ଭଳି ଖାଦ୍ୟ ଗ୍ରହଣ କରନ୍ତୁ। ଏହା ବ୍ୟତୀତ ଲୌହ ଅଭାବକୁ ଦୂର କରିବା ପାଇଁ କଖାରୁ ମଞ୍ଜି ଏବଂ କାଜୁ ବାଦାମ ଖାଇବାକୁ ମଧ୍ୟ ପରାମର୍ଶ ଦିଆଯାଏ। ଯଦି ଶାକାହାରୀ ନୁହଁନ୍ତି, ତେବେ ରେଡ୍ ମିଟ୍, ସାମୁଦ୍ରିକ ଖାଦ୍ୟ ଏବଂ ମାଂସ ଖାଇପାରିବେ। କିନ୍ତୁ ରେଡ୍ ମିଟ୍ ଖାଇବାକୁ ଚାହୁଁଥିଲେ ପ୍ରଥମେ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିବା ଉଚିତ୍।




କ୍ୟାଲସିୟମ ଅଭାବ ଅସ୍ଥି ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ। କ୍ୟାଲସିୟମ ଅଭାବରୁ ମୁକ୍ତି ପାଇବା ପାଇଁ ଦୁଗ୍ଧ, ଛେନା, ଦହି, ଘିଅ ଆଦି ଖାଇବା ଆବଶ୍ୟକ। ଏହା ବ୍ୟତୀତ ଟୋଫୁ (ସୋୟା ପନିର)ରେ ଉତ୍ତମ ପରିମାଣର କ୍ୟାଲସିୟମ୍ ମଧ୍ୟ ମିଳିଥାଏ। କ୍ୟାଲସିୟମ ଅଭାବକୁ ଦୂର କରିବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ୍ୟ ବାଦାମ ଖାଇବାକୁ ପରାମର୍ଶ ଦିଅନ୍ତି।

**ଫୋଲେଟ୍ ଅଭାବକୁ କିପରି ଦୂର କରିବେ:**
ଶରୀରରେ ଫୋଲେଟର ଅଭାବ କାରଣରୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଉପୁଜିପାରେ। ଯଦି ଫୋଲେଟ୍ ଅଭାବରୁ ମୁକ୍ତି ପାଇବାକୁ ଚାହାଁନ୍ତି, ତେବେ ଡାଏଟରେ ପାଳଙ୍ଗ, ବ୍ରୋକୋଲି ଏବଂ ଉଲକୋବି ଖାଇବା ଉଚିତ୍। କମଳା, ଲେମ୍ବୁ, ଅଙ୍ଗୁର ଏବଂ ଆଭୋକାଡୋରେ ମଧ୍ୟ ଉତ୍ତମ ପରିମାଣର ଫୋଲେଟ୍ ମିଳିଥାଏ।

# ଖରାପ ସମୟ ଚାଲିଛି କି ?

ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ମହାମନ୍ତ୍ରୀ ଥିଲେ ଆଚାର୍ଯ୍ୟ ଚାଣକ୍ୟ। ସେ ନିଜର ଚିନ୍ତାଧାରା ଏବଂ କୁଶଳ ରଣନୀତି ଯୋଗୁ ଚନ୍ଦ୍ରଗୁପ୍ତଙ୍କୁ ସୁଶାସକ ଭାବେ ପ୍ରତିଷ୍ଠିତ କରାଇବାରେ ସହାୟତା କରିଥିଲେ। ଚାଣକ୍ୟ ରାଜନୀତି ସହ କୁଟନୀତିରେ ପାରଙ୍ଗମ ଥିଲେ। ସେ ଜୀବନରେ ନିଜର ଅଭିଜ୍ଞତା ଏବଂ ଅନୁଭବକୁ ନେଇ ନୀତିଶାସ୍ତ୍ର ରଚନା କରିଥିଲେ। ଏଥିରେ ବର୍ଣ୍ଣିତ ନୀତିଗୁଡ଼ିକ ମନୁଷ୍ୟ ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଚାଣକ୍ୟ ନିଜର ନୀତିଶାସ୍ତ୍ରରେ ମନୁଷ୍ୟ କିଭଳି ଖରାପ ସମୟ ଏବଂ ବିପଦର ସମ୍ମୁଖୀନ ହୋଇପାରି ବିଜେତା ହେବ ସେ ନେଇ ପ୍ରକାଶ କରିଛନ୍ତି। ଯେପରିକି:

**ଧୌର୍ଯ୍ୟ ହାରନ୍ତୁ ନାହିଁ:** ଚାଣକ୍ୟ କୁହନ୍ତି, ବିପଦ କିମ୍ବା ଖରାପ ସମୟ ଆସିଲେ ବିଚଳିତ ହୁଅନ୍ତୁ ନାହିଁ। ନିଜର ଶୁଭଚିନ୍ତକ ଏବଂ ପରିବାରଲୋକଙ୍କ ସହ ରୁହନ୍ତୁ। ଧୌର୍ଯ୍ୟ ହାରନ୍ତୁ ନାହିଁ। ନିଜର ଉପସ୍ଥିତ ବୁଦ୍ଧି ଏବଂ ଶୁଭଚିନ୍ତକଙ୍କ ସହ ରହିଲେ କୌଣସି ସଙ୍କଟମୟ ପରିସ୍ଥିତିର ମୁକାବିଲା କରିହେବ। ଏହାଛଡ଼ା ଧୌର୍ଯ୍ୟର ସହ କାର୍ଯ୍ୟ କଲେ ଖରାପରୁ ଖରାପ ସମୟରୁ ମୁକୁଳିହେବ ବୋଲି ସେ କହିଛନ୍ତି।

**ସକରାତ୍ମକ ଚିନ୍ତାକୁ ଆପଣାନ୍ତୁ:** ଚାଣକ୍ୟ କୁହନ୍ତି, ଖରାପ ସମୟରେ ନିଜର ଚିନ୍ତାଧାରାକୁ ସକରାତ୍ମକ ରଖନ୍ତୁ।

# ଭାରତୀୟ ଅର୍ଥନୀତିର ତଥ୍ୟଗତ ବିଶ୍ୱସନୀୟତା

ବିଶ୍ୱ ଅର୍ଥନୀତିର ମାନଚିତ୍ରରେ ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବରେ ଭାରତ ଆଜି ଏକ ଉଜ୍ଜ୍ୱଳ ନକ୍ଷତ୍ର ଭାବରେ ଉଭା ହୋଇଛି । କିନ୍ତୁ ନିକଟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (IMF) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଭାରତୀୟ ଅର୍ଥନୀତିର ଏହି ଚାକଚକ୍ୟ ପଛରେ ଥିବା ପରିସଂଖ୍ୟାନ ବା ତଥ୍ୟର ଗୁଣବତ୍ତା ଉପରେ ଏକ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଇଏମଏଫ୍ ଭାରତର ଜିଡିପି ଏବଂ ଅନ୍ୟାନ୍ୟ ଜାତୀୟ ଆୟ ସମ୍ବନ୍ଧୀୟ ତଥ୍ୟର ଗୁଣବତ୍ତାକୁ 'ସି' (C) ଗ୍ରେଡ୍ ବା ଦ୍ୱିତୀୟ ସର୍ବନିମ୍ନ ଶ୍ରେଣୀରେ ରଖିଛି । ଏହି ଘଟଣା କେବଳ ଏକ ସାଧାରଣ ରିପୋର୍ଟ ନୁହେଁ, ବରଂ ଏହା ଦେଶର ନୀତି ନିର୍ଦ୍ଧାରକ, ଅର୍ଥନୀତିଜ୍ଞ ଏବଂ ସାଧାରଣ ଜନତାଙ୍କ ପାଇଁ ଏକ ଚେତାବନୀ ସଦୃଶ । ଯେତେବେଳେ ଆମେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସ୍ୱପ୍ନ ଦେଖୁଛୁ, ସେତେବେଳେ ଆମର ଆର୍ଥିକ ମାପକାଠି ଏତେ ଦୁର୍ବଳ ହେବା ନିଶ୍ଚିତ ଭାବରେ ଚିନ୍ତାର ବିଷୟ ।

ଆଇଏମଏଫ୍ ର ଏହି ମୂଲ୍ୟାଙ୍କନ ମୁଖ୍ୟତଃ ଦେଶର ତଥ୍ୟ ସଂଗ୍ରହ ପ୍ରଣାଳୀ, ଏହାର ସମୟାନୁବର୍ତ୍ତିତା ଏବଂ ସ୍ୱଚ୍ଛତା ଉପରେ ଆଧାରିତ । 'ସି' ଗ୍ରେଡ୍ ମିଳିବାର ଅର୍ଥ ହେଉଛି ଯେ ଭାରତର ଜାତୀୟ ଆୟ ଗଣନା ପଦ୍ଧତିରେ ଯଥେଷ୍ଟ ତ୍ରୁଟି ରହିଛି କିମ୍ବା ଏହା ଆନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ଯେତିକି ନିୟମିତ ଏବଂ ସଠିକ୍ ହେବା କଥା, ତାହା ହୋଇପାରୁନାହିଁ । ବିଶେଷକରି ଜି-୨୦ (ଏ୨୦) ରାଷ୍ଟ୍ରମାନଙ୍କ ମଧ୍ୟରେ ଭାରତର ଏହି ସ୍ଥାନ ଅତ୍ୟନ୍ତ ନୈରାଶ୍ୟଜନକ । ଚୀନ୍, ବ୍ରାଜିଲ୍ ଏବଂ ଇଣ୍ଡୋନେସିଆ ଭଳି ଅନ୍ୟାନ୍ୟ ବିକାଶଶୀଳ ରାଷ୍ଟ୍ରମାନେ ତଥ୍ୟର ଗୁଣବତ୍ତାରେ ଭାରତ ଠାରୁ ଉନ୍ନତ ସ୍ଥିତିରେ ରହିଛନ୍ତି । ଏହି ରିପୋର୍ଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯେ, ଏହା ଭାରତୀୟ ପରିସଂଖ୍ୟାନ ବ୍ୟବସ୍ଥାରେ ଥିବା ବହୁଦିନର ଗଠନମୂଳକ ସମସ୍ୟାଗୁଡିକୁ ପଦାକୁ ଆଣିଛି । ଏହି ସମସ୍ୟାଗୁଡିକ ମଧ୍ୟରେ ମୁଖ୍ୟତଃ ପୁରୁଣା ଭିତ୍ତି ବର୍ଷ (Base Year) ର ବ୍ୟବହାର, ଜନଗଣନାରେ ବିଳମ୍ବ ଏବଂ ଉପଭୋକ୍ତା ବ୍ୟୟ ସର୍ବେକ୍ଷଣ (Consumer Expenditure Survey) ରେ ଅନିୟମିତତା ଅନ୍ତର୍ଭୁକ୍ତ ।

ଏହି ସମସ୍ୟାର ମୂଳ କାରଣ ବିଶ୍ଳେଷଣ କଲେ ଜଣାପଡେ ଯେ, ଭାରତର ଜିଡିପି ଗଣନା ପାଇଁ ବ୍ୟବହୃତ ହେଉଥିବା 'ଭିତ୍ତି ବର୍ଷ' ବର୍ତ୍ତମାନ ସୁଦ୍ଧା ୨୦୧୧-୧୨ ରହିଛି । ଅର୍ଥାତ୍, ଆମେ ୨୦୨୪-୨୫ ମସିହାର ଅର୍ଥନୀତିକୁ ୨୦୧୧-୧୨ ମସିହାର ମାପକାଠିରେ ମାପୁଛୁ । ଗତ ୧୩-୧୪ ବର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ଘଟିଛି । ଡିଜିଟାଲ୍ କାରବାର, ଷ୍ଟାର୍ଟଅପ୍ ଇକୋସିଷ୍ଟମ୍, ଗିଗ୍ ଇକୋନୋମି ଏବଂ ସେବା କ୍ଷେତ୍ରରେ ନୂତନ ଧାରା ସୃଷ୍ଟି ହୋଇଛି । ଯେତେବେଳେ ଆମେ ଏକ ପୁରୁଣା ଭିତ୍ତି ବର୍ଷ ବ୍ୟବହାର କରୁ, ସେତେବେଳେ ଏହି ନୂତନ କ୍ଷେତ୍ରଗୁଡିକର ଅବଦାନ ଜିଡିପିରେ ସଠିକ୍ ଭାବରେ ପ୍ରତିଫଳିତ ହୁଏନାହିଁ । ଉଦାହରଣ ସ୍ୱରୂପ, ୨୦୧୧ ମସିହାରେ ସ୍ମାର୍ଟଫୋନ୍ ଏବଂ ଡାଟାର ବ୍ୟବହାର ଯେତିକି ଥିଲା, ଆଜି ତାହା ବହୁଗୁଣିତ ହୋଇଛି । ଯଦି ଆମର ମୁଦ୍ରାସ୍ଫୀତି କିମ୍ବା ଉତ୍ପାଦନ ଗଣନା ପୁରୁଣା ବସ୍ତୁ ତାଲିକା ଉପରେ ଆଧାରିତ ହୁଏ, ତେବେ ତାହା ବାସ୍ତବ ଚିତ୍ର ପ୍ରଦାନ କରିବାରେ ବିଫଳ ହେବ। ଆନ୍ତର୍ଜାତୀୟ ନିୟମ ଅନୁଯାୟୀ, ପ୍ରତି ୫ ରୁ ୧୦ ବର୍ଷ ମଧ୍ୟରେ ଭିତ୍ତି ବର୍ଷ ପରିବର୍ତ୍ତନ ହେବା ଆବଶ୍ୟକ, କିନ୍ତୁ ଭାରତ ଏକ୍ଷେତ୍ରରେ ପଛେଇ ଯାଇଛି ।

ଆଇଏମଏଫ୍ ର ଏହି 'ସି' ଗ୍ରେଡ୍ ପଛରେ ଅନ୍ୟ ଏକ ବଡ଼ କାରଣ ହେଉଛି ୨୦୨୧ ଜନଗଣନାରେ ଅହେତୁକ ବିଳମ୍ବ । ଭାରତ ଇତିହାସରେ ପ୍ରଥମ ଥର ପାଇଁ ଏକ ଦଶନ୍ଧିର ଜନଗଣନା ଠିକ୍ ସମୟରେ ହୋଇପାରିନାହିଁ । ଜନସଂଖ୍ୟାର ସଠିକ୍ ତଥ୍ୟ ବିନା ମୁଣ୍ଡପିଛା ଆୟ, ଦାରିଦ୍ର୍ୟ ହାର ଏବଂ ନିଯୁକ୍ତି ପରିସଂଖ୍ୟାନ ଗଣନା କରିବା କେବଳ ଅନୁମାନ ଭିତ୍ତିକ ହୋଇଯାଏ । ଯେତେବେଳେ ଦେଶର ମୋଟ ଜନସଂଖ୍ୟା କେତେ ତାହା ନିର୍ଦ୍ଦିଷ୍ଟ ଭାବରେ ଜଣାନାହିଁ, ସେତେବେଳେ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀଙ୍କ ପାଖରେ ପହଞ୍ଚୁଛି କି ନାହିଁ, ତାହା ମାପିବା କଷ୍ଟକର । ଏହା ବ୍ୟତୀତ, ୨୦୧୭-୧୮ ମସିହାରେ କରାଯାଇଥିବା ଉପଭୋକ୍ତା ବ୍ୟୟ ସର୍ବେକ୍ଷଣ (CES) ରିପୋର୍ଟକୁ ସରକାର 'ତଥ୍ୟଗତ ତ୍ରୁଟି' ଦର୍ଶାଇ ରଦ୍ଦ କରିଦେଇଥିଲେ । ଏହା ଫଳରେ ଦୀର୍ଘ ବର୍ଷ ଧରି ଦେଶରେ ଲୋକଙ୍କ ଖର୍ଚ୍ଚ କରିବାର ଶୈଳୀ ଏବଂ ଦାରିଦ୍ର୍ୟ ସୀମାରେଖା ସମ୍ପର୍କରେ କୌଣସି ସରକାରୀ ତଥ୍ୟ ଉପଲବ୍ଧ ନଥିଲା । ନିକଟରେ ନୂତନ ସର୍ବେକ୍ଷଣ ଆସିଥିଲେ ମଧ୍ୟ, ଏହି ମଧ୍ୟବର୍ତ୍ତୀକାଳୀନ ଶୂନ୍ୟସ୍ଥାନ ତଥ୍ୟର ଧାରାବାହିକତାକୁ କ୍ଷୁଣ୍ଣ କରିଛି । ଏହି ତଥ୍ୟଗତ ଅସ୍ପଷ୍ଟତାର ପ୍ରଭାବ କେବଳ କାଗଜପତ୍ରରେ ସୀମିତ ନୁହେଁ, ବରଂ ଏହା ଦେଶର ଅର୍ଥନୈତିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ । ପ୍ରଥମତଃ, ବିଦେଶୀ ନିବେଶକମାନେ ଯେତେବେଳେ କୌଣସି ଦେଶରେ ପୁଞ୍ଜି ନିବେଶ କରନ୍ତି, ସେମାନେ ସେହି ଦେଶର ସରକାରୀ ତଥ୍ୟ ଉପରେ ଭରସା କରନ୍ତି । ଯଦି ଆଇଏମଏଫ୍ ଭଳି ସଂସ୍ଥା ତଥ୍ୟର ଗୁଣବତ୍ତା ନେଇ ପ୍ରଶ୍ନ ଉଠାନ୍ତି, ତେବେ ନିବେଶକଙ୍କ ମନରେ ସନ୍ଦେହ ସୃଷ୍ଟି ହୁଏ । ଏହାଦ୍ୱାରା ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (FDI) ପ୍ରଭାବିତ ହୋଇପାରେ । ଦ୍ୱିତୀୟତଃ, ଦେଶର ମୁଦ୍ରାନୀତି ନିର୍ଦ୍ଧାରଣ କରୁଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ପାଇଁ ଏହା ଏକ ବଡ଼ ଆହ୍ୱାନ । ଯଦି ମୁଦ୍ରାସ୍ଫୀତି କିମ୍ବା ଅଭିବୃଦ୍ଧିର ତଥ୍ୟ ସଠିକ୍ ନହୁଏ, ତେବେ ସୁଧ ହାର ବଢାଇବା କିମ୍ବା କମାଇବା ନିଷ୍ପତ୍ତି ଭୁଲ୍ ହୋଇପାରେ, ଯାହା ସାଧାରଣ ଲୋକଙ୍କ ଜୀବନଯାପନ ଉପରେ ପ୍ରଭାବ ପକାଇବ । ତୃତୀୟତଃ, ସରକାରୀ ଯୋଜନା ପ୍ରଣୟନରେ ତ୍ରୁଟି ରହିଯାଏ। ଭୁଲ୍ ତଥ୍ୟ ଉପରେ ଆଧାରିତ ନୀତି କେବେହେଲେ ସଠିକ୍ ଫଳାଫଳ ଦେଇପାରିବ ନାହିଁ ।

ଏକଦା ପ୍ରଶାନ୍ତ ଚନ୍ଦ୍ର ମହଲାନ୍‌ବିସଙ୍କ ନେତୃତ୍ୱରେ ଭାରତର ପରିସଂଖ୍ୟାନ ବ୍ୟବସ୍ଥା ବିଶ୍ୱରେ ଏକ ଉଦାହରଣ ଥିଲା । କିନ୍ତୁ ବର୍ତ୍ତମାନ ସମୟରେ ଏହି ବ୍ୟବସ୍ଥାରେ ସଂସ୍କାର ଏବଂ ସ୍ୱାୟତ୍ତତାର ଅଭାବ ପରିଲକ୍ଷିତ ହେଉଛି । ଜାତୀୟ ପରିସଂଖ୍ୟାନ ଆୟୋଗ (NSC) ଭଳି ସଂସ୍ଥାଗୁଡିକୁ ଅଧିକ କ୍ଷମତା ଏବଂ ସ୍ୱାଧୀନତା ଦେବାର ଆବଶ୍ୟକତା ରହିଛି । ରାଜନୈତିକ ହସ୍ତକ୍ଷେପରୁ ମୁକ୍ତ ରହି ବୈଜ୍ଞାନିକ ପଦ୍ଧତିରେ ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ କଲେ ଯାଇ ତଥ୍ୟର ବିଶ୍ୱସନୀୟତା ବଜାୟ ରହିବ । ସରକାରଙ୍କୁ ଏହା ବୁଝିବାକୁ ହେବ ଯେ, ଖରାପ ତଥ୍ୟ କୌଣସି ସମସ୍ୟାର ସମାଧାନ ନୁହେଁ, ବରଂ ଏହା ସମସ୍ୟାକୁ ଲୁଚାଇ ରଖିବାର ଏକ ପ୍ରୟାସ ମାତ୍ର । ଅର୍ଥନୀତିର ପ୍ରକୃତ ଚିତ୍ର ଯେତେ କଟୁ ହେଲେ ମଧ୍ୟ ତାହା ସାମ୍ନାକୁ ଆସିବା ଉଚିତ୍, କାରଣ ସଠିକ୍ ରୋଗ ନିରୂପଣ ବିନା ସଠିକ୍ ଚିକିତ୍ସା ଅସମ୍ଭବ । ଆଇଏମଏଫ୍ ର ଏହି ରିପୋର୍ଟକୁ ସରକାର ପ୍ରତ୍ୟାଖ୍ୟାନ ନକରି ଏକ ଗଠନମୂଳକ ସମାଲୋଚନା ଭାବରେ ଗ୍ରହଣ କରିବା ଉଚିତ୍ । ତୁରନ୍ତ ନୂତନ ଭିତ୍ତି ବର୍ଷ ନିର୍ଦ୍ଧାରଣ କରିବା, ଜନଗଣନା ପ୍ରକ୍ରିୟା ଆରମ୍ଭ କରିବା ଏବଂ ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରିବା ଏକାନ୍ତ ଆବଶ୍ୟକ । ସାମ୍ପ୍ରତିକ ସମୟରେ 'ବିଗ୍ ଡାଟା' (Big Data) ଏବଂ କୃତ୍ରିମ ବୁଦ୍ଧିମତ୍ତା (AI) ର ବ୍ୟବହାର କରି ପାରମ୍ପରିକ ସର୍ବେକ୍ଷଣର ତ୍ରୁଟିଗୁଡିକୁ ସୁଧାରିବା ସମ୍ଭବ । ଏହା ସହିତ, ତଥ୍ୟ ପ୍ରକାଶନରେ ସ୍ୱଚ୍ଛତା ଏବଂ ନିୟମିତତା ବଜାୟ ରଖିବାକୁ ପଡିବ । ଯଦି ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାର ଲକ୍ଷ୍ୟ ରଖିଛି, ତେବେ ଏହାର ପରିସଂଖ୍ୟାନ ବ୍ୟବସ୍ଥା ମଧ୍ୟ ବିଶ୍ୱସ୍ତରୀୟ ହେବା ଆବଶ୍ୟକ ।

ପରିଶେଷରେ, ଗଣତନ୍ତ୍ରରେ ତଥ୍ୟ କେବଳ ସଂଖ୍ୟା ନୁହେଁ, ଏହା ଜନସାଧାରଣଙ୍କ ବିଶ୍ୱାସର ପ୍ରତୀକ । ସଠିକ୍ ତଥ୍ୟ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣେ ଏବଂ ନାଗରିକମାନଙ୍କୁ ସରକାରଙ୍କ କାର୍ଯ୍ୟଦକ୍ଷତା ମାପିବାର ସୁଯୋଗ ଦିଏ । ଆଇଏମଏଫ୍ ର 'ସି' ଗ୍ରେଡ୍ ଆମକୁ ମନେ ପକାଇ ଦେଉଛି ଯେ ଆର୍ଥିକ ଅଭିବୃଦ୍ଧିର ଦୌଡ଼ରେ ଆମେ ଯେପରି ମୌଳିକ ଭିତ୍ତିଭୂମିକୁ ଅଣଦେଖା ନକରୁ । ଏକ ସୁଦୃଢ଼, ସ୍ୱଚ୍ଛ ଏବଂ ନିର୍ଭରଯୋଗ୍ୟ ପରିସଂଖ୍ୟାନ ବ୍ୟବସ୍ଥା ହିଁ 'ବିକଶିତ ଭାରତ'ର ମୂଳଦୁଆ ହୋଇପାରିବ । ଏଣୁ, ସରକାର ଯଥାଶୀଘ୍ର ଏ ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରି ଦେଶର ତଥ୍ୟଗତ ବିଶ୍ୱସନୀୟତାକୁ ପୁନରୁଦ୍ଧାର କରିବା ଜରୁରୀ । କେବଳ ଜିଡିପି ଅଙ୍କ ବଢିଲେ ହେବ ନାହିଁ, ସେହି ଅଙ୍କ ଉପରେ ବିଶ୍ୱବାସୀଙ୍କ ଭରସା ମଧ୍ୟ ବଢିବା ଆବଶ୍ୟକ ।

# ଯାହାଙ୍କ ନାମକୁ ବାଦ ଦେଇ ଲେଖାଯାଇ ପାରିବ ନାହିଁ ଉଦଳା ଇତିହାସ



## ପ୍ରମିଳା ପଣ୍ଡା

ହଁ - ସେ ଏପରି ଏକ ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ, ତାଙ୍କର ନାମକୁ ବାଦ ଦେଇ ଉଦଳାର ଇତିହାସ ଲେଖାଯାଇ ପାରିବ ନାହିଁ । କାରଣ ଉଦଳାର ଇତିହାସ କହିଲେ ତାଙ୍କର ହାତ ଗଢ଼ା ଅନୁଷ୍ଠାନ ଗୁଡ଼ିକୁ ହିଁ ବୁଝାଉଛି । ଉଦଳା ପାଇଁ ଇତିହାସ ସୃଷ୍ଟି କରୁଥିବା ମଣିଷ ଆଜି ନିଜେ ଇତିହାସ ପାଲଟିଗଲେ । ଉଦଳାର ମାଟି, ଗୁଡ଼ି, ପାଣି, ପବନ ସବୁଠି ଆଜି ଫୁଟି ଉଠୁଛି ତାଙ୍କର ଚିତ୍ର । ସ୍ପଷ୍ଟ ଦୃଶ୍ୟମାନ ହେଉଛି ତାଙ୍କର ହସ ହସ ମୁଖ, ବିଶାଳ ହୃଦୟ ଓ ମୁରବି ପଣିଆର ଠାଣି । ତାଙ୍କର ଅବର୍ତମାନ ଆଜି ଉଦଳାକୁ କରିଦେଇଛି ମୁରବି ଶୂନ୍ୟ । ଏପରିକି ଉକ୍ତ ସ୍ଥାନ ପୁରଣ କରିବା ପାଇଁ ଆଉ ଅନ୍ୟ କେହି ଜଣେବି ଆଖିଆଗକୁ ଆସୁ ନାହାଁନ୍ତି । ଏହାହିଁ ସବୁଠାରୁ ଅଧିକ ଦୁଃଖ ଓ ଯନ୍ତ୍ରଣାଦାୟକ ବିଷୟ ପାଲଟି ଯାଇଛି । ଉଦଳାକୁ ବିଜ୍ଞାପିତ ଅଂଚଳ ଘୋଷଣା, ଉଦଳା ମହାବିଦ୍ୟାଳୟ ଓ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ସହିତ ବରିଷ୍ଠ ନାଗରିକ ସଂଘ ଗଠନ କରିବାରେ ସେ ନେଇଥିଲେ ମୁଖ୍ୟ ଭୂମିକା । ସେହିପରି ଉଦଳାରେ ଗଢ଼ି ଉଠିଥିବା ବିଭିନ୍ନ ଯୁବକ ସଂଘ, ପର୍ବ ପର୍ବାଣି ଓ ମେଳା ମହୋତ୍ସବ ମାନଙ୍କୁ ବଂଚାଇ ରଖିବା ପାଇଁ ସହଯୋଗର ହାତ ବଢ଼ାଉଥିଲେ । ଜାତି ଓ ଧର୍ମକୁ ନେଇ ଦେଖାଯାଉଥିବା ସଂକିର୍ଣ୍ଣତା ଠାରୁ ସେ ଥିଲେ ବହୁ ଦୁରରେ । ଯାହାକି ତାଙ୍କର ଆଚରଣରୁ ବେଶ ସ୍ପଷ୍ଟ ବାରି ହୋଇ ପଡୁଥିଲା । ଏହି ସ୍ୱଭାବ ହିଁ ତାଙ୍କର ମୁରବି ପଣିଆକୁ ଖୁବ୍ ଶାଣିତ କରିଥିଲା । ଉଦଳାରେ ଗଢ଼ି ଉଠିଥିବା ବାର୍ଷଭାନବି ଦୟିତ ଗୌଡ଼ିୟ ମଠକୁ ଜମିଦାନ କରିବା ଓ ଏଠାକାର ସରସ୍ୱତି ମେଳାକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ । କୌଣସି ସ୍ଥାନରେ ଭଲପାଇ ପୁଅ-ଝିଅ ବିବାହ କଲେ, ଜାତିକୁ କେନ୍ଦ୍ର କରି ବିବାଦ ମୁଣ୍ଡ ଟେକୁଥିଲା । ଏତିକିବେଳେ ଜୟପତ୍ରୀ ନିଜେ କେତେବେଳେ ପୁଅ ପକ୍ଷର ପିତା ସାଜୁଥିଲେ ତ କେତେବେଳେ ଝିଅ ପକ୍ଷର ପିତା ସାଜି ବିବାହ କରି ଦେଉଥିଲେ । ତାଙ୍କର ଏପରି ଏକ ଉଦ୍ୟମକୁ ସମ୍ମାନ ଜଣାଇ ମୁଣ୍ଡ ଟେକୁଥିବା ବିବାଦ ଆପଣା ଛାଏଁ ଦୁର ହୋଇ ଯାଉଥିଲା । ଏଇଥି ପାଇଁ ତାଙ୍କର ଥିଲା ସ୍ୱତନ୍ତ୍ର ସମ୍ମାନ । ଉଦଳାର ରାଜନୀତି ସହିତ ମଧ୍ୟ ସେ ପ୍ରତକ୍ଷ ଭାବରେ ଜଡ଼ିତ ଥିଲେ । ରାଜନୀତି ପରିସରକୁ ସଭ୍ୟ ଓ ଶିକ୍ଷିତ ଲୋକେ ଆସନ୍ତୁ ବୋଲି ସେ ଚାହୁଁଥିଲେ । ମଦୁଆ, ଅଶିକ୍ଷିତ ଓ ଗୁଣ୍ଡା ଶ୍ରେଣୀର ଲୋକେ ରାଜନୀତି କ୍ଷେତ୍ରକୁ ଆସିଲେ ଦେଶକୁ ଭୟଙ୍କର ବିପଦ ମାଡ଼ି ଆସିବ ବୋଲି ସେ କହୁଥିଲେ । ରାଜନୀତିକୁ ମହିଳା ମାନେ ପ୍ରବେଶ କରନ୍ତୁ ବୋଲି ସେ ଚାହୁଁଥିଲେ । ମୟୂରଭ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଭାବରେ ନିର୍ବାଚିତ ହୋଇ ସେ ଦକ୍ଷତାର ସହ ନିଜ ଦାୟିତ୍ୱ ତୁଲାଇ ବହୁ ଲୋକଙ୍କୁ ଚାକିରି ଦେଇଥିଲେ । ଏତିକିବେଳେ ସେ ବିଦେଶ ଭ୍ରମଣର ସୁଯୋଗ ମଧ୍ୟ ପାଇଥିଲେ । ଉଦଳାରେ ପାଳିତ ହେଉଥିବା ଜନରାଜ୍ୟ ଦିବସରେ ଫେନିସି ଫୁଟବଲ ମ୍ୟାଚ ସେ ଆରମ୍ଭ କରିଥିଲେ । ପ୍ରଥମ ବର୍ଷ ସେ ନିଜେ ବର ଓ ସ୍ୱ ରବିନାରାୟଣ ମହାନ୍ତି କନିଆଁ ବେଶ ସାଜି ଉଦଳା ହାଇସ୍କୁଲ ପଡ଼ିଆରେ ଫୁଟବଲ ଖେଳିଥିଲେ । ଯାହାକି ଦର୍ଶକ ମାନଙ୍କୁ ମୁଗ୍ଧ କରିଥିଲା । ଉଦଳାକୁ ସ୍ୱାମୀ ନିଜାନନ୍ଦ ସରସ୍ୱତିଙ୍କୁ ବାରମ୍ବାର ଆଣିବା ଓ ଏଠାରେ ଗୀତା ଜ୍ଞାନ ଯଜ୍ଞ ଆୟୋଜନ କରି ଏକ ଭିନ୍ନ ସ୍ୱାଦର ବାତାବରଣ ଖେଳାଇ ଦେବାରେ ସେ ନେଇଥିଲେ ନେତୃତ୍ୱ । ଏହିଭଳି ଜଣେ ଇତିହାସ ସୃଷ୍ଟି କରିଥିବା ମୁରବିଙ୍କର ଅବର୍ତମାନ ଉଦଳାରେ ସୃଷ୍ଟି କରିଛି ଏକ ବିରାଟ ଶୁନ୍ୟସ୍ଥାନ । ଅମରଆତ୍ମାର ସଦ୍‌ଗତି କାମନା କରି ଏଠାରେ ମୋର ଲେଖନିକୁ ବିରାମ ଦେଉଛି ।



ନଗରପାଳ,
ବିଜ୍ଞାପିତ ଅଂଚଳ ପରିଷଦ,
ଉଦଳା,
ମୋ-୯୪୩୮୫୧୮୭୯୪

# ନିଃସ୍ୱାର୍ଥପର ଆଧ୍ୟାତ୍ମିକ ଚେତନା



## ସୌର ଚନ୍ଦ୍ର ମହାପାତ୍ର

> ସେ ନିର୍ମଳ ପ୍ରେମର ଏକ ଅସରନ୍ତି ଭଣ୍ଡାର । 'ମୋ ଜୀବନ ହିଁ ମୋର ବାର୍ତ୍ତା ।' ଏହି ଉଦ୍‌ଘୋଷଣାକୁ ସତ୍ୟ ପ୍ରକାଶିତ କରି ନିଃସ୍ୱାର୍ଥ ସେବା ଦ୍ୱାରା ମୁକ୍ତିଲାଭ କରିବାକୁ ଉପଦେଶ ଦେଇ ସେ କହନ୍ତି, 'ମାନବର ସେବା ହିଁ ମାଧବର ସେବା ।' ଆଜି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଦଳଗତ ସେବାକାର୍ଯ୍ୟ, ସ୍ଥାନୀୟ, ସାମାଜିକ ଅନୁଷ୍ଠାନ ମାଧ୍ୟମରେ ଦେଶ ତଥା ବିଶ୍ୱର ଉପକାର ସମ୍ପାଦନ କରିଚାଲିଛି । ଭଗବାନ ଶ୍ରୀ ସାଇ ହେଉଛନ୍ତି ସର୍ବରୂପୀ ହରି । ସେ ପ୍ରତିଷ୍ଠା କରିଥିବା ଦେବାଳୟ, ବିଦ୍ୟାଳୟ, ଚିକିତ୍ସାଳୟ ଓ ନ୍ୟାୟାଳୟ ଭିତରେ ଆମ୍ଭେମାନେ ଯେଉଁମାନେ ଆଧ୍ୟାତ୍ମିକ ପିପାସୁମାନେ ଦେବାଳୟକୁ ପ୍ରଥମ ଭାବେ ଗ୍ରହଣ କରିବା ଉଚିତ।

କ୍ଷଣଭଙ୍ଗୁର ଜୀବନରେ ବିଶ୍ୱର କଲ୍ୟାଣ ପାଇଁ ଐଶ୍ୱରୀୟ ଚେତନା ଜୀବନସ୍ରୋତରେ ମିଶାଇ ସମାଜର କଲ୍ୟାଣ ପାଇଁ ଏବଂ ଧରାପୃଷ୍ଠରୁ ଅଶୋଭନୀୟତାର ଚିତ୍ରକୁ ବଦଳାଇ ଜଗତର ସର୍ବବିଧ ମଙ୍ଗଳ ପାଇଁ ଯେଉଁ ନିଃସ୍ୱାର୍ଥପର ଆଧ୍ୟାତ୍ମିକ ଚେତନାର ମାର୍ଗଦର୍ଶକ ତଥା ସ୍ରଷ୍ଟା ହେଉଛନ୍ତି ଭଗବାନ ଶ୍ରୀ ସତ୍ୟସାଇ ବାବା। ଭଗବାନ ଶ୍ରୀ ସତ୍ୟସାଇଙ୍କ ବାର୍ତ୍ତା ଏବଂ ଉଦାରତା ଦ୍ୱାରା ଅତିମାତ୍ରାରେ ବିହ୍ୱଳିତ ଅନେକ ବ୍ୟକ୍ତିମାନେ ନିଜର ବ୍ୟକ୍ତିଗତ ଉନ୍ନତି ଏବଂ ରୂପାନ୍ତରଣ ଲାଭ କରିଛନ୍ତି ତାଙ୍କ ଦିବ୍ୟ ସାନ୍ନିଧ ଲାଭ କରି । ବିଶ୍ୱପ୍ରେମ ଓ ତାହାକୁ ଅବଲମ୍ବନ କରିବା ଉପରେ ଶ୍ରୀ ସତ୍ୟସାଇଙ୍କଙ୍କ ପ୍ରଦତ୍ତ ଦିବ୍ୟ ବାଣୀ ଓ ଉପଦେଶ, ଓଡ଼ିଶା ତଥା ବିଭିନ୍ନ ରାଜ୍ୟ ତଥା ସମଗ୍ର ପୃଥିବୀର ଲକ୍ଷ ଲକ୍ଷ ହୃଦୟରେ ପହଞ୍ଚିଗଲାଣି ।

ଶ୍ରୀ ସତ୍ୟସାଇଙ୍କ ପ୍ରଦତ୍ତ ଶିକ୍ଷା, ସମସ୍ତ ସୀମା ସରହଦର ଅତୀତକୁ ଯାଇ, ଜାତି, ଧର୍ମ ଓ ସମ୍ପ୍ରଦାୟକତାର ଉର୍ଦ୍ଧ୍ୱରେ ପହଞ୍ଚିଗଲାଣି । ସାମାଜିକ ଦାୟିତ୍ୱକୁ ଆନନ୍ଦର ସହ ବହନ କରି, ବହୁ ବିବିଧତା ମଧ୍ୟରେ ଏକତା ଅନୁସନ୍ଧାନ କରିବା ପାଇଁ ସେ ତାଙ୍କ ଆଶ୍ରିତମାନଙ୍କୁ କହିଥାନ୍ତି । ଲକ୍ଷ ଲକ୍ଷ ଆଶ୍ରିତମାନଙ୍କ ସହ ଶ୍ରୀ ସତ୍ୟସାଇ ଆଜି ଜଣେ ବିଶ୍ୱଗୁରୁ ଭାବେ ଏବଂ ମାନବିକତାର ପ୍ରତୀକ ଭାବେ ଉଭା ହୋଇଛନ୍ତି । ତାଙ୍କ 'ସର୍ତ୍ତଶୂନ୍ୟ ପ୍ରେମ'ର ବାଣୀ ଆଜି ନିଃସ୍ୱାର୍ଥ ସେବାକର୍ମର ସାକାର ରୂପ ଭାବେ ପ୍ରକାଶିତ ହୋଇ ସମଗ୍ର ବିଶ୍ୱବ୍ୟାପ୍ତ ସତ୍ୟସାଇ ସଙ୍ଗଠନର ସଦସ୍ୟମାନଙ୍କଠାରେ ସହସ୍ରାଧିକ ସ୍ୱେଚ୍ଛାସେବୀମାନଙ୍କୁ ଉଦ୍‌ବୁଦ୍ଧ କରୁଛି । ଏହି ଅତୁଳନୀୟ ଆଧ୍ୟାତ୍ମିକବାଦର ଉଦ୍‌ଘୋଷକ ସେହି ବ୍ୟକ୍ତିତ୍ୱ ଯିଏ ଏକା ଏକା ଶିକ୍ଷା ପଦ୍ଧତିକୁ ସଂଶୋଧନ କରି ତାହାକୁ ମୂଲ୍ୟବୋଧଭିତ୍ତିକ କଲେ, ବିଶ୍ୱାତ୍ମକ ସ୍ୱାସ୍ଥ୍ୟସେବାର ନୂତନ ସଂଜ୍ଞା ନିରୂପଣ କଲେ ଏବଂ ସମାଜସେବା ସହ ଆଧ୍ୟାତ୍ମିକତାକୁ ସମନ୍ୱିତ କଲେ । ତାଙ୍କ ଜୀବନ ଓ ବାର୍ତ୍ତା ଏଭଳି ଶକ୍ତିଶାଳୀ ଯେ, ବହୁ ଉଚ୍ଚଶିକ୍ଷିତ ଏବଂ ଉଚ୍ଚକୁଳଜାତ ପୁରୁଷ ଓ ମହିଳା ତଥା ଦରିଦ୍ରତମ ବ୍ୟକ୍ତିମାନେ ମଧ୍ୟ ତାଙ୍କୁ ସେମାନଙ୍କ ପଥ ପ୍ରଦର୍ଶକ ଭାବେ ଗ୍ରହଣ କରିସାରିଲେଣି । ତାଙ୍କର ଅସୀମ ପ୍ରେମଭାବ, ଆନ୍ତର୍ଜାତୀୟ ସୁଖ୍ୟାତି ଏବଂ ଆଦୃଷ୍ଟପୂର୍ବ ଯଶକୀର୍ତ୍ତି ଦେଖି ଅନେକ ପ୍ରଶ୍ନ କରିବାକୁ ବାଧ ହେଲେଣି ଯେ, ''ପ୍ରକୃତରେ ସେ କିଏ ?''

'ମୁଁ ଦିବ୍ୟସତ୍ତା ଏବଂ ତୁମ୍ଭେମାନେ ମଧ୍ୟ । ଆମ ଭିତରେ ପାର୍ଥକ୍ୟ ଏତିକି ଯେ, ମୁଁ ଜାଣେ ମୁଁ ଜଣେ ଦିବ୍ୟସତ୍ତା ତୁମ୍ଭେମାନେ ନିଜେ ଦିବ୍ୟସତ୍ତା ବୋଲି ଜାଣିନାହଁ ।' ତାଙ୍କ ପରିଚୟ ଚାହୁଁଥିବା ବ୍ୟକ୍ତିମାନଙ୍କୁ ଏହା ଥିଲା ଭଗବାନ ଶ୍ରୀ ସତ୍ୟସାଇଙ୍କ ପ୍ରଦତ୍ତ ଉତ୍ତର । ପ୍ରତ୍ୟେକ ବ୍ୟକ୍ତିର ଅନ୍ତର୍ନିହିତ ଦିବ୍ୟ ସ୍ୱଭାବ ହିଁ ତାଙ୍କ ମିଶନର ଆଧାର ଶୀଳା । ତାଙ୍କ ଆଶ୍ରିତ ଓ ଅନୁଗାମୀ ମାନଙ୍କୁ ସମ୍ଭାଷଣ ପ୍ରଦାନ କଲାବେଳେ ସେ ସମସ୍ତଙ୍କୁ ଦିବ୍ୟସ୍ୱରୂପ ବୋଲି ସମ୍ବୋଧନ କରିଥାନ୍ତି । ତାଙ୍କ ମିଶନ୍‌କୁ ସ୍ପଷ୍ଟ କରିବାକୁ ଯାଇ ସେ କହନ୍ତି, 'କୌଣସି ଧର୍ମକୁ ନଷ୍ଟ ବା ବ୍ୟାଘାତ ପହଞ୍ଚାଇବା ପାଇଁ ମୁଁ ଆସି ନାହିଁ; ବରଂ ପ୍ରତ୍ୟେକଙ୍କୁ ନିଜ ନିଜ ଧର୍ମରେ ପୁନଃପ୍ରତିଷ୍ଠିତ କରିବାକୁ ଆସିଛି । ଫଳରେ ଜଣେ ଖ୍ରୀଷ୍ଟିୟାନ୍ ଆହୁରି ଭଲ ଖ୍ରୀଷ୍ଟିଆନ୍ ହେବ, ମୁସ୍‌ଲିମ୍ ଆହୁରି ଭଲ ମୁସଲିମ୍ ହେବ ଏବଂ ହିନ୍ଦୁ ଆହୁରି ଭଲ ହିନ୍ଦୁ ହୋଇପାରିବ ।'

ତାଙ୍କ ନିଜ ଭାଷାରେ ସେ କହନ୍ତି, 'ସମଗ୍ର ମାନବଜାତିକୁ ଭ୍ରାତୃତ୍ୱର ବନ୍ଧନରେ ବାନ୍ଧି ଏକ ପରିବାରଭୁକ୍ତ କରିବା, ପ୍ରତ୍ୟେକ ଜୀବର ଅନ୍ତର୍ନିହିତ ସତ୍ୟକୁ ଆଲୋକିତ ତଥା ପ୍ରତିପାଦିତ କରିବା, ଯେଉଁ ଦୈବତ୍ୱ ସମଗ୍ର ଜଗତର ଆଧାର ତାହା ଦର୍ଶାଇ ଦେବା, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ଦିବ୍ୟ ବନ୍ଧନକୁ ଚିହ୍ନାଇବା ପାଇଁ ସାଇ ଆସିଛନ୍ତି, ଯାହା ଫଳରେ ମଣିଷ, ତା'ଜୀବନର ଲକ୍ଷ, ଦୈବୀସ୍ତରକୁ ଉତ୍‌ଥିତ ହୋଇପାରିବ । ମଣିଷ ସାର୍ଥକ ଜୀବନ ଯାପନ କରିବା ପାଇଁ ସେ ଯେଉଁ ସୂତ୍ର ଯୋଗାଇ ଦେଇଛନ୍ତି ତାହା ହେଉଛି ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ରୂପକ ପଞ୍ଚାଙ୍ଗମାର୍ଗ । 'ଦୈବ ପ୍ରୀତି, ପାପଭୀତି ଓ ସଂଘ ନୀତି' ହେଉଛି ଏ ପୃଥିବୀକୁ ଆରୋଗ୍ୟ ପ୍ରଦାନ କରିବା ପାଇଁ ତାଙ୍କ ପ୍ରଦତ୍ତ ଔଷଧାଦିର ବ୍ୟବସ୍ଥା ପତ୍ର । ତାଙ୍କ ଦ୍ୱାରା କରାଯାଇଥିବା ଅସଂଖ୍ୟ ସେବା ପ୍ରକଳ୍ପ ତାଙ୍କ ଅନୁକମପାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେ ନିର୍ମଳ ପ୍ରେମର ଏକ ଅସରନ୍ତି ଭଣ୍ଡାର । 'ମୋ ଜୀବନ ହିଁ ମୋର ବାର୍ତ୍ତା ।' ଏହି ଉଦ୍‌ଘୋଷଣାକୁ ସତ୍ୟ ପ୍ରକାଶିତ କରି ନିଃସ୍ୱାର୍ଥ ସେବା ଦ୍ୱାରା ମୁକ୍ତିଲାଭ କରିବାକୁ ଉପଦେଶ ଦେଇ ସେ କହନ୍ତି, 'ମାନବର ସେବା ହିଁ ମାଧବର ସେବା ।' ଆଜି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଦଳଗତ ସେବାକାର୍ଯ୍ୟ, ସ୍ଥାନୀୟ, ସାମାଜିକ ଅନୁଷ୍ଠାନ ମାଧ୍ୟମରେ ଦେଶ ତଥା ବିଶ୍ୱର ଉପକାର ସମ୍ପାଦନ କରିଚାଲିଛି । ଭଗବାନ ଶ୍ରୀ ସାଇ ହେଉଛନ୍ତି ସର୍ବରୂପୀ ହରି । ସେ ପ୍ରତିଷ୍ଠା କରିଥିବା ଦେବାଳୟ, ବିଦ୍ୟାଳୟ, ଚିକିତ୍ସାଳୟ ଓ ନ୍ୟାୟାଳୟ ଭିତରେ ଆମ୍ଭେମାନେ ଯେଉଁମାନେ ଆଧ୍ୟାତ୍ମିକ ପିପାସୁମାନେ ଦେବାଳୟକୁ ପ୍ରଥମ ଭାବେ ଗ୍ରହଣ କରିବା ଉଚିତ। ଭଗବାନ ଶ୍ରୀ ସାଇ ତାଙ୍କ ସମ୍ଭାଷଣରେ କହିଛନ୍ତି ଆଇନ ହେଉଛି ତିନି ପ୍ରକାର। ଗୋଟିଏ ହେଉଛି ଗଡ୍ ମେଡ୍ ଲ', ଦ୍ୱିତୀୟଟି ହେଉଛି ମ୍ୟାନ ମେଡ୍ ଲ', ତୃତୀୟଟି ହେଉଛି ନେଚର ମେଡ୍ ଲ'। ଆମ୍ଭେମାନେ ଗଡ୍ ମେଡ୍ ଲ'କୁ ଗୁରୁତ୍ୱ ଓ ପ୍ରାଧାନ୍ୟ ଦେବା ଦରକାର।

ଆଜିକାଲିର ଲୋଭ, ଦୁର୍ନୀତି, ହିଂସା, ଆତଙ୍କପୂର୍ଣ୍ଣ ପରିବେଶରେ କୋଟି କୋଟି ଲୋକ ସାର୍ଥକ ଜୀବନଯାପନ କରିବା ସକାଶେ ଧରିତ୍ରୀ ମାତା ଏବଂ ଜୀବଜଗତ ଏବଂ ନିଜ ସହ ସମନ୍ୱୟ ରକ୍ଷା କରି ଚଳିବା ପାଇଁ ତାଙ୍କୁ ଆଦର୍ଶ ମାନିଛନ୍ତି । ତାଙ୍କ ବାର୍ତ୍ତା ହିଁ ଏକ ଆଧ୍ୟାତ୍ମିକ ମହୌଷଧି ଯାହା ଆତ୍ମସଂସ୍କାର ରୂପକ ବ୍ୟାଧିରୁ ମାନବ ଜାତିକୁ ଉଦ୍ଧାର କରିପାରିବ । ନିର୍ମଳ ପ୍ରେମର ପ୍ରତିମୂର୍ତ୍ତି ସେ । ଆମର ଅନ୍ତର୍ନିହିତ ପବିତ୍ରତାକୁ ଚିହ୍ନି ତା'ର ପରିଚାଳନା ନିମନ୍ତେ ଉଦାହରଣ ମାଧ୍ୟମରେ ଆମ୍ଭମାନଙ୍କୁ ଅଗ୍ରସର କରାଇନେବା ପ୍ରକୃତରେ କ୍ୱଚିତ୍ ଦେଖାଯାଇଥାଏ । ସମାଜରେ ସମସ୍ତଙ୍କ ଭିତରେ ରୂପାନ୍ତରଣ ସହ ମାନବ ସେବା ହିଁ ମାଧବ ସେବାର ମହାମନ୍ତ୍ରକୁ ଅବଲମ୍ବନ କରି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ବିଶ୍ୱର ସବୁଠି ପହଞ୍ଚ ପାରିଛି । ଭଗବାନ କଳିଯୁଗର ଅବତାର ଶ୍ରୀ ସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ତୁମେ ମୋତେ ଯେ କୌଣସି ନାମରେ ଡାକିପାର। ମୁଁ ସବୁଥିରେ ଜବାବ ଦେବି, କାରଣ ସବୁ ନାମ ମୋରି। ତୁମ ଦ୍ୱାରା ପ୍ରତ୍ୟାଖ୍ୟାତ ହେଲେ ବି ମୁଁ ତୁମ ପଛେ ପଛେ ଥିବି। ସୂର୍ଯ୍ୟଙ୍କୁ ପ୍ରତ୍ୟାଖ୍ୟାନ କଲେ ସୂର୍ଯ୍ୟ କ'ଣ କୁଆଡ଼େ ଚାଲି ଯାଆନ୍ତି। ମୋତେ ମାପିବାକୁ ଚେଷ୍ଟା କରନାହିଁ, କେବଳ ବିଫଳ ହେବ। ବରଂ ତୁମ ନିଜର ମାପ ଜାଣିବାକୁ ଚେଷ୍ଟା କର। ଭଗବାନ ତ ଅସୀମ। ଭଗବାନଙ୍କୁ ଜାଣିବା, ନିଜେ ଭଗବାନ ପାଲଟିଯିବା, ସମାନ। ମୋତେ ଜାଣିବାକୁ ଉଦ୍ୟମ କଲେ ତୁମେ ମୋ ଭିତରେ ବୁଡ଼ିଯାଅ। ସସୀମ, ଅସୀମ ଭିତରେ ଲୀନ ହୋଇଯାଏ। ସତ୍ୟ ଓ ପ୍ରେମ ମାଧ୍ୟମରେ ମାନବିକତାର ପୁନରୁଦ୍ଧାର ମୋର ଦାୟିତ୍ୱ। ମୁଁ ତୁମକୁ ଉଭୟ ଧର୍ମ ଓ ବ୍ରହ୍ମ ମାର୍ଗ ଦେଖାଇବାକୁ ଆସିଛି।

ତୁମେ ମୋ ଆଡ଼କୁ ପାଦେ ଆଗେଇଲେ ମୁଁ ତୁମ ଆଡ଼କୁ ଦଶପାଦ ଆଗେଇବି। ଚେଷ୍ଟା କରିବା ଓ ଉଦ୍ୟମ କରିବା ମଣିଷର କର୍ତ୍ତବ୍ୟ। ସଫଳତା ବା ବିଫଳତା ଈଶ୍ୱରଙ୍କ କୃପା ଉପରେ ନିର୍ଭର କରେ। ଭଗବାନ ସଶରୀରରେ ତୁମ ପାଖେ ଅଛନ୍ତି ଏହି ବିଶ୍ୱାସର ସହ ତୁମକୁ ଦିଆଯାଇଥିବା କର୍ମ କରିଯାଅ। ନାମ ସ୍ମରଣରେ ନିୟୋଜିତ ହୋଇ ରହି ତାହା ହିଁ ସର୍ବୋତ୍ତମ ସାଧନା। ତାହା ହିଁ ସର୍ବୋଚ୍ଚ ଜପ ସର୍ବାଧିକ ଲାଭପ୍ରଦ ତପସ୍ୟା। ନାମକୁ ପ୍ରେମପୂର୍ଣ୍ଣ କରିଦିଅ ଓ ଭକ୍ତି ବିଜଡ଼ିତ କରିଦିଅ। ତାହା ହିଁ ତୁମ ସମସ୍ତଙ୍କ ପାଇଁ ସହଜତମ ମାର୍ଗ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ
ମୋ: ୯୪୩୭୦୦୪୪୬୬

କବିତା କୋଣାର୍କ

## ଅନୁପସ୍ଥିତି

### ଡ. ଦୀପକ କୁମାର ମିଶ୍ର

ଯେଉଁମାନେ ଅନୁପସ୍ଥିତ ଥିଲେ ସେଦିନ
ଭିଡ଼ଭାଡ଼ରେ ହୁଁ ହାଜିର୍ ପକେଇବାକୁ
ବାଡ଼ି ଓ ଧାଡ଼ିର ଉପସ୍ଥାନ ଖାତାରେ
ଭୋଗିବାକୁ
ଏକ୍ଲାପଣର ମହାର୍ଘ୍ୟ ଆନନ୍ଦ
ସେମାନେ ସମସ୍ତେ
ନିଃସନ୍ଦେହରେ ସାହସ ବାନ୍ଧନ୍ତି
ଜୀବନରେ ଅନ୍ତତଃ
ଖଣ୍ଡିଏ କବିତା ଲେଖିବାକୁ ।

ପ୍ରାଚୁର୍ଯ୍ୟ, ପରାକାଷ୍ଠା ଓ ପ୍ରଭୂତ୍ୱର
ସ୍ଥୂଳ ବନ୍ଧନରୁ ଅପସରି ଯାଇ
ଭାବର ଭଅଁରଟିଏ ସାଜିବା,
ଫୁଲ ଚାରିପଟେ ଅଯାଚିତ ରୂପେ
କାମ ଓ କାରୁଣ୍ୟର କେନ୍ଦେରା ବଜେଇ
ଅକାରଣରେ କାରଣଦର୍ଶାଅ
କୈଫତ ନାମାଟେ ଲେଖି
ସବିଶେଷ ଉପସ୍ଥାନ ପକେଇବା,
ଭାବଯୋଗୀଟିଏ ପାଇଁ
କେତେ ଯେ କଷ୍ଟସାଧ
ତାହା କେବଳ ତାକୁ ହିଁ ତ ଜଣା ।

ନଈରୁ ବିଚ୍ଛିନ୍ନ ହୋଇ ବିନ୍ଦୁଟିଏ ହେବା
ଜ୍ୟୋସ୍ନାର ଲାବଣ୍ୟରୁ ଛିଣ୍ଡିଯାଇ
କାହା ଆଖିରେ କେଉାଏ ସ୍ୱପ୍ନ ବୁଣିଦେବା
ସୌଭାଗ୍ୟର ସିନ୍ଧୁ ସହିତ
ହାତ ନମିଳେଇ
ଅନୁପସ୍ଥିତ ରହିବାର ସତ୍ୟତାରେ
ବାଷ୍ପୀଭୂତ ହେବା
ଜୀବନକୁ ବୁଝିବାର ଅନ୍ତରଙ୍ଗ ଚେଷ୍ଟାରେ
ନିଜକୁ ସମ୍ପୂର୍ଣ୍ଣ ଉହ୍ୟ କରିଦେବା
ଅପୂର୍ଣ୍ଣତାର ପାପଚୁଠରେ
ବିଶ୍ୱାସର ବିଧର୍ମୀ ବୁଡ଼ ପକେଇ
ନିଜକୁ ଶୂନ୍ୟଶୂନ୍ୟ ମହାଶୂନ୍ୟ କରିଦେବା
ସତରେ କ'ଣ ଏତେ ସହଜ ।

କୁହ, ମୁଁ କାହିଁକି ହାତ ଟେକିବି
ଆଜ୍ଞାଧୀନ ଛାତ୍ରଟିଏ ପରି
ମୁଣ୍ଡ ଟୁଙ୍ଗାରି ଏଣ୍ଡୁଅ ପରି
ବାରବାର ରଙ୍ଗ ବଦଳେଇ
ମିଶିଯିବି ପୃଷ୍ଠଭୂମି ସହିତ
ବିନା ଭୁଲରେ କାନଧରି
ଉଠବସ ହେବି
ଏକଗୋଡ଼ରେ ଛିଡା
ହେବି ଭଙ୍ଗାବେଞ୍ଚରେ
କାହା ଗୋଡାଣିଆ ମର୍ଜିର ଦୟାରେ
ହରେଇବି ନିଜର ଅସ୍ତିତ୍ୱ ।

ବରଂ ଯାହିତାହି
ମୁଁ ଉପସ୍ଥିତ ଥାଏ ମୋ ଭିତରେ
ତୁମ ହୃଦୟର ଦାମୀ ଉପସ୍ଥାନ
ଖାତାରେ
ଶହେ ପ୍ରତିଶତ ଗର୍ହାଜିରର
ବଦନାମକୁ ମୁଣ୍ଡେଇ,
ହୋଇପାରେ ଚିରଦିନ ପାଇଁ..... ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ତୁମ ପରି କାହିଁ ଦିଶୁନି

### ମୋହନ କୁମାର ସ୍ୱାଇଁ



ତୁମେ ହଜାଇଲ ପାଦର ପାଉଁଜି
ଅମଡ଼ା ବାଟର ଛାତିରେ
ମୋତେ କାହିଁ ଏବେ ଛମଛମ୍ ଶୁଭେ
ନିର୍ଦ୍ଧୁମ ଅନ୍ଧାରର ରାତିରେ ।

ଏକା ନୀଳ ଶାଢ଼ୀ ସଭିଙ୍କ ଦେହକୁ
ତୁମ ପରି କାହିଁ ଦିଶୁନି
ଏକା ଦୋକାନର ରୂପେଲି ପାଉଁଜି
ସମାନ ଶବଦ ଦେଉନି ।

ଯିଏ ଯେତେ କହୁ କଅଁଳ ଶବଦ
ତମ ସ୍ୱର ସଙ୍ଗେ ମିଶୁନି
ତମ ପରି ମିଠା ଶବ୍ଦ ଉଚ୍ଚାରଣ
କେହି କାହିଁ କରି ପାରୁନି ।

ବିଶ୍ୱକର୍ମା ବୋଧେ ଗଢ଼ି ଦେଇଥିଲେ
ସ୍ୱତନ୍ତ୍ର ସମୟ ଦେଇକି
ସେଥିଲାଗି କାଳେ ଅଲଗା ବନିଛ
କେବଳ ମୋରି ପାଇଁକି ।

ଶବ୍ଦ ହଜୁନାହିଁ ଛନ୍ଦ ହଜୁନାହିଁ
ଦୃଷ୍ଟି ହଜୁନାହିଁ ମନରୁ
ସମୟ କେତେ ଯେ ଆଗକୁ ଗଲେ ବି
ତୁମକୁ ଦେଖୁଛି ମୂଳରୁ ।

+ବେଣାପୁର, କଣ୍ଟିଗଡ଼ିଆ
ଯାଜପୁର








## ବୈବାହିକ ଜୀବନରେ ଝଡ଼

ବଲିଉଡ ଅଭିନେତ୍ରୀ ସେଲିନା ଜେଟଲିଙ୍କ ବୈବାହିକ ଜୀବନରେ ସୃଷ୍ଟି ହୋଇଛି ଝଡ଼। ହାଟରେ ପଡି ଦାଣ୍ଡରେ ଗଡିଲାଣି ଅଭିନେତ୍ରୀଙ୍କ ଘରୋଇ ବିବାଦ। ସ୍ୱାମୀ ପିଟର ହାଗଙ୍କ ବିରୋଧରେ ସେ ଘରୋଇ ହିଂସା ମାମଲା ଦାଏର କରିଛନ୍ତି। ମୁମ୍ବାଇର ଫ୍ୟାମିଲି କୋର୍ଟରେ ସେଲିନା ବିଭିନ୍ନ ସମୟରେ ସ୍ୱାମୀ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିବାର କଥାକୁ ଉଲ୍ଲେଖ କରିଛନ୍ତି।

ତାଙ୍କ ଆବେଦନ ପରେ ମୁମ୍ବାଇର କୋର୍ଟ ହାଗଙ୍କୁ ଏକ ନୋଟିସ୍ ଜାରି କରିଛନ୍ତି। ସେଲିନା ନୋ ଏଣ୍ଟ୍ରି, ଗୋଲମାଲ ରିଟର୍ଣ୍ଣସ୍, ଥାଙ୍କ୍ ୟୁ, ଅପନା ସପନା ମନି ମନି ପରି ଚଳଚିତ୍ରରେ ନିଜର ଅଭିନୟର ଯାଦୁକୁ ପ୍ରଦର୍ଶିତ କରିଛନ୍ତି । ସେ ୨୦୧୧ ମସିହାରେ ଆନୁଷ୍ଠାନିକ ଭାବରେ ବିଶିଷ୍ଟ ଉଦ୍ୟୋଗପତି ପିଟର ହାଗଙ୍କୁ ବିବାହ କରିଥିଲେ। ପାରିବାରିକ ଜୀବନ ସୁରୁଖୁରୁରେ ଚାଲୁଥିବା ବେଳେ ସେ ୨ ଥର ଦୁଇ ଯମଜ ସନ୍ତାନଙ୍କୁ ଜନ୍ମ ମଧ ଦେଇଥିଲେ। କିନ୍ତୁ ଶିଶୁମାନଙ୍କ ମଧ୍ୟରୁ ଜଣେ ହାଇପୋପ୍ଲାଷ୍ଟିକ୍ ନାମକ ହୃଦରୋଗ ଯୋଗୁ ମୃତ୍ୟୁବରଣ କରିବା ପରେ ପରିବାର ସଦସ୍ୟ ଦୁଃଖରେ ଭାଙ୍ଗିପଡିଥିଲେ । ସୋସିଆଲ ମିଡିଆରେ ସବୁବେଳେ ସକ୍ରିୟ ରହୁଥିବା ସେଲିନା ଜେଟଲି, ନିଜ ପରିବାର ସହ ବିଭିନ୍ନ ଫଟୋ ସେସିଆଲ ମିଡିଆରେ ଅପଲୋଡ କରିଥାନ୍ତି। କିନ୍ତୁ ହଠାତ ସବୁବେଳେ ଖୁସିରେ ରହୁଥିବା ଦମ୍ପତିଙ୍କ ଭିତରେ ବିବାଦ ଦେଖାଦେଇଥିଲା ।ବିବାଦର ପରିଣାମ ଅନୁଯାୟୀ ଅଭିନେତ୍ରୀ ସେଲିନା ଜେଟଲି କୋର୍ଟରେ ଛାଡପତ୍ର ଆବେଦନ କରିଥିଲେ।

ଯେଉଁଥିରେ ସେ ତାଙ୍କ ସ୍ୱାମୀ ପିଟର ତାଙ୍କୁ ସବୁ ସମୟରେ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିବାର କଥାକୁ ଉଲ୍ଲେଖ କରିଥିଲେ । ସେ ଆହୁରି ମଧ କହିଛନ୍ତି,ଯେ ସ୍ୱାମୀଙ୍କ ଅତ୍ୟାଚାର କାରଣରୁ ତାଙ୍କୁ ଆଟ୍ରିୟା ଛାଡି ଭାରତ ଆସିବାକୁ ପଡିଥିଲା। ଏପରିକି ବାହାଘର ପରେ ସ୍ବାମୀ ପିଟର ତାଙ୍କୁ ଚାକିରି କରିବା ପାଇଁ ବାରଣ ମଧ କରୁଥିଲେ। ରିପୋର୍ଟ ମୁତାବକ ସେଲିନା ତାଙ୍କ ସ୍ୱାମୀଙ୍କ ଠାରୁ ମାନସିକ ଏବଂ ଶାରୀରିକ ନିର୍ଯାତନା ପାଇଁ , ୫୦ କୋଟି ଟଙ୍କାର ଭରଣପୋଷଣ ଦାବି କରିଥିବା ଜଣାପଡିଛି।




## ସେ ଥିଲେ ମୋ ଦୁନିଆ... ମୋ ଖୁସି

ବଲିଉଡର ବରିଷ୍ଠ ଅଭିନେତା ଧର୍ମେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ଅନେକ ପ୍ରକାର ଗୁଜବ ଖବର ଘୁରି ବୁଲୁଥିଲା। ଶେଷ ନଭେମ୍ବର ୨୪ ତାରିଖରେ ସବୁଦିନ ପାଇଁ ଆଖି ବୁଜିଦେଲେ ହିମ୍ୟାନ । ଧର୍ମେନ୍ଦ୍ରଙ୍କ ଦେହାନ୍ତରେ ସିନେମାଜଗତ ସମେତ ତାଙ୍କର ସମଗ୍ର ପରିବାର ମର୍ମାହତ ହୋଇପଡ଼ିଛନ୍ତି।

ଧର୍ମେନ୍ଦ୍ରଙ୍କ ପରିବାରର ଅନେକ ସଦସ୍ୟ ସୋସିଆଲ ମିଡିଆରେ ଖୁବ ସକ୍ରିୟ ଥିବା ବେଳେ ହିମ୍ୟାନଙ୍କ ଦେହାନ୍ତକୁ ନେଇ ଏପର୍ଯ୍ୟନ୍ତ କୌଣସି ପୋଷ୍ଟ ସେୟାର କରିନାହାଁନ୍ତି। ଏହି କ୍ରମରେ ପତ୍ନୀ ହେମା ମାଳିନୀ ସ୍ୱାମୀଙ୍କୁ ହରାଇବା ପରେ ଗଭୀର ଦୁଃଖ ପ୍ରକାଶ କରି ପୁରୁଣା ସ୍ମୃତି ସବୁକୁ ମନେପକାଇ ଅନେକ ଫଟୋ ସେୟାର କରିଛନ୍ତି।

ଧର୍ମେନ୍ଦ୍ରଙ୍କ ଦେହାନ୍ତ ପରେ ହେମା ମାଳିନୀଙ୍କ ପ୍ରଥମ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ହେମା ମାଳିନୀ ଧରମଜୀଙ୍କୁ ମନେ ପକାଇ ଲେଖିଛନ୍ତି, 'ଧରମଜୀ ମୋ ପାଇଁ ସବୁ କିଛି ଥିଲେ। ସେ ଥିଲେ ପ୍ରିୟର ସ୍ୱାମୀ, ଆମର ଦୁଇ ଝିଅ ଇଶା ଏବଂ ଆହାନାଙ୍କ ପାଇଁ ପ୍ରିୟର ବାପା, ଜଣେ ବନ୍ଧୁ, ଜଣେ ଦାର୍ଶନିକ, ଜଣେ ମାର୍ଗଦର୍ଶକ, ଜଣେ କବି, ଜଣେ ଯିଏକି ସବୁବେଳେ ଆବଶ୍ୟକତା ସମୟରେ ମୋ ପାଖରେ ଥିଲେ - ପ୍ରକୃତରେ, ସେ ମୋ ପାଇଁ ସବୁକିଛି ଥିଲେ! ସେ ଉଭୟ କଷ୍ଟ ଏବଂ ଭଲ ସମୟରେ ମୋ ପାଇଁ ଥିଲେ। ତାଙ୍କର ବନ୍ଧୁତ୍ୱପୂର୍ଣ୍ଣ ଆଚରଣ ହେତୁ ସେ ମୋ ପରିବାରର ସମସ୍ତ ସଦସ୍ୟଙ୍କ ଅତି ଆପଣାର ମଣିଷଟିଏ ଥିଲେ।

ଜଣେ ଜନପ୍ରତିନିଧି ଭାବରେ, ତାଙ୍କର ପ୍ରତିଭା, ଲୋକପ୍ରିୟତା, ତାଙ୍କର ନମ୍ରତା ଏବଂ ସାର୍ବଜନୀନ ମନଭାବ ହେତୁ ଅନେକ ଭିଡ଼ ଭିତରେ ବି ସେ ଅନନ୍ୟ ହୋଇ ରହିଥିଲେ। ଚଳଚ୍ଚିତ୍ର ଶିଳ୍ପରେ ତାଙ୍କର ସ୍ଥାୟୀ ପ୍ରସିଦ୍ଧି ଏବଂ ସଫଳତା ସର୍ବଦା ରହିଛି ଓ ରହିଥିବ ମଧ। ଜୀବନରେ ପଡ଼ିଥିବା ଏ ଶୂନ୍ୟସ୍ଥାନ ଶେଷ ନିଶ୍ୱାସ ଯାଏଁ ପୂରଣ ହୋଇ ପାରିବ ନାହିଁ। ବର୍ଷ ବର୍ଷ ଧରି ଏକାଠି ରହିବା ପରେ, ମୋ ପାଖରେ ଅନେକ ବିଶେଷ ମୁହୂର୍ତ୍ତକୁ ପୁନଃଜୀବିତ କରିବା ପାଇଁ ଅନେକ ସ୍ମୃତି ସେ ଛାଡ଼ି ଯାଇଛନ୍ତି।'

## କେତେ ଟଙ୍କାର ସମ୍ପତ୍ତି ପଛରେ ଛାଡ଼ି ଗଲେ ଧର୍ମେନ୍ଦ୍ର ?

ବଲିଉଡର କିମ୍ବଦନ୍ତୀ ଚେହେରା ଧର୍ମେନ୍ଦ୍ର ଦେଓଲ ଆଉ ନାହାନ୍ତି। ସୋମବାର ମୁମ୍ବାଇ ସ୍ଥିତି ବାସଭବନରେ ହି-ମ୍ୟାନ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ବଲିଉଡର ଏହି ମାଚୋ ମ୍ୟାନଙ୍କୁ ୮୯ ବର୍ଷ ହୋଇଥିଲା। ଫୁଲ ଅର ପଥର, ମେରା ଗାଓଁ ମେରା ଦେଶ, ଶୋଲେ, ଖାମୋଶି, ଜନ୍ନି ଗଦ୍ଦର ଓ ରିଲିଜ ଅପେକ୍ଷାରେ ଥିବା ଇକ୍କିସ ପାଇଁ ଜଣାଶୁଣା ଧର୍ମେନ୍ଦ୍ର କେବଳ ଜଣେ ଅଭିନେତା ନଥିଲେ। ଅଭିନୟ ସହ ଥିଲେ ଜଣେ ବିଚକ୍ଷଣ ବ୍ୟବସାୟୀ। ଅନେକ ଶହ କୋଟିର ମାଲିକ ଥିଲେ ଧର୍ମେନ୍ଦ୍ର। ସେ ତାଙ୍କ ପଛରେ ଅନେକ କୋଟିର ସମ୍ପତ୍ତି, ଫାର୍ମ ହାଉସ ଓ ଏକାଧିକ ଦାମୀ କାର ଛାଡ଼ି ଯାଇଛନ୍ତି। ଗୋଟିଏ ରିପୋର୍ଟ ଅନୁସାରେ, ଧର୍ମେନ୍ଦ୍ର ୩୩୫ କୋଟିରୁ ୪୦୦ କୋଟି ଟଙ୍କାର ମାଲିକ। ଫିଲ୍ମ ଇଣ୍ଡଷ୍ଟ୍ରୀରେ ନିଜର ପ୍ରତିଷ୍ଠା ହାସଲ କରିବା ପରେ ସେ ହୋଟେଲ, ରେଷ୍ଟୁରାଣ୍ଟ ଓ ବାର ଭଳି କ୍ଷେତ୍ରରେ ନିବେଶ କରିଥିଲେ। ପ୍ରଥମେ ଧର୍ମେନ୍ଦ୍ର ରେଷ୍ଟୁରାଣ୍ଟ ବ୍ୟବସାୟ ଆରମ୍ଭ କରିଥିଲେ। ୨୦୧୫ରେ ଦିଲ୍ଲୀରେ ସେ ଖୋଲିଥିଲେ ଗରମ ଧମର ଢାବା। ୨୦୨୨ରେ ସେ ହି-ମ୍ୟାନ ନାମକ ରେଷ୍ଟୁରାଣ୍ଟ କର୍ଣ୍ଣାଲ ଜାତୀୟ ରାଜପଥ କଡ଼ରେ ଲଞ୍ଚ କରିଥିଲେ। ଏହାପରେ ଏକାଧିକ ବାରରେ ସେ ନିବେଶ କରିଥିଲେ।




## ଯଥା ଶୀଘ୍ର ହେବ ବିବାହ

ଭାରତୀୟ ମହିଳା ଦଳର ଷ୍ଟାର କ୍ରିକେଟର ତଥା ବିଶ୍ୱ ଚାମ୍ପିଅନ୍ ସ୍ମୃତି ମନ୍ଧାନା ଏବଂ ପଲାଶ ମୁଚ୍ଛଲଙ୍କ ବିବାହ ନଭେମ୍ବର ୨୩ରେ ହେବାର ଥିଲା ।

ବିବାହ ରୀତିନୀତି ଖୁବ ଧୁମଧାମରେ ପାଳନ କରାଯାଉଥିବା ବେଳେ ସ୍ମୃତି ଓ ପଲାଶଙ୍କ ମେହେନ୍ଦୀ ଓ ହଳଦୀର ଅନେକ ଫଟୋ ଭିଡିଓ ମଧ ସୋସିଆଲ ମିଡିଆରେ ଘୁରି ବୁଲୁଥିଲା। ଏଭଳି ଖୁସିର ସମୟରେ ସ୍ମୃତିଙ୍କ ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ବିଗିଡ଼ି ଯିବାରୁ ବିବାହକୁ ଅନିଶ୍ଚିତକାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏହି ଖବର ସାମ୍ନାକୁ ଆସିବାପରେ ସ୍ମୃତି ଓ ପଲାଶଙ୍କ ବିବାହକୁ ନେଇ ଅନେକ ପ୍ରକାର ଗୁଜବ ଖବର ଘୁରି ବୁଲୁଛି। ଯେମିତି କି ସ୍ମୃତି ଓ ପଲାଶଙ୍କ ସମ୍ପର୍କରେ ସୃଷ୍ଟି ହୋଇଛି କି ଫାଟ? ଆଗକୁ ବିବାହ ହେବ କି ନାହିଁ? ବିବାହ ସ୍ଥଗିତ ସ୍ମୃତିଙ୍କ ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟା ନଆଉ କିଛି କାରଣ ରହିଛି? ଲୋକଙ୍କ ଏଭଳି ପ୍ରଶ୍ନର ଉତ୍ତର ଦେଇ ସ୍ମୃତିଙ୍କ ଭାବିସ୍ୱାମୀ ପଲାଶ ମୁଚ୍ଛଲଙ୍କ ମାଆ ଅମିତା ମୁଚ୍ଛଲ କହିଛନ୍ତି, ' ବିବାହ ସ୍ଥଗିତ ରଖିବାର ନିଷ୍ପତ୍ତି ପ୍ରଥମେ ପୁଅ ପଲାଶ ନେଇଥିଲା। ପଲାଶ ନିଷ୍ପତ୍ତିରେ ମୋ ଭାବି ବୋହୂ ସହମତି ଦେଖାଇଥିଲେ। ପଲାଶ ସ୍ମୃତିଙ୍କ ବାପା ଶ୍ରୀନିବାସଙ୍କ ସହିତ ବହୁତ ନିକଟତର। ଯେତେବେଳେ ପଲାଶ ତାଙ୍କ ଭାବି ଶ୍ୱଶୁରଙ୍କ ଅସୁସ୍ଥତା ସମ୍ପର୍କରେ ଖବର ପାଇଥିଲେ ସେ ସଙ୍ଗେସଙ୍ଗେ ବିବାହ ପାଇଁ ଚାଲିଥିବା ସମସ୍ତ କାର୍ଯ୍ୟକ୍ରମକୁ ଅଧାରୁ ଅଟକାଇ ଦେଇ ବିବାହକୁ ସ୍ଥଗିତ ରଖିବାକୁ କହିଥିଲା। ଆଉ କହିଥିଲା, 'ଯେ ପର୍ଯ୍ୟନ୍ତ ଶ୍ୱଶୁର ସୁସ୍ଥ ହୋଇ ନାହାନ୍ତି ସେ ବିବାହ କରିବ ନାହିଁ। ଏପଟେ ସ୍ମୃତିଙ୍କ ପିତାଙ୍କ ଅସୁସ୍ଥତା ପରେ ର ସ୍ୱାସ୍ଥ୍ୟାବସ୍ଥା ମଧ ଖରାପ ହୋଇଯାଇଥିଲା। କାମ ଚାପ ହେତୁ ଭାଇରାଲ୍ ସଂକ୍ରମଣ ଏବଂ ଏସିଡିଟି ଯୋଗୁଁ ତାକୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡିଥିଲା। ପଲାଶ ବର୍ତ୍ତମାନ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛି। ତେଣୁ ମୋର ଆପଣମାନଙ୍କୁ ଅନୁରୋଧ ଅନ୍ୟଥା ଗୁଜବ ପ୍ରଚାର କରନ୍ତୁ ନାହିଁ। ଶ୍ରୀନିବାସ ଓ ପଲାଶ ସୁସ୍ଥ ହେଲେ ଯଥାଶୀଘ୍ର ବିବାହ ହେବ।'

## ପ୍ରେମିକା ପାଇଁ ଧର୍ମ ବଦଳାଇଲେ



କମେଡିଆନ କପିଲ ଶର୍ମାଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'କିସ୍ କିସ୍‌କୋ ପ୍ୟାର କରୁଁ ୨' ର ଟ୍ରେଲର ବୁଧବାର ମୁକ୍ତିଲାଭ କରିଛି। ନିର୍ଦ୍ଦେଶକ ଯୋଡ଼ି ଆବ୍ବାସ-ମସ୍ତାନଙ୍କ ୨୦୧୫ର ହିଟ କମେଡି ଫିଲ୍ମର ଏହି ସିକ୍ୱେଲରେ କପିଲ ଶର୍ମା ପୁଣି ଥରେ ହାସ୍ୟରସ କାହାଣୀ ନେଇ ବଡ଼ ପରଦାକୁ ଫେରିଛନ୍ତି। ପ୍ରାୟ ୩ ମିନିଟର ଏହି ଟ୍ରେଲରେ କପିଲ ଶର୍ମାଙ୍କ ଚରିତ୍ରକୁ ଦେଖାଯାଇଛି, ଯିଏ ତାଙ୍କ ପ୍ରେମିକା ପାଇଁ ତିନି ଥର ଧର୍ମ ପରିବର୍ତ୍ତନ କରୁଛନ୍ତି ପ୍ରଥମେ ହିନ୍ଦୁରୁ ମୁସଲମାନ ଓ ପରେ ଖ୍ରୀଷ୍ଟିଆନ। କିନ୍ତୁ ସେ ତାଙ୍କ ଡ୍ରିମ ଗର୍ଲଙ୍କୁ ପାଉନାହାଁନ୍ତି, ବରଂ 'ଭୁଲ୍‌ରେ ତିନି ଭିନ୍ନ ଧର୍ମରୁ ଜଣେ ଲେଖାଏଁ ମହିଳାଙ୍କୁ ବିବାହ କରି ବଡ଼ ଅଡୁଆରେ ଫସି ଯାଉଛନ୍ତି। ରାଜା ଏବଂ ତାଙ୍କର ତିନି ରାଣୀ' ଥିବା ଏହି କାହାଣୀରେ କପିଲ ନିଜର ତିନି ପତ୍ନୀଙ୍କୁ ଜଣଙ୍କଠାରୁ ଅନ୍ୟ ଜଣକୁ ଲୁଚାଇ ରଖିବା ପାଇଁ ଭିନ୍ନ ଭିନ୍ନ ପରିଚୟ ବ୍ୟବହାର କରିବାର ଦୃଶ୍ୟ ରହିଛି। ଏହା ମଧ୍ୟରେ ତିନିଥର ବିବାହ କରିଥିବା ଜଣେ ବ୍ୟକ୍ତିକୁ ଖୋଜୁଥିବା ପୋଲିସର ପ୍ରବେଶ ପରିସ୍ଥିତିକୁ ଆହୁରି ଜଟିଳ କରିଛି। ଅନୁକଳ୍ପ ଗୋସ୍ୱାମୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ କପିଲ ଶର୍ମାଙ୍କ ସହ ମନଜୋତ ସିଂ, ହିରା ଓ୍ୱାରିନା, ତ୍ରିଧା ଚୌଧୁରୀ, ପାରୁଲ ଗୁଲାଟି, ଆୟେଶା ଖାନ ପ୍ରମୁଖ ଭୂମିକାରେ ଅଛନ୍ତି। ଏହି କମେଡି ଫିଲ୍ମ ଆସନ୍ତା ମାସ ୧୨ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାର ଯୋଜନା ରହିଛି।

## ସଲମାନଙ୍କ ବଡ଼ ହୃଦୟ: ଭାଙ୍ଗିଲେ ପୁରୁଣା ପରମ୍ପରା



ବଲିଉଡର ଭାଇଜାନ ସଲମାନ ଖାନଙ୍କ ପରବର୍ତ୍ତୀ ଫିଲ୍ମ 'ବ୍ୟାଟଲ ଅଫ ଗଲଓ୍ୱାନ'ରିଲିଜ ହେବାକୁ ଯାଉଛି। ସଲମାନ ଏହି ଫିଲ୍ମ ସେଟରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସକାରାତ୍ମକ ପରିବର୍ତ୍ତନ ଆଣିଛନ୍ତି। ଅଧିକାଂଶ କ୍ଷେତ୍ରରେ ଫିଲ୍ମ ସେଟରେ ସାଧାରଣତଃ ଅଭିନେତା ଏବଂ ମୁଖ୍ୟ କର୍ମଚାରୀଙ୍କ ପାଇଁ ଏକ ଅଲଗା ଖାଦ୍ୟ ଷ୍ଟଟ୍ର ବ୍ୟବସ୍ଥା ଥାଏ। ସଲମାନ ଏହି ପାର୍ଥକ୍ୟକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିଦେଇଛନ୍ତି। ଏବେ ସମସ୍ତଙ୍କୁ ସମାନ ଖାଦ୍ୟ ପରିବେଷଣ କରାଯିବ। ଏକ ଫିଲ୍ମ ସେଟରେ ସାଧାରଣତଃ ତିନି ପ୍ରକାରର ଖାଦ୍ୟ ପରିବେଷଣ କରାଯାଏ: ପ୍ରଥମଟି ତାରକାମାନଙ୍କ ପାଇଁ, ଦ୍ୱିତୀୟଟି ବିଭିନ୍ନ ବିଭାଗର ଟେକ୍ନିସିଆନ ପାଇଁ ଏବଂ ତୃତୀୟ ୟୁନିଟ ଅନ୍ୟ ଲୋକଙ୍କ ପାଇଁ। ସଲମାନ ଏହି ପାର୍ଥକ୍ୟକୁ ନାପସନ୍ଦ କରିଛନ୍ତି ଏବଂ ଏହି ପ୍ରଥାକୁ ଶେଷ କରିବାକୁ ପଦକ୍ଷେପ ନେଇଛନ୍ତି। ସେ ଏବେ ତାଙ୍କର ମୋବାଇଲ କିଚେନ୍ ବିଇଂ ହାଙ୍ଗ୍ରି ମାଧ୍ୟମରେ ସମସ୍ତଙ୍କୁ ସମାନ ଖାଦ୍ୟ ଯୋଗାଇବାର ଏକ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏହି ନୂତନ ବ୍ୟବସ୍ଥା ଅନୁଯାୟୀ, ଫିଲ୍ମ ସହିତ ଜଡିତ ସମସ୍ତେ ସମାନ ଖାଦ୍ୟ ଖାଇବେ। ଏହି କାର୍ଯ୍ୟ ସଲମାନ 'ସିକନ୍ଦର' ସେଟ୍‌ରେ ଆରମ୍ଭ କରିଥିଲେ। ଏହାକୁ ଏବେ 'ବ୍ୟାଟଲ ଅଫ ଗଲଓ୍ୱାନ'ର ଶୁଟିଂ ସମୟରେ ଜାରି ରଖାଯାଇଛି। ଫିଲ୍ମ ବ୍ୟତୀତ, ଏହାକୁ 'ବିଗ ବସ' ସେଟ୍‌ରେ ମଧ ବ୍ୟବହାର କରାଯାଏ। ସଲମାନଙ୍କ ମୋବାଇଲ କିଚେନ୍ ବିଇଂ ହାଙ୍ଗ୍ରି କୋଭିଡ ମହାମାରୀ ସମୟରେ ଏକ ଖାଦ୍ୟ ଟ୍ରକ ଭାବରେ ଆରମ୍ଭ ହୋଇଥିଲା। ସେହି ସମୟରେ, ଏହି ଟ୍ରକଗୁଡ଼ିକ ଦେଶ ସାରା ଆଗଧାଡ଼ିର କର୍ମୀମାନଙ୍କୁ ଖାଦ୍ୟ ପହଞ୍ଚାଇଥିଲା। ପ୍ରାୟ ପାଞ୍ଚ ବର୍ଷ ପରେ ଏହି ଟ୍ରକଗୁଡ଼ିକୁ ମୋବାଇଲ କିଚେନ୍ ଭାବେ ପରିଣତ କରାଯାଇଛି। ସଲମାନ ଦୁଇଟି ଭ୍ୟାନକୁ ମୋବାଇଲ କିଚେନ୍ ଭାବେ ପରିଣତ କରିଛନ୍ତି। ଏଗୁଡ଼ିକ ତାଙ୍କ ଫିଲ୍ମ ସେଟ୍‌ରେ ବ୍ୟବହାର କରାଯାଏ, ସମଗ୍ର ଫିଲ୍ମ ୟୁନିଟକୁ ଖାଦ୍ୟ ପହଞ୍ଚାଏ। ମୋବାଇଲ କିଚେନ୍ ଏକ ଭଲ ପଦକ୍ଷେପ। ଏଥିରେ ଏକ ରୋଷେଇ ଘର ଏବଂ ଶୀତଳ ଭଣ୍ଡାର ମଧ ଅଛି। ଗୋଟିଏ ସିଫ୍ଟରେ ଦୁଇଜଣ ରୋଷେୟା କାମ କରନ୍ତି। ଏକାଥରେ ୫୦୦ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ।

## ଗୀତ, ନାଟକ ଓ ସାହିତ୍ୟର ଯୁବ ପ୍ରତିଭା ଋତୁରାଜ ଅକ୍ଷୟ

ଗୀତ, ସଙ୍ଗୀତ, ନାଟକ, ଅଭିନୟ ଓ ସାହିତ୍ୟ କ୍ଷେତ୍ରରେ ଯେଉଁ ଯୁବ ପ୍ରତିଭା ମାନେ ଆଗେଇ ଚାଲିଛନ୍ତି ସେମାନଙ୍କ ମଧ୍ୟରେ ଋତୁରାଜ ଅକ୍ଷୟ ଅନ୍ୟତମ। କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକ ଅନ୍ତର୍ଗତ ଧାଇ ପୋଖରୀ ଗ୍ରାମରେ ଋତୁରାଜ ଅକ୍ଷୟ ୧୯୭୬ ମସିହାରେ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତା କାଳନ୍ଦୀ ଜେନା ଓ ମାତା ଫୁଲ ଜେନା। ୨୦୦୪ ମସିହାରେ ସେ ସାହିତ୍ୟ ଜଗତରେ ପାଦ ଦେଲେ ଓ ବିଭିନ୍ନ ବିଭାଗରେ କଲମ ଚଳାଇ ଧୀରେ ଧୀରେ ପରିଚିତ ହେଲେ। ଗୀତ, ସଙ୍ଗୀତ, ନାଟକ, ଅଭିନୟ, ସାହିତ୍ୟ, ସଂସ୍କୃତି ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ମାଆ ପରିକା ମାଆ ଟିଏ ଗୀତ ଲେଖିଛନ୍ତି, ପଙ୍କଜ ଜାଲ ଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ମହାବାହୁ କ୍ୟାସେଟ୍ ପାଇଁ । ତାଙ୍କର ସଫଳ ଗୀତ ମଧ୍ୟରେ ରହିଛି ତୋ ନାଲିଆ ଓଠକୁ ରଙ୍ଗ ଅଧର , ସଙ୍ଗୀତ ନିର୍ଦ୍ଦେଶକ ରୁଦ୍ର ମାଧବ ବାରିକଙ୍କ ନିର୍ଦ୍ଦେଶନାରେ ସମ୍ପନ୍ନ ହୋଇଛି। ଋତୁରାଜ ଅକ୍ଷୟ ଯାତ୍ରା ଜଗତର ମଞ୍ଚ ପାଇଁ ମଞ୍ଚ ନାଟକ ମଧ ଲେଖିଛନ୍ତି, ସେହି ମଞ୍ଚ ନାଟକ ହେଲା କହିବାକୁ ଭାରି ଲାଜ ଲାଗୁଛି ଓ ରାଜ ନନ୍ଦିନିର ପ୍ରେମ କାହାଣୀ । ତାଙ୍କ ଅଭିନୀତ ନାଟକ ମଧ୍ୟରେ ରହିଛି ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ। କବିତା ଓ ଗଳ୍ପ ଲେଖିବା ବ୍ୟତୀତ ଋତୁରାଜ ଅକ୍ଷୟ ସୁନ୍ଦର ଭାବେ ସାହିତ୍ୟର ମିଠା ଶବ୍ଦ ମାଧ୍ୟମରେ ମଞ୍ଚ ସଂଯୋଜନା କରିଥାନ୍ତି। ବର୍ତ୍ତମାନ ଋତୁରାଜ ଅକ୍ଷୟ ଭଦ୍ରକରେ ସମ୍ଭାବନା ସାହିତ୍ୟ ସଂସଦ ପ୍ରତିଷ୍ଠା କରିଛନ୍ତି ଓ ସେ ନିଜେ ଏଥିରେ ସମ୍ପାଦକ ଅଛନ୍ତି। ପ୍ରତ୍ୟେକ ମାସ ସମ୍ଭାବନା ସାହିତ୍ୟ ସଂସଦ ପକ୍ଷରୁ ତାଙ୍କ ଉଦ୍ୟମରେ ନୂତନ ଲେଖକ ଓ ଲେଖିକା ମାନଙ୍କୁ ଆବିଷ୍କାର କରିବା ସହିତ କବିତା ପାଠ ଉତ୍ସବ ଓ ସମ୍ବର୍ଦ୍ଧନା ଉତ୍ସବ କରାଯାଉଛି। ଏଥିରେ ତାଙ୍କୁ ସଭାପତି ଭାବେ ଦାୟିତ୍ୱରେ ରହି ସହଯୋଗ କରୁଛନ୍ତି ସାହିତ୍ୟିକ ପ୍ରଫେସର ଅଟଳ ବିହାରୀ ନାୟକ ଓ ଅନ୍ୟାନ୍ୟ ସାହିତ୍ୟିକ ବନ୍ଧୁ। ଋତୁରାଜ ଅକ୍ଷୟଙ୍କ ଗୁରୁ ହେଉଛନ୍ତି ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ତଥା ଭଦ୍ରକ ପୂଜ୍ୟପୂଜା ସଂସଦର ପ୍ରତିଷ୍ଠାତା ଅପୂର୍ବ ରଞ୍ଜନ ରାୟ । ଋତୁରାଜ ଙ୍କ ଭବିଷ୍ୟତ ଲକ୍ଷ୍ୟ ହେଉଛି ଓଡ଼ିଆ ଭାଷା ସାହିତ୍ୟ ଓ କଳା ସଂସ୍କୃତିକୁ ବଞ୍ଚାଇ ରଖିବା ସହିତ ମାଆ ମାଟି ଓ ମାତୃଭାଷାକୁ ସମ୍ମାନ ଦେବା ଉଚିତ୍। ଭଦ୍ରକ ସହରରେ ମୁଖ୍ୟ ଡାକଘର ପାଖରେ ଅକ୍ଷୟ ଏକ ଚା ଦୋକାନ କରି ଜୀବିକା ନିର୍ବାହ କରୁଛନ୍ତି। ଏହି ଚା ଖଟିରେ ଅନେକ କବି ସାହିତ୍ୟିକ ବନ୍ଧୁ ଯଥା ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଅଧ୍ୟାପକ ଡ଼କ୍ଟର ବିଶ୍ୱ ରଞ୍ଜନ ଦାସ,ଡକ୍ଟର ଅଭୟ ଦାସ, ନାଟ୍ୟ ନିର୍ଦ୍ଦେଶକ ବିଜୟ ଦାସ, କବି ଅବନି ପ୍ରଧାନ, କବି କିଶୋର ପାଣିଗ୍ରାହୀ,ବିଜୟ ଜେନା, କବି ଭରତ ଚନ୍ଦ୍ର ଦାଶ,ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ନାଟ୍ୟଶ୍ରୀ ନିର୍ମଳ ରାଉତ, ଚିତ୍ରଶିଳ୍ପୀ ଚୂଡ଼ାମଣି ଦାସ , କବି ମାନସ ରଞ୍ଜନ ପଣ୍ଡା,ରୂପକ ବିହାରୀ



ରାୟ ପ୍ରମୁଖ ମଝିରେ ମଝିରେ ଏକତ୍ର ହୁଅନ୍ତି ଓ ଦେଶ ଦୁନିଆଁ କଥା ଆଲୋଚନା କରିଥାନ୍ତି। ଅନେକ ଦୁଃଖ କଷ୍ଟ ଯନ୍ତ୍ରଣା ସହି ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ କର୍ମ କ୍ଷେତ୍ରରେ ଆଗେଇ ଚାଲିଛନ୍ତି ଋତୁରାଜ ଅକ୍ଷୟ। ଇଶ୍ୱରଙ୍କ କୃପାରୁ ତାଙ୍କର ସମସ୍ତ ସ୍ୱପ୍ନ ପୂରଣ ହେଉ ଓ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏତିକି ପ୍ରାର୍ଥନା।

**ଉପସ୍ଥାପନା:**
ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋ:୯୯୩୭୯୭୬୩୫୧

# ଡିସେମ୍ବର ୧ରୁ ଅଷ୍ଟମ ମୟୁରଭଞ୍ଜ ମହୋତ୍ସବ : ପୁଣି ଦୁଲୁକିବ ବାରିପଦା ଓ ସାଂସ୍କୃତିକ ଶୋଭାଯାତ୍ରା ସହ ଶୁଭାରମ୍ଭ ହେବ ୧୦ ଦିବସୀୟ ମୟୂରଭଞ୍ଜ ମହୋତ୍ସବ

ବାରିପଦା,୨୭/୧୧ (ନି.ପ୍ର): ମୟୂରଭଞ୍ଜ କଳା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ନେଇ ଡିସେମ୍ବର ୧ରୁ ଅଷ୍ଟମ ମୟୁରଭଞ୍ଜ ମହୋତ୍ସବ ଆରମ୍ଭ ହେବ। କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ମୟୂରଭଞ୍ଜ ମହୋତ୍ସବ । ଚଳିତ ବର୍ଷ ଡିସେମ୍ବରରୁ ୧୦ ପର୍ଯ୍ୟନ୍ତ ୧୦ଦିନ ଧରି ଆୟୋଜନ କରାଯାଉଛି ଏହି ମହୋତ୍ସଭ। ଏନେଇ ବୁଧବାର ବାରିପଦା ଛଉ ପଡିଆ ଠାରେ ମହୋତ୍ସବର ଆୟୋଜକ କମିଟି ଅଧକ୍ଷ ଅସିତ ପତିଙ୍କ ଅଧକ୍ଷତାରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ନଭେମ୍ବର ୩୦ ରବିବାର ଅପରାହ୍ନ ୨ଟାରେ ରଥ ପଡିଆ ଠାରୁ ପ୍ରତିବର୍ଷ ଭଳି ଜିଲ୍ଲାର ବିଭିନ୍ନ କଳାକାର ମାନଙ୍କୁ ନେଇ ପାରମ୍ପାରିକ ନୃତ୍ୟ ଗୀତରେ ତାଳେତାଳେ ଛଉ ପଡିଆ ପର୍ଯ୍ୟନ୍ତ ଆୟୋଜିତ ହେବ କାରନିଭାଲ ସୋ ବା ସାଂସ୍କୃତିକ ଶୋଭାଯାତ୍ରା। ଡିସେମ୍ବର ୧ ତାରିଖରୁ ଐତିହାସିକ ଛଉ ପଡିଆରେ ଅନୁଷ୍ଠିତ ହେବ ଏହି ମହୋତ୍ସବ। ଚଳିତ ବର୍ଷ ବାମନଘାଟି ଉପଖଣ୍ଡ ସ୍ଥିତ ଖଡ଼୍‌ଖାଇ ନଦୀ ଉପରେ ନିର୍ମିତ ସୁଲେଇପାଟ ନଦୀ ବନ୍ଧ ଆକୃତିର ତୋରଣ ମୁଖ୍ୟ ଆକର୍ଷଣ ରହିଥିବା ବେଳେ ବଲିଉଡ୍ ନାୟିକା ମୌନେ ପ୍ୟାର କିୟା ନାୟିକା ଭାଗ୍ୟଶ୍ରୀଙ୍କ ସହିତ ସୁନାମଧନ୍ୟ କଣ୍ଠଶିଳ୍ପୀ ରୂପ କୁମାର ରାଠୋର ଏବଂ ସୁନାଲୀ ରାଠୋର ଉଦଯାପନୀ ସନ୍ଧ୍ୟାରେ ଧୁମ୍ ମଚାଇବେ। ପ୍ରତିଦିନ ସନ୍ଧ୍ୟାରେ ଅନୁଷ୍ଠିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରତ୍ୟେକ ଦିନ ଜିଲ୍ଲାର ପ୍ରତ୍ୟେକ କୋଣ ଅନୁକୋଣ କଳାକାରଙ୍କ ଦ୍ୱାରା କଳା ପ୍ରଦର୍ଶନ ସହିତ ସିନେ ଜଗତର ବହୁ ନାମୀଦାମୀ କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। ଆଦିବାସୀ ବହୁଳ ଜିଲ୍ଲାର ଆଦିବାସୀ ପରମ୍ପରାକୁ ପ୍ରାଧାନ୍ୟ ଦେଇ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୩ ଦିନ ସ୍ୱତନ୍ତ୍ର ଆଦିବାସୀ କାର୍ଯ୍ୟକ୍ରମ, ୩ ଦିନ ଓଡ଼ିଆ କାର୍ଯ୍ୟକ୍ରମ, ୨ ଦିନ କୁଡୁମାଲି କାର୍ଯ୍ୟକ୍ରମ ସହିତ ୨ ଦିନ ବଲିଉଡ ଓ ଇଣ୍ଡିଆନ୍ ଆଇଡଲ କାର୍ଯ୍ୟକ୍ରମ ମଧ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ଡିସେମ୍ବର ୧ତାରିଖ ପ୍ରଥମ୍ ସନ୍ଧ୍ୟାରେ ସୌରଭ ଓ ଦୀପ୍ତିରେଖା ସଙ୍ଗୀତ ପରିବେଷଣ କରିବାକୁ ଯାଉଥିବା ବେଳେ ୨ତାରିଖ ହେବ ଝୁମର କଳାକାର ରଞ୍ଜିତ, ମୋନାଲିସା, ଟ୍ୱିଙ୍କିଲ। ୩ ତାରିଖରେ ଇଣ୍ଡିଆନ ଆଇଡଲ୍ ୨୦୨୫ ବିଜେତା ମାନଷି ଘୋଷ ମଂଚରେ ସଙ୍ଗୀତ ପରିବେଷଣ କରିବାକୁ ଥିବା ବେଳେ ୪ ତାରିଖରେ ସାନ୍ତାଳୀ ପ୍ରସିଦ୍ଧ ଗାୟକ ମଙ୍ଗଳ ହାଁସଦା, ପାରାୟଣି, ଗୋପିନାଥ ସିଂ ଓ ଟିମ୍। ସେହିଭଳି ୫ ତାରିଖ ମୟୂରଭଞ୍ଜ ଜିଲ୍ଲାର ସୁନାମଧନ୍ୟ ଗାୟକମାନଙ୍କ ସହ ପ୍ରସିଦ୍ଧ ଗାୟକ କ୍ରିଷ୍ଣା ବାଉରାଙ୍କ ଗୀତରେ ଝୁମିବେ ଦର୍ଶକ। ଡିସେମ୍ବର ୬ ରେ ଆଦିବାସୀ ସନ୍ଧ୍ୟାରେ ରଞ୍ଜିତା ସିଂ, ରାମ ମୁଣ୍ଡା, ପୂଟା କେରାଇ, ରୀନା ସିଂ, ପୃଥିରାଜ ସିଂ ଓ ସାଥୀଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ। ୭ ତାରିଖରେ ପପୁ ପମପମ, କଣ୍ଠଶିଳ୍ପୀ ଇରା ମହାନ୍ତି, କୁମାର ବାପି ଓ ସ୍ୱରାଜ ବାରିକ ମଂଚରେ ଧୁମ୍ ମଚାଇବାକୁ ଥିବା ବେଳେ ସ୍ୱତନ୍ତ୍ର ଆକର୍ଷଣ ରହିବ ଆସାମର ବିହୁ ଡାନ୍ସ। ୮ ତାରିଖରେ ପୁଣି ଝୁମର ଗୀତ ନେଇ ଆସିବେ ଗୌତମ ଓ ପମି। ୯ ତାରିଖ ଆଦିବାସୀ ସନ୍ଧ୍ୟାକୁ ଅଧିକ ଆକର୍ଷଣୀୟ କରିବାକୁ ଆସିବେ ଆଦିବାସୀ ସୁପର ଷ୍ଟାର କଳ୍ପନା ହାଁସଦା ଓ ଟିମଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି। ସେହିପରି ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତି ସହ ଅନ୍ୟ ଜିଲ୍ଲା ମାନଙ୍କର କଳାର ଆଦାନ ପ୍ରଦାନର ବ୍ୟବସ୍ଥା କରାଯାଇଛି। ଏହି ମହୋତ୍ସବରେ ମୟୂରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀର ଶିଳ୍ପ, ଖେଳନାରୁ ଆରମ୍ଭ କରି ପୋଷାକ ଆଉ ତା ସହ ଘରକରଣା ସାମଗ୍ରୀ ଏବଂ ପାରମ୍ପାରିକ ଖାଦ୍ୟ ମୁଢ଼ି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ମଧ୍ୟ ମଜା ଉଠାଇ ପାରିବେ ଦର୍ଶକ। ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲିବ ଏହି ମହୋତ୍ସବରେ। ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସଭାପତି କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ଯୁବପିଢୀଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସେଲ୍ଫି ଜୋନର ବ୍ୟବସ୍ଥା କରାଯାଉଛି ମହୋତ୍ସବରେ। ଏଥି ସହିତ ପୁରସ୍କାର ରାଶି ସହିତ ଫୁଟବଲ୍, ଲାଖବିନ୍ଧା ପ୍ରତିଯୋଗିତା ସାଙ୍ଗକୁ ରିଲ୍ସ ପ୍ରତିଯୋଗିତାକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି। ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମୟୂରଭଞ୍ଜ ଜିଲ୍ଲାର ପୁରୁଣା ସ୍ମୃତିକୁ ସାଉଁଟି ଦୁଇ ଦୁଇଟି ସେଲଫି ଜୋନ ପ୍ରସ୍ତୁତ ହୋଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମନଙ୍କ ମଧ୍ୟରେ ସଂଜୀବ ଦ୍ୱିବେଦୀ, ବିପ୍ଳବଭଞ୍ଜନ ବୁଗୁଡେଇ, କାଶୀନାଥ ରଣା, ତରୁଣ ମହାନ୍ତି, ଅମିତାଭ ସାହୁ, ନିମାଇଁ ତ୍ରିପାଠୀ, ରାକେଶ ସିଂ, ଜିତେନ୍ଦ୍ର ହେମ୍ବ୍ରମ, ସୁଜିତ ମହାନ୍ତି, ପିଂଟୁ ମାଇତି, ରାକେଶ ବେହେରା, ସତ୍ୟମ ପାଣି, ରାକେଶ ମହାନ୍ତି, ରାଜେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ ପୋଲିସର ଅପରେସନ ଚକ୍ରରେ ୩ ମାସରେ ୧୪୨ ନାବାଳିକା ଏବଂ ପ୍ରାପ୍ତ ବୟସ୍କ ଝିଅ ଉଦ୍ଧାର

ପୁରୀ,୨୭/୧୧ (ନି.ପ୍ର): ପୁରୀ ପୋଲିସ ଦ୍ୱାରା ଚାଳିତ ଅପରେସନ "ଚକ୍ର" ଅଭିଯାନରେ ଜିଲ୍ଲାରେ ହଜିଯାଇଥିବା ନାବାଳିକା ଓ ପ୍ରାପ୍ତ ବୟସ୍କଙ୍କ ଝିଅ ଉଦ୍ଧାରରେ ଏକ ସଫଳତା ମିଳିଛି। ପୁରୀ ପୁଲିସର ନିରନ୍ତର ଚେଷ୍ଟା, ସମସ୍ତ ଥାନା ଆଇ ଆଇ ସି /ଓ ଆଇ ସି ଙ୍କ ଦୃଢ଼ ପଦକ୍ଷେପ ଓ ସମ୍ପୃକ୍ତ ସମନ୍ୱୟରେ, ଏହି ବୃହତ ଅଭିଯାନକୁ ସଫଳତାରେ ପରିଣତ କରାଯାଇଛି। ଏସ୍ପି ପୁରୀ ପ୍ରତୀକ ସିଂ ସମଗ୍ର ପୁରୀ ଜିଲ୍ଲାରେ ଅପରେସନ ଚକ୍ର ଡ୍ରାଇଭ ଆରମ୍ଭ କରି ସମସ୍ତ ଥାନା ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ।ପ୍ରତ୍ୟେକ ହଜିଯାଇଥିବା ନାବାଳିକା ବା ପ୍ରାପ୍ତ ବୟସ୍କଙ୍କୁ ଶୀଘ୍ର ସମୟରେ ଉଦ୍ଧାର କରିବାପାଇଁ। ଅଭିଯୋଗକାରୀ ପରିବାରକୁ ସମ୍ପୂର୍ଣ୍ଣ ଆଶ୍ୱାସନ ଦେବା, ଯେ ପୋଲିସ ସେମାନଙ୍କ ପ୍ରିୟଜନଙ୍କୁ ଖୋଜିବା ପାଇଁ ସକ୍ରିୟ ଅଛି। ଥାନାମାନଙ୍କୁ ମିସିଂ କେସ ଟ୍ରାକିଂ, ରେଡ଼୍, ଇଣ୍ଟରସେପ୍ସନ, ଟେକ୍ନିକାଲ ଆନାଲିସିସ ଓ ଇଣ୍ଟରସ୍ଟେଟ କୋଅର୍ଡିନେସନ ଜୋର ଦେବାକୁ ପରାମର୍ଶ ଦେଇଥିଲେ। ବୁଧବାରେ ୪ ଜଣଙ୍କୁ ଉଦ୍ଧାର କରାଯାଇଛି ଯେପରିକି, ବ୍ରହ୍ମଗିରି ଥାନା, ନିମାପଡା ଥାନା, କାକଟପୁର ଥାନା ଦ୍ୱାରା ୩ ନାବାଳିକା ଉଦ୍ଧାର ସହ ସତ୍ୟବାଦୀ ଥାନା ଜଣେ ପ୍ରାପ୍ତ ବୟସ୍କ ଝିଅଙ୍କୁ ଉଦ୍ଧାର କରାଯାଇଛି। ଏହା ସହ ଗତ ତିନି ମାସରେ ଅପରେସନ୍ ଚକ୍ର ଅଧୀନରେ ମୋଟ ୬୨ ନାବାଳିକା ଉଦ୍ଧାର ହୋଇଛନ୍ତି। ସେହିପରି ୮୦ ଜଣ ପ୍ରାପ୍ତ ବୟସ୍କ ଝିଅ ଙ୍କୁ ମିଶାଇ ମୋଟ ଉଦ୍ଧାର ସଂଖ୍ୟା ୧୪୨ ହୋଇଛି ।ପୁରୀ ପୋଲିସଙ୍କ ଏହି ବୃହତ ଅଭିଯାନ ଲୋକଙ୍କର ପ୍ରତି ଆସ୍ଥା, ପୋଲିସଙ୍କ ପ୍ରତି ଆଶ୍ରୟ ଏବଂ ସମୁଦାୟ ପୋଲିସ ସମ୍ପର୍କକୁ ଆହୁରି ମଜବୁତ କରିଛି।

# ଜିଲ୍ଲା କଂଗ୍ରେସ କମିଟି ତରଫରୁ ସମ୍ବିଧାନ ଦିବସ ପାଳିତ

କେନ୍ଦୁଝର,୨୭/୧୧ (ନି.ପ୍ର): ଆମ ଦେଶର ଅଖଣ୍ଡତା, ସାର୍ବଭୌମତା, ନିରପେକ୍ଷତା ସହିତ ନୀତି, ନିୟମ ଓ କାନୁନକୁ ସମାନତା ଦେବା ଏବଂ ଗଣତନ୍ତ୍ରର ସୁପରିଚାଳନା ଓ ଗୋଟିଏ ମାପକାଠିରେ ଚାଲିବା ପାଇଁ ସମ୍ବିଧାନ ପ୍ରଣେତା ଡଃ ଭୀମରାଓ ଆମ୍ବେଦକରଙ୍କ ଅଧକ୍ଷତାରେ ଗଠିତ ସମ୍ବିଧାନକୁ ସମ୍ମାନ ଦେବା ପାଇଁ ସାରା ଦେଶରେ ସମ୍ବିଧାନ ଦିବସ ପାଳନ କରାଯାଉଛି। ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ମୋନଜ ଜେନାଙ୍କ ନେତୃତ୍ୱ ରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା କଂଗ୍ରେସ ସଭାପତି ଇଂ ମନୋଜ କୁମାର ଜେନା କହିଛନ୍ତି ଦେଶରେ ବର୍ତମାନର ସରକାର ଏକଛତ୍ରବାଦ ଓ ମନମୁଖି ଶାସନ ଚଳାଉଛି। ଲୋକମାନେ ଉପଯୁକ୍ତ ନ୍ୟାୟ ପାଉନାହାନ୍ତି। ଲୋକମାନଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିବା ଏବଂ ସମ୍ବିଧାନକୁ ସୁରକ୍ଷିତ ରଖିବାକୁ ସମ୍ବିଧାନ ବଂଚାଅ ଦିବସ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ତରଫରୁ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମ ସଂସ୍କୃତି ଭବନ ଠାରେ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଇଂ ମନୋଜ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସଂପାଦକ ଆଲୋକ ମିଶ୍ର, ପୂର୍ବତନ ସଂପାଦକ ସଂଗ୍ରାମ ଦାସ, କେନ୍ଦୁଝର କଂଗ୍ରେସ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ଆଦିବାସୀ ନେତା ନିର୍ମଳ ନାଏକ ପ୍ରମୁଖ ସମ୍ବିଧାନ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ରନ୍ଧାକର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଲଳିତ ମୋହନ ନାୟକ, ଉତ୍ତମ କୁମାର ସାହୁ, ଶରତ ଚନ୍ଦ୍ର ପାତ୍ର, ଦିଲ୍ଲୀପ କୁମାର ସାହୁ, ମହିଳା କଂଗ୍ରେସ ନେତ୍ରୀ ସବିତା ସାହୁ, କଂଗ୍ରେସ ନେତା ହାଡିବନ୍ଧୁ ଖୁଂଟିଆ, ଅମିତ କୁମାର ମହାନ୍ତି , ସୁବ୍ରତ କୁମାର ନାୟକ, ଦିନେଶ ରାଉତ, ଚିତ୍ତରଞ୍ଜନ ପାତ୍ର, ଲକ୍ଷ୍ମଣ ଦାଶ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ରାମଚନ୍ଦ୍ର ମହାରଣା, ସେକ ଏଲିୟାସ ପ୍ରମୁଖ ଉପସ୍ଥିତ ଥିଲେ।

# ସଂସଦୀୟ ସଙ୍କୁଳ ବିକାଶ ପରିଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର,୨୭/୧୧ (ନି.ପ୍ର): ସଂସଦୀୟ ସଙ୍କୁଳ ବିକାଶ ପରିଯୋଜନା ଅବସରରେ ଆଜି ତେଲକୋଇ ବ୍ଲକ କାଳିଆହତା ଠାରେ ବିଜେପି ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ (ସଙ୍ଗଠନ) ଶ୍ରୀ ଭି. ସତୀଶ କୁମାର ମୂଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲା ବେଳେ ସାଂସଦ ଅନନ୍ତ ନାୟକ ଯୋଗଦେଇ ଥିଲେ। ଏହି ଅବସରରେ ସ୍ୱାବଲମ୍ବୀ ଉଦଯୋଗୀ ଜୋତା ତିଆରି କାରୀଗରଙ୍କୁ ମେସିନ୍ ଓ ମାନପତ୍ର ପ୍ରଦାନ କରାଯାଇଥିଲା।

# ପଥ ଉତ୍ସବ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ମାଲକାନଗିରି,୨୭/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲାର ଲୋକ ମହୋତ୍ସବ ମାଲ୍ୟବନ୍ତ ନେଇ ଆୟୋଜନ ହେବ ପଥ ଉତ୍ସବ। ଆଜି ଉପ ଜିଲ୍ଲାପାଳ ଅଶ୍ୱିନୀ ଏ ଏଲ ଙ୍କ ଅଧକ୍ଷତାରେ ପଥ ଉତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୭ ରେ ପଥ ଉତ୍ସବ ପାଳନ ହେବ ବୋଲି ବୈଠକରେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରୁ ଡିଏନକେ ଛକ ପର୍ଯ୍ୟନ୍ତ ରାସ୍ତା ରେ ଏହା ଆୟୋଜନ ହେବ। ଉତ୍ସବ ରେ ଝୋଟି, ସ୍କେଟିଂ, ମାର୍ଶାଲ ଆର୍ଟ, ଧନୁତୀର, ଯୋଗ, ସ୍ୱାସ୍ଥ୍ୟ କ୍ୟାମ୍ପ, ନୃତ୍ୟ ଗୀତ ଫାନ୍ସି ଡ୍ରେସ୍, ସିଗ୍ନେଚର କ୍ୟାମ୍ପେନ୍, ଚିତ୍ରକଳା ପ୍ରଦର୍ଶନ ଓ ଡୋଗ୍ ସୋ ଇତ୍ୟାଦି ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ ନାରାୟଣ ପଣ୍ଡା, ସହାୟକ ଜିଲ୍ଲାପାଳ ଅଜୟ ମାଣ୍ଡାଙ୍ଗୀ, ଶଶାଙ୍କ ମିଶ୍ର ଙ୍କ ସମେତ କମିଟି ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଏଲ ଆର ଆଇ ଯାତ୍ରା ଓ ମହୋତ୍ସବ

ସମ୍ବଲପୁର,୨୭/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜଳ ବିଭାଜିକା ଉନ୍ନୟନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ "ଏଲ ଆର ଆଇ ଯାତ୍ରା ଓ ଏଲ ଆର ଆଇ ମହୋତ୍ସବ" ଯୁଜୁମୁରା ବ୍ଲକ ଅନ୍ତର୍ଗତ ବିରସିଂହ ଗଡ ଖେଳ ପଡିଆ ଠାରେ ଉଦଘାଟନୀ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୁଯୁମୁରା ବ୍ଲକ ଅଧକ୍ଷା ମମତା ନାୟକ, ଜିଲ୍ଲା ପରିଷଦ ଉପାଧକ୍ଷ ମାଧବ ମିର୍ଦ୍ଧା, ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ବୀର ସିଂହଗଡ ସରପଂଚ ରିଙ୍କି ପ୍ରମୂଖ ଏହି ଉଦ୍ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ନୂଆ ପ୍ରକଳ୍ପ ଆରମ୍ଭ କରିବା ପାଇଁ ଭୂମି ପୂଜନ, ସହ ବୃକ୍ଷରୋପଣ ଭଳି ସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡିକର ଲୋକାର୍ପଣ କରାଯାଇଥିଲା । ଏହି ପରିପ୍ରେକ୍ଷୀ ରେ ଅତିଥି ମାନେ ପତାକା ଦେଖାଇ ଏକ ଏଲଆରଆଇ ସଚେତନତା ରଥ ର ଶୁଭ ଉଦଘାଟନ କରିଥିଲେ । ଏହି ରଥ ପ୍ରତ୍ଯେକ ପଂଚାୟତ ଗୁଡିକୁ ଯାଇ ଜଳବିଭାଜିକା ତଥା ଏଲଆରଆଇ କାର୍ଯ୍ୟକ୍ରମ ବାବଦରେ ଲୋକଙ୍କୁ ସଚେତନ କରାଇବ। ଆୟୋଜିତ ସଭାରେ ଜଳ ବିଭାଜିକାର ଲକ୍ଷ, ଉଦ୍ଦେଶ୍ୟ ଏବଂ ବିଭିନ୍ନ କାର୍ଯ୍ୟ ତଥା ଏଲଆରଆଇ ସମ୍ପର୍କରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଉପସ୍ଥିତ ଜନତାଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ଏଲଆରଆଇ ମାଧ୍ୟମରେ ଚାଷ କରି ଉପକୃତ ହୋଇଥିବା ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଉଚ୍ଚ ବିଦ୍ୟାଳୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଂଟନ କରାଯାଇଥିଲା। ଶେଷରେ ଜଳ ବିଭାଜିକା ଉନ୍ନୟନ ପରିବାର ପକ୍ଷରୁ ମନୋଜ ରଞ୍ଜନ କୁମାର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ସଭାରେ ବୀରସିଂହ ଗଡ ଓ ମହୁଲପାଲିରୁ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ।

# ନୂଆପଡ଼ା ଜିଲ୍ଲା ଅଦାଲତରେ ସମ୍ବିଧାନ ଦିବସ ପାଳିତ

ନୂଆପଡ଼ା,୨୭/୧୧ (ନି.ପ୍ର): ଓଡ଼ିଶା ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅଦାଲତ ଆନୁକୁଲ୍ୟରେ ଏବଂ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ନିରଞ୍ଜନ ପଣ୍ଡାଙ୍କ ଅଧକ୍ଷତାରେ ସମ୍ବିଧାନ ଦିବସ ଆଜି ପାଳିତ ହୋଇ ଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ନୂଆପଡ଼ା ସୁନୀଲ କୁମାର ଦାସ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ବରିଷ୍ଠ ଦେୱାନୀ ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ଯ, ବରିଷ୍ଠ ଦେୱାନୀ (ମହିଳା କୋର୍ଟ) ଜଜ୍ ସରୋଜିନୀ ସାହୁ, ରେଜିଷ୍ଟ୍ରାର୍ ସୌଭାଗ୍ଯ ରଞ୍ଜନ ପ୍ରଧାନ, ଅଧିବକ୍ତାଗଣ, ଅଧିକାର ମିତ୍ରଗଣ ଓ ଜିଲ୍ଲା କୋର୍ଟର କାର୍ଯ୍ଯକର୍ତ୍ତାଗଣ ଉପସ୍ଥିତ ହୋଇ ସମ୍ବିଧାନର ଆମୁଖ ପାଠ କରିଥିଲେ । ସେହିପରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ମହାମାୟା ଆଇନ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ଉପଲକ୍ଷେ ଏକ ସଚେତନତା ଶିବିର ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଚିବ ସୁଶ୍ରୀ ଦାଶ ସମ୍ବିଧାନରେ ବର୍ଣ୍ଣିତ ମୌଳିକ କର୍ତ୍ତବ୍ଯ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ । ବରିଷ୍ଠ ଅଧିବକ୍ତା କୁମୁଦ କୁମାର ହୋତା ମୌଳିକ ଅଧିକାର ଉପରେ ସୁପ୍ରିମକୋର୍ଟଙ୍କ ବିଭିନ୍ନ ରାୟ ଉପରେ ଆଲୋକପାତ କରିଥିଲେ ।ସେହିପରି ମହାମାୟା ଆଇନ ମହାବିଦ୍ୟାଳୟର ଅଧକ୍ଷ ଅନିଲ କୁମାର ତାଣ୍ଡି ଭାରତୀୟ ସମ୍ବିଧାନର ସାରାଂଶ ଏବଂ ରାଷ୍ଟ୍ରିୟ ନିର୍ଦ୍ଦେଶାତ୍ମକ ନୀତି ବିସ୍ତୃତ ଧାରଣା ପ୍ରଦାନ କରିଥିଲେ ।

# ଫୁଲବାଣୀରେ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ପାଇଁ ୧୦୦ ଦିନିଆ ଅଭିଯାନର ଶୁଭାରମ୍ଭ

କନ୍ଧମାଳ ,୨୭/୧୧ (ନି.ପ୍ର): ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀର ସମ୍ମିଳନୀ କକ୍ଷଠାରେ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ନିମନ୍ତେ ୧୦୦ ଦିନିଆ ଅଭିଯାନର ଶୁଭାରମ୍ଭ କରାଯାଇଛି ।ଏହା ୨୭ ନଭେମ୍ବର ୨୦୨୫ ଠାରୁ ୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ କୁଶଳ ଚନ୍ଦ୍ର ନାଏକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡେପୁଟି ଆରକ୍ଷୀ ଅଧିକ୍ଷକ ଶ୍ରୀ ବିପିନ ବିହାରୀ ମେହେର, ମୁଖପାତ୍ର, ଶିଶୁ ମଙ୍ଗଳ ସମିତି ଶ୍ରୀ ରଜତ କୁମାର ଦିଗାଲ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଶ୍ରୀ ଗଦାଧର ପତ୍ର ମଞ୍ଚାସୀନ ହୋଇ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା, ଉଦ୍ଧାର ଓ ପୁନରୁଦ୍ଧାର, ବାଲ୍ୟବିବାହ ନିରାକରଣରେ ପୋଲିସ, ସମନ୍ୱିତ ଶିଶୁ ବିକାଶ ଯୋଜନା, ଆଶା ଓ ଅଙ୍ଗନବାଡିକର୍ମୀଙ୍କ ଭୂମିକା, ୧୦୦ ଦିନିଆ ଆକ୍ସନ ପ୍ଲାନ ଆଦି ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କର୍ଣ୍ଣ ସ୍ୱାଗତ ଓ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ଆଶା, ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ ଆଦି ଉପସ୍ଥିତ ଥିଲେ ।

# ବିଶିଷ୍ଟ ଗବେଷକ ସ୍ୱର୍ଗତ ରମେଶ ଚନ୍ଦ୍ର ଚକ୍ରବର୍ତ୍ତୀଙ୍କ ପୁସ୍ତକ ଉନ୍ମୋଚନ

କେନ୍ଦୁଝର,୨୭/୧୧ (ନି.ପ୍ର): ବିଶିଷ୍ଟ ଗବେଷକ ତଥା ଲେଖକ ସ୍ୱର୍ଗତ ରମେଶ ଚନ୍ଦ୍ର ଚକ୍ରବର୍ତୀଙ୍କ ୯୫ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କ ଦ୍ୱାରା ଲିଖିତ ସମୟର ଆଇନାରେ କେନ୍ଦୁଝର ପୁସ୍ତକର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ସହରର ବହୁ ପ୍ରତିଷ୍ଠିତ ସମାଜସେବୀ, ଲେଖକ, ସାହିତ୍ୟ ସାଧକ, ବୁଦ୍ଧିଜୀବି ମାନେ ସାମିଲ ହୋଇଥିଲେ।

# ଚମ୍ପୁଆ ଶିଶୁ ବିଦ୍ୟା ମନ୍ଦିରରେ ବାଲ ଓ କନ୍ୟା ଶିବିର

ଚମ୍ପୁଆ,୨୭/୧୧ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ୬ଷ୍ଠରୁ ୧୦ମ ଶ୍ରେଣୀର ଛାତ୍ରୀ ମାନଙ୍କୁ ନେଇ ବାଲ ଓ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଅଛି ।ଏହି ଅବସରରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ କିପରି ସ୍ୱାବଲମ୍ବୀ ହେବା ସହିତ ଭଲ ମଣିଷ ହୋଇପାରିବେ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ । ବିଦ୍ୟାଳୟ ସଂଯୋଜକ ଧରଣୀଧର ଦାସ ଯୋଗଦେଇ ଶିକ୍ଷା ମାଧ୍ୟମରେ ନିଜର ଉତ୍କର୍ଷତା ପ୍ରତିପାଦନ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ବାଲ ଓ କନ୍ୟା ଶିବିରର ଆଭିମୁଖ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଆଚାର୍ଯ୍ୟ ସରୋଜ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏ.ଏନ.ଏମ ମାନସୀ ଦାସ ବାଳିକା ମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା ବିଷୟରେ ଅବଗତ କରିଥିଲେ । ଆଇନଜୀବୀ ସଞ୍ଜୟ କୁମାର ଗିରି ଛାତ୍ରଛାତ୍ରୀ ମାନଙ୍କୁ ଆଇନ ସଚେତନତା ବିଷୟରେ ଅବଗତ କରିଥିଲେ । ଓଡ଼ିଆ ସଂସ୍କୃତିର ପୂଜା ପାର୍ବଣ, ଝୋଟି, ଓଡ଼ିଆ ଘରର ବେଶ ପୋଷାକ, ଓଡ଼ିଶାର ଖାଦ୍ୟପେୟ, ଆଦି ବିଷୟରେ ପ୍ରତିଯୋଗିତା ଓ ପ୍ରଦର୍ଶନୀ କରାଯାଇ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏଆଇଟିୟୁସି କୋରାପୁଟ ଜିଲା କମିଟିର ବିକ୍ଷୋଭ ପ୍ରଦର୍ଶନ

ଜୟପୁର,୨୭/୧୧ (ନି.ପ୍ର): ଏଆଇଟିୟୁସିର ସବ ଭାରତୀୟ ଆନ୍ଦୋଳନର ଡାକରାରେ ଜାତୀୟ ରାଜପଥର ଜୟପୁର ଶ୍ରମିକ କର୍ମଚାରି ଭବନ ଠାରେ ଏଆଇଟିୟୁସି କୋରାପୁଟ ଜିଲା କମିଟି ତରଫରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆଜି ବିକ୍ଷୋଭରେ ଶ୍ରମିକ ନେତା ଯୁଧିଷ୍ଠିର ରାଉଳ, ରାମ କୃଷ୍ଣ ଦାସ, ଉତ୍ତମ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଚାରୋଟି ଶ୍ରମ କୋଡ ବାତିଲ କରି ଶ୍ରମିକ ମାନଙ୍କ ଅଧିକାର ସୁରକ୍ଷିତ କର, ଆଉଟ ସୋସିଙ୍ଗ, ଠିକା ଶ୍ରମିକ ପ୍ରଥା ବନ୍ଦ କରି ସ୍ଥାୟୀ ନିଯୁକ୍ତି ଦିଅ , ଜାତୀୟ ଶ୍ରମ ସମ୍ମିଳନିରେ ବଞ୍ଚିବା ପାଇଁ ମଜୁରୀ ସ୍ଥିର କର, ପାଚିକା, ସାହଯିକା, ଆଶା କର୍ମୀ, ଅଙ୍ଗନବାଡୀ ସମେତ ସବୁ ସେବା କ୍ଷେତ୍ରର କାଯ୍ୟକୁ ଶ୍ରମିକ ମାନ୍ୟତା ଦେବା, ଦର ଦାମ ବୃଦ୍ଧି, ବେକାରି ସମସ୍ୟା ସମାଧାନ ବଞ୍ଚିବା ପାଇଁ ଖାଦ୍ୟ ,ବସ୍ତ୍ର, ବାସଗୃହ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଆଦି ଦାବି ରହିଛି ।

# ନୂଆପଡ଼ାରେ ଜିଲ୍ଲା ଉନ୍ନୟନ ସମିତି ଓ ଗ୍ରାମୋଦୟ ବୈଠକ ଅନୁଷ୍ଠିତ

ନୂଆପଡ଼ା,୨୭/୧୧ (ନି.ପ୍ର): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ସ୍ଥାନୀୟ ସଦ୍ଭାବନା ସଭା ଗୃହରେ ଜିଲ୍ଲା ଉନ୍ନୟନ ସମିତି ବୈଠକ ସହିତ ଗ୍ରାମୋଦୟ ସଭା ଅନୁଷ୍ଠିତ ହୋଇ ଯାଇଅଛି ।ଜିଲ୍ଲାର ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରତି ମାସ ଏହି ବୈଠକ ଅନୁଷ୍ଠିତ ହେଉଛି । ସଭାରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ଉପଜିଲ୍ଲାପାଳ ସୁର୍ମି ସୋରେନ୍ , ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ , ଡି ଏଫ୍ ଓ ବନ୍ୟ ପ୍ରାଣୀ, ଏ ପି ଡି କ୍ଷମାନିଧି ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ଅଧିକ୍ଷଣ ଯନ୍ତ୍ରୀ,ନିର୍ବାହୀ ଯନ୍ତ୍ରୀ ଏବଂ ଲାଇନ୍ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ । ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ଦୁଇମାସ ପରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାର ଦୃତ ଉନ୍ନତି ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ବୋଲି କହିଥିଲେ । ଉପ ନିର୍ଦ୍ଦେଶକ ପରିସଂଖ୍ୟାନ, ଡିଲେଶ୍ୱର ଧରୁଆ, ବିଗତ ମାସର ବୈଠକର ବିବରଣୀ ପ୍ରସ୍ତୁତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଇତ ଏହା ଉପରେ ବିଭିନ୍ନ ବିଭାଗ ନେଇଥିବା ପଦକ୍ଷେପ ଗୃହରେ ଉପସ୍ଥାପନ କରିଥିଲେ। ବିଗତ ଦିନରେ ଉନ୍ନୟନ କାମରେ ଯେଉଁ ସବୁ ବାଧା ରହିଥିଲା ସେସବୁର କେତେ ସମାଧାନ ହେଇଛି ଏବଂ ପ୍ରତି ବିଭାଗର କିପରି ଅଗ୍ରଗତି ହୋଇଛି ଜିଲ୍ଲାପାଳ ଜାଣିବାକୁ ଚାହିଁଥିଲେ । ଅନ୍ତ ବିଭାଗୀୟ ବିସଂଗତି ଉପରେ ଆଲୋଚନା କରି ସେସବୁର ସମାଧାନର ରାସ୍ତା ବାହାର କରାଗଲା । ବୈଠକରେ ଜଳସେଚନ ,ପଂଚାୟତି ରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ , ରାସ୍ତା ଓ ଗୃହନିର୍ମାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ,ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ , ପ୍ରାଣୀ ସମ୍ପଦ, ପରିବହନ ,ଶିକ୍ଷା, ସ୍ୱାସ୍ଥ୍ୟ,ଜଙ୍ଗଲ , ଖଣି , ଟୁରିଜମ ଇତ୍ୟାଦି ସମସ୍ତ ବିଭାଗର କାର୍ଯ୍ୟ ଉପରେସମୀକ୍ଷା ହୋଇଥିଲା । ଜିଲ୍ଲାପାଳ କହିଲେ ଯେ ନୂଆପଡ଼ା ଜିଲ୍ଲାରେ ଉପ ନିର୍ବାଚନ ପରେ ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି । ଏହାର ସୁବିନିଯୋଗ କରି ଆମେ ଜିଲ୍ଲାକୁ ପ୍ରବାସୀ ଶ୍ରମିକ ମୁକ୍ତ କରି ପାରିବା । ତହସିଲଦାର ମାନଙ୍କ ଦ୍ୱାରା ବିଭିନ୍ନ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ , ପ୍ରାଣୀ ଚିକିତ୍ସାଳୟ, ଅଙ୍ଗନବାଡି କେନ୍ଦ୍ର ମାନଙ୍କୁ ଜମି ପଟ୍ଟା ଯୋଗାଇ ଦେବା ସହିତ ସେମାନଙ୍କର ନୂତନ କୋଠା ନିର୍ମାଣ ଇତ୍ୟାଦି ବିଷୟ ଉପରେ ବିଶଦ ଆଲୋଚନା ହୋଇଥଲା । ଗ୍ରାମୋଦୟ ସଭାରେ ଜିଲ୍ଲାପାଳ ବନାଂଚଳରେ ରାସ୍ତା ଘାଟର ଉନ୍ନତି ସହିତ ଆଦିବାସୀ ଅଧୁଷିତ ଅଂଚଳରେ ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ ଗୃହ, ପରିବହନ, ଯୋଗାଯୋଗ, ଆଧାର ଇତ୍ୟାଦି ସମସ୍ତ ସୁବିଧା ସୁଯୋଗ ତୁରନ୍ତ ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଇଥିଲେ । ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ମାନେ ଉତ୍ସର୍ଗୀକୃତ ମନୋଭାବ ନେଇ ନିଜ ନିଜ ବିଭାଗର କାମ ଠିକ୍ ଭାବରେ କରି ଜିଲ୍ଲାକୁ ସବୁଜ ସୁନ୍ଦର ଏବଂ ପ୍ଲାଷ୍ଟିକ ମୁକ୍ତ କରି ପ୍ରଗତି ପଥରେ ଆଗେଇ ନେବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ ।

# କୁଚିଣ୍ଡାରେ ବିଶାଳ ଏକତା ପଦଯାତ୍ରା

ସମ୍ବଲପୁର,୨୭/୧୧ (ନି.ପ୍ର): ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଆଜି କୁଚିଣ୍ଡା ଠାରେ ବିଶାଳ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା କୁଚିଣ୍ଡା କଲେଜ ପଡିଆ ଠାରୁ ଅତ୍ୟନ୍ତ ଉତ୍ସାହର ସହିତ ଆରମ୍ଭ ହୋଇ ମୁକୁଣ୍ଡି ଷ୍ଟାଡିଅମ ପର୍ଯ୍ୟନ୍ତ ଯାଇ ସେଠାରେ ଶେଷ ହୋଇଥିଲା । ଏହି ଅବସରରେ କୁଚିଣ୍ଡା କଲେଜ ପଡିଆରୁ ଜାତୀୟ ପତାକା ଧରିଥିବା ଶହ ଶହ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନେ ନଗର ପରିକ୍ରମା କରି ମୁକୁଣ୍ଡି ଷ୍ଟାଡିଅମ ଠାରେ ପହଂଚିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ୍ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ, ପୂର୍ବତନ ବିଧାୟକ ନାଉରୀ ନାୟକ, ଉତ୍ତରାଂଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂ , ପ୍ରୋବେଶନାରୀ ଆଇଏଏସ୍ ଶୁଭ୍ରା ପଣ୍ଡା ପ୍ରମୂଖ ସାମିଲ ହୋଇଥିଲେ। ପଦଯାତ୍ରାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଶ୍ରୀ ନାୟକ ଯୋଗଦେଇ ଆଜିର ଏହି ଦିବସ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଦିନ ଓ ସମସ୍ତଙ୍କୁ ଗର୍ବର ସହ ମନେ ରଖିବାର ଦିନ ବୋଲି କହି ଉଦବୋଧନ ଦେଇଥିଲେ। ଅଗଷ୍ଟ ୧୫ ରେ ଦେଶ ସ୍ୱାଧୀନତା ଲାଭ କଲା, କିନ୍ତୁ ଭାରତବର୍ଷ ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ଥିଲା । ସ୍ୱାଧୀନତା ସଂଗ୍ରାମ ପରେ ଛୋଟ ଛୋଟ ଗଡଜାତ ରାଜ୍ୟ ମିଶ୍ରଣରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ରହିଥିଲା । ପରବର୍ତ୍ତୀ ସମୟରେ ତାଙ୍କ ପ୍ରୟାସରେ ହିଁ ଅଖଣ୍ଡଭାରତ ସମ୍ଭବ ହୋଇପାରିଥିଲା ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ। ଆଜିର ଦିନରେ ସମ୍ବିଧାନ ପ୍ରଣୟନ ହୋଇଥିଲା । ଏବେ ଆମ ଦେଶରେ ୬୫ ପ୍ରତିଶତ ହେଉଛନ୍ତି ଯୁବକ, ଯାହା ପାଖରେ ନୂଆ ଭାରତ ନିର୍ମାଣ କରିବାର କ୍ଷମତା ଅଛି । ଯାହାଙ୍କ ବଳରେ ଆମେ ସାରା ପୃଥିବୀର ନେତୃତ୍ୱ ନେଇପାରିବା ବୋଲି ନିଜ ବ୍ଯକ୍ତବରେ ପ୍ରୋତ୍ସାହିତ କରିଥିଲେ। ଭାରତର ସାର୍ବଭୌମ୍ୟ ଓ ଏକତାର ସୂତ୍ରରେ ସମସ୍ତେ ବାନ୍ଧି ହୋଇ ରହିବା ଶପଥ ନେବାକୁ କହି ନିଜ ବକ୍ତବ୍ୟ ଶେଷ କରିଥିଲେ। ଆଜିର ଏହି ଏକତା ଦୌଡ ପଦଯାତ୍ରାରେ ବୁଦ୍ଧିଜୀବୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମାଁ' ମାନେ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ, ଏବଂ ବହୁ ସଂଖ୍ୟାରେ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ । ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗର ଜନସାଧାରଣଙ୍କ ଯୋଗଦାନ ଏକ ଅପୂର୍ବ ଦୃଶ୍ୟ ସୃଷ୍ଟି କରିଥିଲା ।

# ନାଟକ ଧର୍ମ ଯୋଦ୍ଧା ମଞ୍ଚସ୍ଥ

## ନାଟକ ପ୍ରତି ଦର୍ଶକାଦୃତ ଅଛି ଆଉ ରହିବ: ଦେବ ପ୍ରସାଦ ଦାସ



ଭୁବନେଶ୍ୱର , ୨୭/୧୧ (ନି.ପ୍ର): ଇଲିଟ ଫାଉଣ୍ଡେସନ ଦ୍ୱାରା ସହ ବନ୍ଧିତ ହୋଇ ଏକପ୍ରେସନ୍ସ.ଭୁବନେଶ୍ୱର ରେପରେଟୋରି ପ୍ରସ୍ତୁତି ନାଟକ କିମଦନ୍ତି ପୁରୁଷ ଜୟୀ ରାଜଗୁରୁଙ୍କ ଜୀବନି ଉପରେ ଆଧାରିତ ନାଟକ ଧର୍ମ ଯୋଦ୍ଧା ଭଞ୍ଜ କଳାମଣ୍ଡପ ପ୍ରେକ୍ଷାଳୟ ରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା, ଭାରତବର୍ଷ ର ଶେଷ ସ୍ୱାଧୀନ ରାଜ୍ୟ ଏବଂ ଖୋର୍ଦ୍ଧା ଓଡିଶାର ଶେଷ ସ୍ୱାଧୀନ ଦୁର୍ଗ । ୧୯୦୩ ମସିହାରେ ଏହିଠାରୁ ଇଂରେଜ ମୁକ୍ତି ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଖୋର୍ଦ୍ଧା ରାଜାଙ୍କର ଅଭିଭାବକ,ଖୋର୍ଦ୍ଧା ରାଜ୍ୟର ରାଜପୁରୋହିତ, ସେନାଧ୍ୟକ୍ଷ 'ଜୟୀ ରାଜଗୁରୁ'ଯାହାଙ୍କର ପୁରା ନାଁ ଥିଲା ଜୟକୃଷ୍ଣ ରାଜଗୁରୁ ମହାପାତ୍ର। ଏକ ଧାର୍ମିକ ଭାବନାର ବଶବର୍ଷୀ,ଏହି କିମ୍ବଦନ୍ତୀ ପୁରୁଷ ପ୍ରକୃତରେ ଥିଲେ ପ୍ରଭୁଜଗନ୍ନାଥଙ୍କ ପ୍ରତି ସମର୍ପିତ ଓ ଜଗନ୍ନାଥ ଥିଲେ ତାଙ୍କ ପାଇଁ ଏ ମାଟିର ରାଜା,ମଉଡ଼ମଣି । ସେଇ ମଉଡ଼ମଣି ଙ୍କର ଭୂମିର ସୁରକ୍ଷା ପାଇଁ ସେ ଏକ ପ୍ରକାରର ପଣ କରିଥିଲେ। ତେଣୁ ତାଙ୍କ ଭିତରେ ଯେଉଁ ଭକ୍ତି ଭାବ ଥିଲା, ଜଗନ୍ନାଥଙ୍କ ପ୍ରତି ଯେଉଁ ବିଶ୍ୱାସ ଥିଲା ତାହା ହିଁ ତାଙ୍କୁ 'ଧର୍ମଯୋଦ୍ଧା' ଭାବରେ ସଜେଇ ଥିଲା । ଅନେକ ନାଟକ ରଚିତ ହୋଇଛି ଜୟୀ ରାଜଗୁରୁଙ୍କୁ ନେଇ । ଯୁଦ୍ଧରୁ ଆରମ୍ଭ ଏବଂ ଯୁଦ୍ଧରେ ଶେଷ ହୋଇଛି। କିନ୍ତୁ ଆମେ ଚେଷ୍ଟା କରିଛୁ। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ କେବଳ ସୁରକ୍ଷା ଦେବା ପାଇଁ, ଏ ଭୁଖଣ୍ଡରେ ଧର୍ମର ବିଜୟ ପତାକା କୁ ସଦାସର୍ବଦା ଉଜ୍ଜୀବିତ କରି ରଖୁବା । ପାଇଁ ତେବେ ସେ କରିଛନ୍ତି କୂଟନିତୀ ପୁଣି କେବେ ସେ ଆପଣେଇଛନ୍ତି ରଣନିତୀ । ତାଙ୍କ ଜୀବନର କିଛି ଅକୁହା ତଥ୍ୟକୁ ନେଇ, ରାଜଗୁରୁ ପ୍ରଥାର ପ୍ରଚଳନକୁ ନେଇ ନାଟକ 'ଧର୍ମ ଯୋଦ୍ଧା' ନାଟକଟି ପ୍ରସ୍ତୁତି ହେଉଛି। ଓଡିଶାର ଦୁଇ ଜଣ ପ୍ରସିଦ୍ଧ ଗବେଷକଙ୍କର ଗବେଷଣାକୁ ଆଧାର କରି ସମସ୍ତ ତଥ୍ୟ, ଘଟଣାଯାହା ନାଟକ ଟିରେ ବର୍ଣ୍ଣିତ,ସେ ସବୁର ଶ୍ରେୟ ନିଶ୍ଚିତ ରୂପରେ ଯିବ-ଐତିହାସିକ ଗବେଷକ ଶ୍ରୀଯୁକ୍ତ ଜଟାଧାରୀ ମିଶ୍ର ଏବଂ ଶ୍ରୀଯୁକ୍ତ ବିଜୟ ରଥ ମହୋଦୟଙ୍କୁ ଆମେ କେବଳ ସାମାନ୍ୟ ନାଟକୀୟରୂପ ଦେବା ପାଇଁ ଚେଷ୍ଟାକରଛୁ। ଏହି ନାଟ ରେ ୨୦ ଜଣ କଳା କାର ବିଭିନ୍ନ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ନାଟକଟି ର ପରିକଳ୍ପନା, ନାଟ୍ୟରୂପ ଓ ନିର୍ଦ୍ଦେଶନା ଦେଇଛନ୍ତି, ଦେବାନନ୍ଦ ନାୟକ ସୋନୀ। ସନ୍ଧ୍ୟା ରେ ଅତିଥି ଭାବେ ଯୋଗ ଦେଇଥିଲେ ସଚିବ ସଂସ୍କୃତି ବିଭାଗ ଶ୍ରୀଯୁକ୍ତ ଦେବ ପ୍ରସାଦ.ଦାସ. ନାଟ୍ୟ ନିର୍ଦ୍ଦେଶକ ମିହିରି ମେହେର ସିନେ ପ୍ରଯୋଜକ ପ୍ରଣୟ ଜେଠି .ଅଭିନେତ୍ରୀ ମେଘନା ମିଶ୍ର. ଶିକ୍ଷିକା ଅଭିଭାବକତ୍ୱ. ପ୍ରଭାବ. ସାମାଜିକ କର୍ମୀ.ଅନୁଷ୍ଠାନ ର ପ୍ରତିଷ୍ଠାତ୍ରୀ ଇଲିଟ ଫାଉଣ୍ଡେସନ ର ଶ୍ରୀମତୀ ଜସ୍ମିନ କର ପ୍ରମୁଖ ଉପସ୍ଥିତ ଥିଲେ. ନାଟ୍ୟ ନିର୍ଦେଶ କ ଦେବାନନ୍ଦ ନାୟକ (ସୋନି ) ଙ୍କୁ ସମ୍ବର୍ଦ୍ଧ ନା ପ୍ରଦାନ କରା ଯାଇ ଥିଲା ଏହି କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ଆନି ଶତପଥୀ।

# ଟାଉନ ହାଇସ୍କୁଲ ଆଲମୁନିରେ ଶୋକସଭା



ବାଲେଶ୍ୱର , ୨୭/୧୧ (ନି.ପ୍ର): ବାଲେଶ୍ୱର ଟାଉନ ହାଇ ସ୍କୁଲର ଆଲମୁନିରେ ବିଦ୍ୟାଳୟର ପୁରାତନ ଛାତ୍ର ଶ୍ରୀ ମହେନ୍ଦ୍ର କୁମାର ସାହୁଙ୍କର ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶୋକ ସଭାରେ ଆଲମୁନିର ସଭାପତି ଶ୍ରୀ ସୁବ୍ରତ କୁମାର କର ସମ୍ପାଦକ ଶ୍ରୀ ରବୀନ୍ଦ୍ର କୁମାର ମହାନ୍ତି, ସୁରେନ୍ଦ୍ର ସାହୁ, ଡ ନୀଳ ମାଧବ ରାୟ, ନିଖିଳ ଚନ୍ଦ୍ର ଆସ, ତାଙ୍କ ପୁଅ ତାପସ ସାହୁ ଓ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ଯୋଗ ଦାନ କରି ମହେନ୍ଦ୍ର ବାବୁଙ୍କର ଅମର ଆତ୍ମାର ସଦଗତି କାମନା କରିଥିଲେ। ଆଜି ସନ୍ଧ୍ୟାରେ ଆଲମୁନି ତରଫରୁ ଏକ ଶୋକ ସଭା ତାଙ୍କ ପୁଅ ତାପସ ସାହୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି।

# ଜାତୀୟ ଦୁଗ୍ଧ ଦିବସରେ ବିତରିତ କରାଗଲା ଗୋପାଳ ରତ୍ନ ପୁରସ୍କାର

ନୂଆଦିଲ୍ଲୀ,୨୭/୧୧ : ଜାତୀୟ ଦୁଗ୍ଧ ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ପଶୁପାଳନ ଏବଂ ଡାଏରି ବିଭାଗ ତିନୋଟି ଶ୍ରେଣୀରେ ଜାତୀୟ ଗୋପାଳ ରତ୍ନ ପୁରସ୍କାର ପ୍ରଦାନ କରିଛି। ଏହି ଅବସରରେ ୨୦ଟି ଆଧୁନିକ ଦୁଧ ଟ୍ୟାଙ୍କରର ଶୁଭାରମ୍ଭ କରାଯାଇଛି । କେନ୍ଦ୍ରୀୟ ମତ୍ସ୍ୟ ପାଳନ, ପଶୁପାଳନ ଏବଂ ଡାଏରି ମନ୍ତ୍ରାଳୟ ଅନୁସାରେ, ଜାତୀୟ ରାଜଧାନୀ ଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ପଶୁପାଳନ ଏବଂ ଡାଏରି ରାଜ୍ୟମନ୍ତ୍ରୀ ପ୍ରୋଫେସର ଏସ.ପି. ସିଂହ ବଘେଲ, ରାଜ୍ୟମନ୍ତ୍ରୀ ଜର୍ଜ କୁରିୟନ ଏବଂ ବିଭାଗର ସଚିବ ନରେଶ ପାଳ ଗଙ୍ଗୱାର ସହିତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସାରା ଦେଶରୁ ପଶୁପାଳକ, ଡାଏରି ସହକାରୀ ସଂସ୍ଥାମାନଙ୍କ ପ୍ରତିନିଧି ଏବଂ ବିଶେଷଜ୍ଞମାନେ ମଧ ଯୋଗଦେଇଛନ୍ତି ।

# ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ନୀଳଗିରି: ନୀଳଗିରି ବ୍ଲକ ବରହମପୁରସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଚଳିତବର୍ଷ ନଭେମ୍ବର ୨୧ ଓ ୨୨ ତାରିଖ ଶୁକ୍ରବାର ଓ ଶନିବାର ଦୁଇ ଦିବସୀୟ ବାର୍ଷିକ କ୍ରୀଡ଼ାପ୍ରତିଯୋଗିତା ବିଦ୍ୟାଳୟର କୁନିକୁନି ବିଦ୍ୟାର୍ଥୀ ମାନଙ୍କୁନେଇ ଆରବନ୍ଧ ଖେଳପଡିଆରେ ଉଦଯାପିତ ହୋଇଯାଇଛି। ଉଦ୍ଘାଟନୀ ଦିବସରେ ନୀଳଗିରି ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୃଥାଳ ଅନୁଷ୍ଠାନିକ ଭାବେ ଯୋଗଦେଇ ଦ୍ୱୀପ ପ୍ରଜ୍ଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍ଘାଟନ କରିଥିଲେ। ଅଭିଭାଷଣରେ ଶିଶୁମାନଙ୍କୁ କ୍ରୀଡାମାଧ୍ୟମରେ ଶାରୀରିକ ବିକାଶ ସହିତ ପ୍ରତିଯୋଗୀତା ମନୋଭାବ ସୃଷ୍ଟି ହେବାପାଇଁ ଏପରି କାର୍ଯ୍ୟକ୍ରମ ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସ୍ଥାନୀୟ ସରପଞ୍ଚ କୁଳମଣି ନାୟକ କ୍ରୀଡାପତାକା ଉତ୍ତୋଳନକରି କ୍ରୀଡା ମାଧ୍ୟମରେ ଶିଶୁର ସର୍ବାଙ୍ଗୀନ ବିକାଶ ହେବାସହିତ ମାନସିକ ସନ୍ତୁଳନ ରହେ ବୋଲି ପ୍ରକାଶ କରିଥିଲେ । ଉଦଯାପନୀ ଦିବସରେ ବିଦ୍ୟାଳୟର ସଭାପତି ପ୍ରଦୀପ କୁମାର ପସା ପତାକା ଅବତରଣ କରି ଶିଶୁମାନଙ୍କ ପାଇଁ ଖେଳକୁଦ କେତେ ଜରୁରୀ ସେ ବିଷୟରେ ଆଲୋକପାତ କରିଥିଲେ। ଦୁଇଦିନଧରି ଚାଲିଥିବା ଉକ୍ତ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟା ଅନସୂୟା ମହାନ୍ତି ଅତିଥି ପରିଚୟ ପ୍ରଦାନ ଏବଂ ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ କ୍ରୀଡା ଆଚାର୍ଯ୍ୟ ବ୍ରଜେଶ୍ୱର ମହାପାତ୍ର ବିଭିନ୍ନ ଖେଳପ୍ରତିଯୋଗୀତା ଓ ପ୍ୟାରେଡରେ ଅଭିବାଦନ କରିଥିଲେ । ସମ୍ମାନିୟ ଅତିଥିଭାବେ ବିଦ୍ୱତ ପରିଷଦ ସମ୍ପାଦକ ମହେଶ୍ୱର ସାହୁ ଏବଂ ଆରବନ୍ଧ ଗ୍ରା:ପ ସମିତି ସଭ୍ୟା ବିନତା ମଡ଼େଇ ଯୋଗଦାନ କରି ଶିଶୁ ମାନଙ୍କୁ ପ୍ରେରଣା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ସମସ୍ତ ଗୁରୁଜୀ ଗୁରୁମା, ଅଭିଭାବକ, ମାତୃମଣ୍ଡଳୀ ପ୍ରମୁଖ ସହଯୋଗ କରିଥିଲେ । ଶିଶୁ ମାନଙ୍କ ପ୍ରତିଯୋଗୀତା ସହିତ ବିଦ୍ୟାଳୟର ଅଭିଭାବିକା ଓ ଗୁରୁମା ମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର,ଅଭିଭାବକ ମାନଙ୍କ ମଧ୍ୟରେ ୧୦୦ ମି ଦୌଡ, ଗୁରୁଜୀ ମାନଙ୍କ ମଧ୍ୟରେ ଥାଳିଆ ଫିଙ୍ଗା ଭଳି ଆକର୍ଷଣୀୟ ଖେଳ ପ୍ରତିଯୋଗିତା କରାଯାଇଥିଲା । ଉକ୍ତ କାର୍ଯ୍ୟ କ୍ରମକୁ ବିଦ୍ୟାଳୟ ର ସମ୍ପାଦକ ଅକ୍ଷୟ କୁମାର ବେହେରା ସଂଯୋଜନା କରି ଉତ୍କର୍ଷତା ପ୍ରଦାନ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କାର ପ୍ରଦାନ କରାଯାଇଥିଲା ।ଶେଷରେ ସୁବୋଧ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇକନିକ୍ ସ୍ପୋର୍ଟ୍ସ ଫେଡେରେସନ୍ ଆନୁକୂଲ୍ୟରେ ଏବଂ ଇଣ୍ଡିଆନ ଗଟେବଲର ମିଳିତ ସହଯୋଗରେ ଆଇକନିକ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଓପନ୍ ଗେଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୫ ହେବାକୁ ଯାଉଛି




ଭୁବନେଶ୍ୱର, ୨୭/୧୧ (ନି.ପ୍ର): ଆଇକନିକ୍ ସ୍ପୋର୍ଟ୍ସ ଫେଡେରେସନ୍ , ଇଣ୍ଡିଆନ୍ ଗେଟବଲ୍ ୟୁନିଅନ୍ ମିଳିତ ଭାବରେ, ଆସନ୍ତା ୩୦ ନଭେମ୍ବରରୁ ୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱରର ବିଶ୍ୱସ୍ତରୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଆଇକନିକ୍ ଇଣ୍ଡିଆନ୍ ଇଣ୍ଟରନ୍ୟାସନାଲ୍ ଓପନ୍ ଗେଟବଲ୍ ଟୁର୍ନାମେଣ୍ଟ ୨୦୨୫ ଘୋଷଣା କରିଛି। ଏହି ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଜାପାନ, ଥାଇଲ୍ୟାଣ୍ଡ, ଇଣ୍ଡୋନେସିଆ ଏବଂ ତାଇୱାନ ପରି ଚାରୋଟି ବିଶ୍ୱସ୍ତରୀୟ ଦଳ ସହିତ ଭାରତର ୧୮ ଟି ରାଜ୍ୟ ଦଳ ଅଂଶଗ୍ରହଣ କରିବେ, ଯେଉଁଥିରେ ୪୦୦ ରୁ ଅଧିକ ଖେଳାଳି, ଅଧିକାରୀ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଏକତ୍ରିତ ହେବେ। ଖେଳାଳିମାନେ କ୍ଲାସିକ୍ ଏବଂ ଡବଲ୍ସ ଉଭୟ ବର୍ଗରେ ପ୍ରତିଯୋଗିତା କରିବେ। ଆଇଏସଏଫ, କେଉଁଝରର ନାଇବୁଗା ଲୁହା ଏବଂ ମାଙ୍ଗାନିଜ୍ ଖଣିର ଅଧ୍ୟକ୍ଷ-ଏବଂ -ପରିଚାଳନା ନିର୍ଦ୍ଦେଶକ ଶ୍ରୀ ତାରିଣୀ ପ୍ରସାଦ ମହାନ୍ତିଙ୍କୁ ଆୟୋଜନ କମିଟିର ଅଧ୍ୟକ୍ଷ ଭାବରେ ନିଯୁକ୍ତ କରିଛି ଏବଂ ଉମାକାନ୍ତ ଜେନା ଙ୍କୁ କାର୍ଯ୍ୟକାରୀ ସେକ୍ରେଟାରୀ ଭାବେ ନିଯୁକ୍ତି କରାଯାଇଛି । ଏହି ସମ୍ମାନଜନକ ଭୂମିକା ଓଡ଼ିଶାରେ କ୍ରୀଡା ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଦେଇଛି । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଥିଲେ ଶ୍ରୀ ତାରିଣୀ ପ୍ରସାଦ ମହାନ୍ତି - ଚେୟାରମ୍ୟାନ୍, ଆଇକନିକ୍ ଇଣ୍ଡିଆ ଆନ୍ତର୍ଜାତୀୟ ଓପନ୍ ଗେଟବଲ୍ ଟୁର୍ନାମେଣ୍ଟ, ଡକ୍ଟର ଚିଡ଼ାତମିକା ଖଟୁଆ, ନିର୍ଦ୍ଦେଶକ, ଆଇଏସଏଫ, ଦିପାୟନ ପଟ୍ଟନାୟକ ନିର୍ଦ୍ଦେଶକ, ଏସିଆ ପାସିଫିକ୍ ଗେଟବଲ୍ ୟୁନିଅନ୍ ଡକ୍ଟର ଉମାକାନ୍ତ ପାଣି, ସଭାପତି, ଆଇଜିୟୁ, ଡକ୍ଟର ସଞ୍ଜୟ ଚୌଧୁରୀ ନିର୍ଦ୍ଦେଶକ, ଆଇଏସ୍ଏଫ୍ ଡକ୍ଟର ଶେଖ ଅବଦୁଲ ସମିମ୍, ନିର୍ଦ୍ଦେଶକ, ଆଇଏସ୍ଏଫ୍, ଶ୍ରୀ ସଞ୍ଜୟ ଦାସ ରାଜ୍ୟ ସମ୍ପାଦକ, ଆଇଏସ୍ଏଫ୍ । ଏଥିରେ ରାଜ୍ୟ ସରକାର ଙ୍କ ପୂର୍ଣ୍ଣ ସହଯୋଗ ସହିତ ବହୁ ପ୍ରତିଷ୍ଠିତ ଅନୁଷ୍ଠାନ ସହଯୋଗିତା ଅଛନ୍ତି. ଏହି ଖେଳ ଉପଭୋଗ କରିବା ପାଇଁ ସମସ୍ତଙ୍କୁ ନିମନ୍ତ୍ରୀତ କରାଯାଇଛି. ଏହି ଖେଳ ଏକ ଷ୍ଟ୍ରାଟେଜିକ ସହ ଟିମ ଖେଳ ଅଟେ. ଏଥିରେ ମସ୍ତିଷ୍କର ଉନ୍ନତି ରେ ସାହାଯ୍ୟ କରେ. ଆଇକୋନିକ ସ୍ପୋର୍ଟ୍ସ ଫେଡେରେସନ ସାରା ଭାରତ ରେ ଏହି ଖେଳ ର ପ୍ରସାର ଏବଂ ପ୍ରଚାର ର ଦାୟୀତ୍ୱ ବହନ କରେ. ଏହା କିପରି ଓଡ଼ିଆ ରେ ବିଭିନ୍ନ ଜାଗାରେ ଖେଳା ଯିବ ଏହି ବିଷୟରେ ଆଇଏସଏଫ ର ନେର୍ଦେଶକ ଡ ସଞ୍ଜୟ ଚୌଧୁରୀ କହିଛନ୍ତି। ମାନସ ରଂଜନ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ ସମାରୋହ ସଞ୍ଚାଳନ କରିଥିବା ବେଳେ ଶ୍ରୀ ଶରତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଇକନିକ୍ ଇଣ୍ଡିଆନ୍ ଇଣ୍ଟରନ୍ୟାସନାଲ୍ ଓପନ୍ ଗେଟବଲ୍ ଟୁର୍ନାମେଣ୍ଟରେ ଭାରତର ଉପସ୍ଥିତିକୁ ସୁଦୃଢ କରିବା ସହ ଏହି ଆୟୋଜନ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଫେଡେରେସନ୍ କହିଛି ।

# ଦୁର୍ଘଟଣାର ଦୁଇ ଦିନ ପରେ ଗୁରୁତରଙ୍କ କଟକ ଡାକ୍ତରଖାନାରେ ମୃତ୍ୟୁ

ବୈଶିଙ୍ଗା , ୨୭/୧୧ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ନଡପୁର ନିକଟରେ ଗତ ୧୬ ତାରିଖରେ ଦୁର୍ଘଟଣାରେ ଗୁରୁତର ଆହତ ବ୍ୟକ୍ତି ଙ୍କ କଟକ ବଡ ମେଡିକାଲ ରେ ମୃତ୍ୟୁ କୁ ନେଇ ଆଜି ବୈଶିଙ୍ଗା ଥାନା ରେ ଏତେଲା ହୋଇଥିବା ଜଣା ଯାଇଛି । ଘଟଣାରୁ ପ୍ରକାଶ ଏହି ଥାନା ଅଧିନ କୃଷ୍ଣଚନ୍ଦ୍ରପୁର ଗ୍ରାମର ସୁରେନ୍ଦ୍ର ସିଂ (୫୮) ନଡପୁର ହାଟରୁ ସଉଦା କରି ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ବେଳେ ଏକ ବୁଲେଟ ମୋଟର ସାଇକେଲ ପଛ ପଟୁ ସୁରେନ୍ଦ୍ର ଙ୍କୁ ଧକ୍କା ଦେଇଥିଲା । ସଙ୍ଗେ ସଙ୍ଗେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବେତନଟୀ ଡାକ୍ତରଖାନା ନେଇ ପ୍ରାଥମିକ ଚିକିତ୍ସା ପରେ ବାରିପଦା ନେଇ ଯାଇଥିଲେ ।ସେଠାରେ ଗୁରୁତର ଥିବା ଜାଣି କଟକ ନେବା ପାଇଁ ରେଫର କରିଦେଇ ଥିଲେ । କଟକରେ ଚିକିତ୍ସା ପରେ ୧୮ ତାରିଖ ଦିନ ସେଠାରେ ମୃତ୍ୟୁ ହୋଇ ଯାଇଥିଲା । ଏନେଇ ମଙ୍ଗଳାବାଗ ଥାନାରେ ନଂ ୨୬୧୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରାଯାଇଥିଲା । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକେ ଘରକୁ ଆଣି ଶେଷକୃତ୍ୟ ସମ୍ପନ୍ନ କରିବା ସହିତ ଶୁଦ୍ଧିକ୍ରୀୟା ପରେ ଆଜି ୨୫ ତାରିଖରେ ସ୍ୱର୍ଗତ ସୁରେନ୍ଦ୍ର ଙ୍କ ପୁତ୍ର କୃଷ୍ଣଚନ୍ଦ୍ର ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ ।ଧକ୍କା ଦେଇଥିବା ବୁଲେଟ ମୋଟର ସାଇକେଲ ଟି ଟିକରଗଡିଆ ଗ୍ରାମର ସୁରି ମହାକୁଡ଼ଙ୍କ ଜ୍ୱାଇଁ ଙ୍କର ବୋଲି ଜଣାପଡ଼ିଛି । ଏହାର ତଦନ୍ତ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୃଷ୍ଣଚନ୍ଦ୍ର ଅନୁରୋଧ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଓଡ଼ିଶା ବିଧାନସଭାରେ...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ରାଷ୍ଟ୍ରପତି ତାଙ୍କର ବିଧାନସଭା ଗସ୍ତକୁ ଯେପରି ସ୍ମରଣୀୟ କରିପାରିବେ ସେଥିପାଇଁ ବିଧାନସଭା ସଚିବାଳୟ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ରାଇରଂଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ହୋଇଥିଲେ। ସେ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ଓଡ଼ିଶା ସରକାରରେ ବାଣିଜ୍ୟ, ପରିବହନ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଥିବାବେଳେ ବିଧାନସଭାର ୧୧ ନଂବର ପ୍ରକୋଷ୍ଠରେ ବସୁଥିଲେ। ଏହି ପ୍ରକୋଷ୍ଠରେ ରାଷ୍ଟ୍ରପତି କିଛି ସମୟ ବିତାଇ ପୁରୁଣା ସ୍ମୃତିକୁ ଯେପରି ମନେ ପକାଇବେ। ସେଥିପାଇଁ ଏହି ପ୍ରକୋଷ୍ଠକୁ ନୂଆ ରୂପ ଦିଆଯାଇଛି। ବିଧାନସଭାରେ କାର୍ଯ୍ୟକ୍ରମ ଶେଷ ପରେ ରାଷ୍ଟ୍ରପତି ରାଜଭବନ ଫେରି ରାଜ୍ୟପାଳଙ୍କ ସ୍ୱତନ୍ତ୍ର ନୈଶ୍ୟ ଭୋଜିରେ ଯୋଗଦେବେ। ୨୮ତାରିଖ ପୂର୍ବାହ୍ଣ ୯ଟା ୧୫ରେ ରାଷ୍ଟ୍ରପତି ଓଡ଼ିଶାରୁ ଲକ୍ଷ୍ନୌ ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ୨୦୦ ଅଫିସର ଓ ୨୫ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି।

### ଶିକ୍ଷକ ବଦଳିକୁ ନେଇ...

ସାଂଘାତିକ ଅଭିଯୋଗ ଆଣିଛି ବିରୋଧୀ ବିଜେଡି। ଶାସକ ଦଳର ବିଧାୟକ, ୧୫ ଶିକ୍ଷକଙ୍କ ବଦଳରେ ୧୦୦ରୁ ୧୫୦ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରୁଥିଲେ। ଶିକ୍ଷାବ୍ୟବସ୍ଥା ବ୍ୟବସାୟରେ ପରିଣତ ହୋଇଯାଇଥିଲା । କଂଗ୍ରେସର ଯୁକ୍ତି, ବିଧାୟକଙ୍କ ଉପରେ ଚାପ ରହୁଥିଲା । ହାଇକୋର୍ଟ ଉଚିତ ନିଷ୍ପତ୍ତି ନେଇଛନ୍ତି । ଅନ୍ୟପଟେ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷକ ଅଦଳବଦଳ କରାଯାଏ। ରାଜନୈତିକ ହସ୍ତକ୍ଷେପ ନେଇ ହାଇକୋର୍ଟ କ'ଣ ଆଦେଶ ଦେଇଛନ୍ତି ତାହାର ତର୍ଜମା ହେବ। ବଦଳିରେ ସ୍ୱଚ୍ଛତା ଆଣିବା ଦିଗରେ କାମ କରିବ ବିଭାଗ।

### ମହାକାଶ ଅଭିଯାନରେ...

ମହାକାଶକୁ ସାଟେଲାଇଟ୍ ପଠାଇବ ଭାରତର ଘରୋଇ ସଂସ୍ଥା । ଭାରତର ଦେଶୀ ସ୍ପେଶ୍-ଏକ୍ସ କୁହାଯାଉଥିବା ସ୍କାଏରୁଟ୍ ଏରୋସ୍ପେଶର ହାଇଦ୍ରାବାଦ ସ୍ଥିତ ଇନଫିନିଟି କ୍ୟାମ୍ପସ୍ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏଥିସହ ଉନ୍ମୋଚନ କରିଛନ୍ତି ଦେଶର ପ୍ରଥମ ଘରୋଇ ସ୍ପେଶ୍ ରକେଟ୍ ବିକ୍ରମ୍-୧ । ଗୋଟିଏ ଉତକ୍ଷେପଣରେ ଏକାଧିକ ସାଟେଲାଇଟକୁ କକ୍ଷପଥରେ ଅବସ୍ଥାପିତ କରିପାରିବ ଏହି ଶକ୍ତିଶାଳୀ ରକେଟ୍ । ଭାରତୀୟ ମହାକାଶ ଗବେଷଣାର ଜନକ କୁହାଯାଉଥିବା ବିକ୍ରମ ସାରାଭାଇଙ୍କ ନାଁ ଅନୁସାରେ ନାମିତ ହୋଇଛି ଏହି ଅର୍ବିଟାଲ୍-କ୍ଲାସ୍ ଲଞ୍ଚ୍ ଭେହିକିଲ୍ । ଏହା ଏକ ୪ ଷ୍ଟେଜ୍ ବିଶିଷ୍ଟ ରକେଟ୍। ୩୫୦ କେଜି ପର୍ଯ୍ୟନ୍ତ କ୍ଷୁଦ୍ର ସାଟେଲାଇଟକୁ କମ୍ ଖର୍ଚ୍ଚରେ ମହାକାଶକୁ ପଠାଇବା ପାଇଁ ଏହାକୁ ଡିଜାଇନ୍ କରିଛି ସ୍କାଏରୁଟ୍ ଏରୋସ୍ପେଶ୍ । ୨୦ ମିଟର ଲମ୍ବା, ୧.୭ ମିଟର ବ୍ୟାସ । ଏହା ହାଲୁକା, କିନ୍ତୁ ଶକ୍ତିଶାଳୀ । ୨୪ ଘଣ୍ଟା ଭିତରେ ଏହାର ବିଭିନ୍ନ ଯନ୍ତ୍ରାଂଶକୁ ଯୋଡ଼ି ଉତକ୍ଷେପଣ ପାଇଁ ପ୍ରସ୍ତୁତ କରିହେବ । ଏହାର 'କଲାମ୍' ଇଞ୍ଜିନକୁ ଥ୍ରୀ-ଡି ପ୍ରିଣ୍ଟିଂ ଟେକନୋଲୋଜିରେ ତିଆରି କରାଯାଇଛି । ୨୦୨୬ ସୁଦ୍ଧା ଏହାର ପ୍ରଥମ ଉତକ୍ଷେପଣ ପାଇଁ ଲକ୍ଷ୍ୟ ରଖାଯାଇଛି ।

### ଆଧାର କାର୍ଡ ରଖିଥିବା ...

ବେଙ୍ଗଲ ଓ ପୁଡୁଚେରୀ ଭଳି ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏବେ ଏସ୍ଆଇଆର ଚାଲିଛି। ଏହି ୧୨ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ୫୧ କୋଟି ଭୋଟରଙ୍କ ଯାଞ୍ଚ କରାଯାଉଛି। ଖଣ୍ଡପୀଠରେ ଥିବା ଜଷ୍ଟିସ ଜୟମଲ୍ୟ ବାଗଚି କହିଛନ୍ତି ଯେ ଭୋଟର ତାଲିକାର ଯାଞ୍ଚ କରିବାର ଅଧିକାର ନିର୍ବାଚନ କମିଶନଙ୍କ ପାଖରେ ରହିଛି। ଗଣନା ଫର୍ମ ଯାଞ୍ଚ ବା ସର୍ଭେର ଅଂଶବିଶେଷ। ଭୋଟରଙ୍କ ଅସ୍ତିତ୍ୱ ଜାଣିବାର ଏହା ଗୋଟିଏ ଅଂଶବିଶେଷ। ଭାରତୀୟ ନିର୍ବାଚନ ଗୋଟିଏ ଡାକ ଘର ଭାବେ କାମ କରିବେ ବୋଲି ଆମେ ଆଶା କରିପାରିବା ନାହିଁ ବୋଲି ଜଷ୍ଟିସ ବାଗଚି କହିଛନ୍ତି। ଖଣ୍ଡପୀଠ ଶୁଣାଣି ବେଳେ ଦୋହରାଇଛନ୍ତି ଯେ "ଆଧାର କାର୍ଡ ସଂପୂର୍ଣ୍ଣ ଭାବେ ନାଗରିକତାର ପ୍ରମାଣ ନୁହେଁ। ତେଣୁ ଆମେ ଏହାକୁ କେବଳ ଗୋଟିଏ ଦସ୍ତାବିଜ ଭାବେ ବ୍ୟବହାର କରିବାକୁ କହିଛୁ। ଯଦି କାହା ନାଁ କଟା ଯାଇଛି, ସେମାନଙ୍କୁ ଏହାର କାରଣ ନୋଟିସ ମାଧ୍ୟମରେ ଅବଗତ କରାଯିବ।" ତାମିଲନାଡୁ, କେରଳ ଓ ବେଙ୍ଗଲରେ ଚାଲିଥିବା ଏସ୍ଆଇଆରକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ନୋଟିସ କରିଛନ୍ତି। ଡିସେମ୍ବର ୧ ସୁଦ୍ଧା କମିଶନ ଜବାବ ରଖିବେ। ଏହାପରେ ଆବେଦନକାରୀ ମଧ ନିଜର ପକ୍ଷ ଦାଖଲ କରିପାରିବେ। ଦୁଇ ପକ୍ଷ ଜବାବ ରଖିବା ପରେ ଏହାର ଶୁଣାଣି ହେବ।

### ପଶ୍ଚିମବଙ୍ଗ...

କେନ୍ଦ୍ର ମନ୍ତ୍ରୀ କୈଳାସ ଚୌଧୁରୀ ଦାୟିତ୍ୱ ଦିଆଯାଇଛି । ଉତ୍ତର ବଙ୍ଗ ବିଜେପି ପାଇଁ ବେଶ୍ ଗୁରୁତ୍ୱ ରଖେ, କାରଣ ଏହା ପଶ୍ଚିମବଙ୍ଗର ୨୯୪ ବିଧାନସଭା ଆସନ ଭିତରୁ ପ୍ରାୟ ୫୪ ଆସନ ଏହି ଅଞ୍ଚଳରେ ରହିଛି । ଏହାସହ ନେପାଳ, ଭୁଟାନ ଏବଂ ବାଂଲାଦେଶକୁ ସୀମାନ୍ତକୁ ଲାଗି ରହିଥିବାରୁ ଏହା ଗୁରୁତ୍ୱ ମଧ ବେଶି । ତେଣୁ ଉତ୍ତର ବଙ୍ଗକୁ ଅକ୍ତିଆର କରିବା ପାଇଁ ବିଜେପି ବୁଥ୍ ସ୍ତରରେ ଏହାର ସଂଗଠନକୁ ମଜବୁତ କରିବା ଉପରେ ବିଶେଷ ଧ୍ୟାନ ଦେଇଛି । ଏହି ଜୋନ୍‌ରେ ଦାର୍ଜିଲିଂ, ଜଳପାଇଗୁଡ଼ି, କୁଚ୍ ବିହାର, ଆଲିପୁରଦୁଆର, ମାଲଦା, ଉତ୍ତର ଏବଂ ଦକ୍ଷିଣ ଦିନାଜପୁର ଭଳି ଜିଲ୍ଲା ଅନ୍ତର୍ଭୁକ୍ତ । ଏହି ଜିଲ୍ଲାଗୁଡ଼ିକ ରାଜ୍ୟର ମୋଟ ଭୋଟ ଅଂଶର ୨୦ ରୁ ୨୫ ପ୍ରତିଶତ ଅଟେ । ୨୦୨୧ ନିର୍ବାଚନରେ ବିଜେପି ଏଠାରେ ୪୦ ପ୍ରତିଶତରୁ ଅଧିକ ଆସନ ଜିତିଥିଲା । ତେଣୁ ଏଥର ଦଳର ଲକ୍ଷ୍ୟ ହେଉଛି ଏହାର ଭୋଟ ଅଂଶ ୩୮ ପ୍ରତିଶତରୁ ୪୪ ରୁ ୪୫ ପ୍ରତିଶତକୁ ବୃଦ୍ଧି କରିବା। ଜାଣିରଖିବା ଉଚିତ ଯେ, ବିଜେପିର ପାଞ୍ଚ ମାସିଆ ଅଭିଯାନ ନଭେମ୍ବର ୨୦୨୫ ରୁ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହି ରଣନୀତି ବିହାର ମଡେଲ ଉପରେ ଆଧାରିତ, ଯେଉଁଥିରେ 'ଗ୍ରାମ ଚଲୋ', ହିନ୍ଦୁ ଭୋଟ ଏକତ୍ରୀକରଣ ଏବଂ କଲ୍ୟାଣକାରୀ ଯୋଜନାର ପ୍ରଚାର ଭଳି ଗ୍ରାମୀଣ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହ ପ୍ରଚାରର ନେତୃତ୍ୱ ନେବା ସହିତ ନିର୍ବାଚନ ରାଲି ଏବଂ ସାଧାରଣ ସଭା ଡିସେମ୍ବରରେ ଆରମ୍ଭ ହେବ ।

### ଡିସେମ୍ବର ୧...

ଯାନବାହନ ଚେକିଂ କରିବା ନିମନ୍ତେ ପୋଲିସ୍ ବିଭାଗକୁ ଅତିରିକ୍ତ କ୍ଷମତା ପ୍ରଦାନ ମସୁଧା ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ରାଜ୍ୟ ବସ୍ ମାଲିକ ସଂଘ ତୀବ୍ର ପ୍ରତିକ୍ରିୟା କରି ଏହାର ପୁନର୍ବିଚାର ନହେଲେ ଏହି ବ୍ୟବସ୍ଥା ଲାଗୁ ହେବା ଦିନ ଠାରୁ ପ୍ରତିବାଦ ସ୍ୱରୂପ ବସ ଚଳାଚଳ ବନ୍ଦ ରହିବ ବୋଲି ଚେତାବନୀ ଦିଆଯାଇଥିଲା। ତ୍ୱରିତ ପଦକ୍ଷେପ ସ୍ୱରୂପ ଏକ ପ୍ରତିନିଧି ଦଳ ପରିବହନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ସକ୍ଷାତ କରି ଆଲୋଚନା କରିଥିଲେ। ସୌହାର୍ଦ୍ଦ୍ୟପୂର୍ଣ୍ଣ ବତାବରଣ ମଧ୍ୟରେ ଆଲୋଚନା ହୋଇ ଏହି ପ୍ରସଙ୍ଗ ଅଧିକ ତର୍ଜମା ଓ ପରୀକ୍ଷଣ ସାକ୍ଷେପ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଛି । ଏବେ ଏହି ଚେକିଂ ବ୍ୟବସ୍ଥା ଲାଗୁ କରାଯିବ ନାହିଁ ବୋଲି ଦୃଢ଼ ପ୍ରତିଶୃତି ମିଳିବା ପରେ ଡିସେମ୍ବର ୧ରୁ ବନ୍ଦ ଡାକରା ପ୍ରସ୍ତାବ ପ୍ରତ୍ୟାହୃତ ହୋଇଛି । ଏହି ପ୍ରତିନିଧି ମଣ୍ଡଳୀରେ ସଂଘର ସଭାପତି ଲୋକନାଥ ପଣି, ସାଧାରଣ ସଂପାଦକ ଦେବେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ବରଦା ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇଥିଲେ ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, UDALA
e_mail =rw_udala@yahoo.com
e_Procurement Tender Call Notice No. Online 04/RWD/UDALA/2025-26

1. Name of the work : Weir Bridge works
2. Total No.of works : 1 Nos.
3. Estimated Cost : Approx Estimated Cost Rs.64.07 Lakhs
4. Class of Contractor :'B'
5. EMD : EMD @ 1% of Estimated Cost Put to tender
6. Period of completion : As per Annexure
7. Other details :

Further details can be seen from the website www.tendersorissa.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E, Rural Works Division, Udala. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| S.E.R.W Division, Udala. | 04(Online)/ RWD-Udala of 2025-26 | 28.11.25 at 11.00 A.M. | 03.12.25 up to 5.00 P.M. | 03.12.25 up to 3.00 P.M. | 03.12.25 at 5.30 A.M. | Intimate later. |

Superintending Engineer
R.W. Division, Udala

ଶୁକ୍ରବାର, ନଭେମ୍ବର ୨୮, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସମବାୟ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲଙ୍କ ଭଦ୍ରକ ଗସ୍ତ

ଭଦ୍ରକ , ୨୭/୧୧ (ନି.ପ୍ର): ଆଜି ଭଦ୍ରକ ଜିଲ୍ଲା ଗ୍ରସ୍ତ ରେ ଜିଲ୍ଲା ପ୍ରଭାରୀ ଓଡିଶା ସରକାରଙ୍କ ର ସମବାୟ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲ ଆସି ପ୍ରଥମେ ଜଗଉ ଅଫିସ୍ ପରିସର ରେ ନିର୍ମିତ ହୋଇଥିବା ଖାସୀ ମାଂସ ଦୋକାନ ଗୃହ ଗୁଡ଼ିକୁ ବିଧାୟକ ସିତାଂଶୁ ସେଖର୍ ମହାପାତ୍ର ଙ୍କ ଉପସ୍ଥିତି ରେ ଉନ୍ମଚନ କରିଥିଲେ । ଏହା ପରେ ଜଗଉ ର ବିଭିନ୍ନ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ଏହାପରେ ରାହାଞ୍ଚି ଓ berhampur PACS କୁ ଗ୍ରସ୍ତ କରି ଧାନ ମଣ୍ଡି ବୁଲି ଦେଖିଥିଲେ। ପାକ୍ସ ର କାର୍ଯ୍ୟକଳାପ ରେ ବିଭିଧତା ଆଣିବା ସହିତ ଏହାକୁ ସାଧାରଣ ସେବା କେନ୍ଦ୍ର ରେ ପରିଣତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଚଟଖ infrastructure ର ନିର୍ମାଣ ର ପ୍ରଗତି ବିଷୟ ରେ ସମୀକ୍ଷା କରିଥିଲେ। ଏହା ପରେ ଟିଲୋ ଗ୍ରସ୍ତ ରେ ଆସି ସେଠାରେ ମତ୍ସ୍ୟ, ଉଦ୍ୟାନ ଓ ପ୍ରାଣୀ ଚିକିତ୍ସା ବିଭାଗ ର ବିଭିନ୍ନ ପ୍ରକଳ୍ପ ଗୁଡ଼ିକୁ ଗସ୍ତ କରି ଏହାର ଉନ୍ନତି ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସନ୍ଧ୍ୟା ରେ ସଦ୍ଭାବନା ସଭା ଗୃହ ରେ ଜିଲ୍ଲା ର ସମସ୍ତ ବିଭାଗ ର ଅଧିକାରୀ ମାନଙ୍କର ଉନ୍ନୟନ କାର୍ଯ୍ୟ ର ସମିକ୍ଷା କରିଥିଲେ।




## ମଜୁରି ଟଙ୍କା ମାଗିବାରୁ ରାଜମିସ୍ତ୍ରୀଙ୍କୁ ଆକ୍ରମଣ : ଥାନାରେ ମାମଲା

ଲଙ୍ଗଳେଶ୍ୱର, ୨୭/୧୧ (ନି.ପ୍ର): ବକେୟା ମଜୁରୀ ଟଙ୍କା ମାଗିବାରୁ ଜନୈକ ରାଜମିସ୍ତ୍ରୀ ଙ୍କୁ ଠିକାଦାର ଙ୍କ ଆକ୍ରମଣ ଓ ଜୀବନରୁ ମାରି ଦେବାକୁ ଧମକ୍।ସୁରକ୍ଷା ତଥା ନ୍ୟାୟ ପାଇଁ ଥାନାରେ ଲିଖିତ ଅଭିଯୋଗ କଲେ ରାଜମିସ୍ତ୍ରୀ। ତେବେ ସୂଚନାରୁ ପ୍ରକାଶ ସିଂଲା ଥାନା ଲଙ୍ଗଳେଶ୍ୱର ଗ୍ରାମର ଜୟଦେବ ପାତ୍ର ରାଜମିସ୍ତ୍ରୀ କାମକରି ପରିବାରର ପ୍ରତିପୋଷଣ କରିଥାନ୍ତି। ସ୍ଥାନୀୟ ମହାବଳା ଗ୍ରାମର ଗୌରାଙ୍ଗ ଭୁୟାଁ ଚୌମୁଖ ଗ୍ରାମରେ ପାନୀୟଜଳ ପ୍ରକଳ୍ପ ରେ ପାଚେରୀ ନିର୍ମାଣ ପାଇଁ ଜୟଦେବ ପାତ୍ର ଙ୍କୁ ଲଗାଇବା ସହ,କାମ ସମାପ୍ତ ମଧ୍ୟ କରିଥିଲେ। ତେବେ ମଜୁରୀ ବାବଦକୁ ଶତେଇସ୍ ହଜାର ଟଙ୍କା ପାଇବାର



ଥିବାବେଳେ, ବାରମ୍ବାର ଟଙ୍କା ଦେବାକୁ ସମୟ ଗଡି ଚାଲିଥାନ୍ତି ଗୌରାଙ୍ଗ। ତେବେ ବକେୟା ଟଙ୍କା ପାଇବା ପାଇଁ ତାଙ୍କ ପଞ୍ଚୁପାଲି ସ୍ଥିତ ଦୋକାନ କୁ ଯିବାସହ,ନିଜର ଟଙ୍କା ମାଗିଥିଲେ। ତେବେ ଗୌରାଙ୍ଗ ହିସାବ୍ ଗୋଳାଇ ମାତ୍ର ସାତ ହଜାର ଟଙ୍କା ଫୋନ୍ ପେ ରେ ଦେଇଥିବା ବେଳେ, ଜୟଦେବ କିନ୍ତୁ ନିଜର ସମସ୍ତ ମଜୁରୀ ଟଙ୍କା ନେବାକୁ ଅଡ଼ି ବସିବାରୁ, ଗୌରାଙ୍ଗ ତଥା ତାଙ୍କ ଟ୍ରାକ୍ଟର ଡ୍ରାଇଭର ଜୟଦେବଙ୍କୁ ମାଡ ମାରିବା ସହ ନିଜର ଦୋକାନ ଘରେ ବନ୍ଦ୍ କରି ଦେଇଥିଲେ। ତେବେ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ଫଳରେ ଗୌରାଙ୍ଗ ମୁକୁଳି ଥିଲେ। ତେବେ ଗୌରାଙ୍ଗ ଜୀବନରୁ ମାରିଦେବାର ଧମକ୍ ଦେଇଥିବା ଲିଖିତ ଅଭିଯୋଗ କରିଛନ୍ତି। ତେବେ ଜଣେ ରାଜମିସ୍ତ୍ରୀ ଙ୍କୁ ତାଙ୍କ ପ୍ରାପ୍ୟ ଅର୍ଥ ନଦେଇ ପିଟାମରା କରିବାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ତେବେ ରାଜମିସ୍ତ୍ରୀ ଗୋପାଳ କୁ ନ୍ୟାୟ ଦେବାସହ ବକେୟା ମଜୁରୀ ଟଙ୍କା ପ୍ରଦାନ ପାଇଁ ବାଲିଆପାଳ ପୋଲିସ୍ ପଦକ୍ଷେକ ନେବାକୁ ନିବେଦନ କରିଛନ୍ତି।

## ବେତନଟୀ ତହସିଲଦାରଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣାରେ ଆଉ ୬ ଜଣ ଅଭିଯୁକ୍ତ ଗିରଫ

■ଗିରଫ ସଂଖ୍ୟା ୯ କୁ ବୃଦ୍ଧି
■ବିଭିନ୍ନ ସ୍ଥାନରେ ଚଢ଼ାଉ, ଜେସିବି ଜବତ

ବୈଶିଙ୍ଗା , ୨୭/୧୧ (ନି.ପ୍ର): ଲଘୁ ଖଣିଜ ଚୋରା ଚାଲାଣ ରୋକିବାକୁ ଯାଇ ମୟୁରଭଞ୍ଜ ଜିଲ୍ଲାର ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା ସମେତ ୩ କର୍ମଚାରୀଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣା ରେ ବେତନଟୀ ପୁଲିସ ବୁଧବାର ତିନ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଗୁରୁବାର ଆଉ ୬ଜଣ ଅଭିଯୁକ୍ତ ଙ୍କୁ ଗିରଫ କରିଛି । ସେଥି ମଧ୍ୟରୁ ଗତ ମଙ୍ଗଳବାର ରାତି ୮ ମଧ୍ୟରେ ବଡ଼ସାହି ଥାନା ଅଧୀନ ବର୍ଡନା ଗ୍ରାମର



ଦୁଇ ଅଭିଯୁକ୍ତ ପ୍ରଶାନ୍ତ ଗାଆଣ ଏବଂ ସୁଶାନ୍ତ ଗାଆଣ ଙ୍କୁ ଗିରଫ କରିଥିଲା ବେଳେ ସେହି ମଙ୍ଗଳବାର ମଧ୍ୟରାତ୍ରି ରେ ଅନ୍ୟ ଜଣେ ଅଭିଯୁକ୍ତ ବାରିପଦା ର ୨୦ ନମ୍ବର ୱାର୍ଡ ର ଶୂନଗଡ଼ିଆ ଅଞ୍ଚଳର ମାଜାହାଲ ହୁସେନ (୩୭) ବାଲି କାରବାରର ମୁଖ୍ୟ କୁ ଗିରଫ କରି ବୁଧବାର ଦିନ କୋର୍ଟ ଚାଲାଣ କରାଯାଇଥିଲା। ଗୁରୁବାର ଦିନ ଚଢ଼ାଉ କରି ପୋଲିସ ଆଉ ୬ଜଣ ଅଭିଯୁକ୍ତ ଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଅଭିଯୁକ୍ତ ମାନେ ହେଲେ ବଡ଼ସାହି ଥାନା ଅଧୀନ କୁଳିଅଣା ଗ୍ରାମର ସୁମନ୍ତ ନାୟକ (୪୦), ରାଜୀବ ଲୋଚନ ସେନାପତି (୩୦), ଦୁର୍ଗା ଚରଣ କୁଅଁର (୨୪), ନିଶ୍ଚିନ୍ତପୁର ଗ୍ରାମର ଦେବାଂଶୁ ଜେନା (୩୪), ବୈଶିଙ୍ଗା ଥାନା ଜାମନଣ୍ଡା ଗ୍ରାମର ପ୍ରଦ୍ୟୁମ୍ନ ବେହେରା (୨୧), ଖୁଣ୍ଟା ଥାନା ଅଧୀନ ବଡ଼ଫେଣୀ ଗ୍ରାମର ବିସ୍ମୟ ରଞ୍ଜନ ମହାନ୍ତ (୪୦)।ଏମାନଙ୍କୁ ଶୁକ୍ରବାର ଦିନ କୋର୍ଟ ଚାଲାଣ କରାଯିବା ନେଇ ସୂଚନା ମିଳିଛି। ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ଥାନାରେ ମୁତୟନ କରାଯାଇଛି। ଆଗାମୀ ଦିନରେ ଅନ୍ୟ ଫେରାର ଆସାମୀ ମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଥିବା ଜଣାପଡିଛି। ବାଲି ମାଫିଆ ପ୍ରଶାସନ ର ନିଦ ହଜାଇ ଦେଇଥିବା ଯୋଗୁ ବାଲି ମାଫିଆଙ୍କୁ ସାବାଡ଼ କରିବା ନିମନ୍ତେ ଜିଲାପାଳ ହେମକାନ୍ତ ସୟଙ୍କ ନିର୍ଦ୍ଦେଶ କ୍ରମେ ସଦର ଉପ ଜିଲାପାଳ ଡ଼.ଦୟାସିନ୍ଧୁ ପରିଡାଙ୍କ ନେତୃତ୍ୱରେ ଗୁରୁବାର ବାରିପଦା ଓ ବେତନଟୀ ତହସିଲଦାର, ଖଣି ବିଭାଗ ପକ୍ଷରୁ ପୁଲିସ ସହଯୋଗରେ ଜମଦାପାଳ, କାଞ୍ଚନପାଳ, ବାଲିପାଳ, ଭୋଦୁଶୋଳ, ହାତୀକୁଟ ପ୍ରଭୃତି ସ୍ଥାନରେ ଅଚାନକ ଚଢ଼ାଉ କରି ୪୫୦ କିଉବିକ ମିଟର ବାଲି ସହ ଗୋଟିଏ ଜେସିବି ଜବତ କରିଛନ୍ତି । ଏହି ଭଳି ଚଢ଼ାଉ 'ଅପରେସନ ବାଲି ମାଫିଆ ' ଜାରି ରହିବ ବୋଲି ଉପ ଜିଲାପାଳ ଡ. ପରିଡା ପ୍ରକାଶ କରିଛନ୍ତି ।

## ମହିଳା ହିଂସା ବିରୋଧି ଅଭିଯାନ କାର୍ଯ୍ୟକ୍ରମ

ଭଦ୍ରକ, ୨୭/୧୧ (ନି.ପ୍ର): ମହିଳା ଶିଶୁ ବିକାଶ ମନ୍ତ୍ରାଳୟ ଓଡ଼ିଶା ସରକାର ଓ ଫେଲୋସିପ୍, ଆସିଆନା, ନୁହାସ, ଶକ୍ତିସଦନ ମିଳିତ ଆନୁକୂଲ୍ୟରେ ମହିଳା ହିଂସା ବିରୋଧି ଅଭିଯାନର ଦ୍ୱିତୀୟ ଦିବସ ଭଦ୍ରକ ବ୍ଲକ ସଭାଗୃହରେ ଫେଲୋସିପର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଭଦ୍ରକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ମଲ୍ଲିକ, ସମ୍ମାନୀତ ଅତିଥିଭାବେ ଜିଲ୍ଲା ସୁରକ୍ଷା ଅଧିକାରିଣୀ ଚନ୍ଦ୍ରା ସାହୁ, ନାରୀନେତ୍ର ସୁରଜିତା ନାୟକ, ଆସିୟାନାର ସମ୍ପାଦିକା ସୋଫିଆ ସେକ୍, ଜିଲ୍ଲା ସଂଯୋଜକ (ଡ଼ି.ଏଚ୍.ଇ.ଡ଼ବ୍ଲୁ) ସୂର୍ଯ୍ୟ ରଞ୍ଜନ ସାମଲ, ସବ୍ ଡ଼ିଭିଜନ୍ ସୁରକ୍ଷା



ଅଧିକାରିଣୀ ସବିତା ବେହେରା ଏବଂ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ସୁବ୍ରତ କୁମାର ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ଆଇନ୍ ଯଥା ପୋକ୍ସୋ, ଘରୋଇ ହିଂସା ଆଇନ୍, ଯୌତୁକ ବିରୋଧି ଆଇନ୍ , ବାଲ୍ୟ ବିବାହ ଏବଂ କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ପାଇଁ ଆଇନ୍‌ରେ ଥିବା ବ୍ୟବସ୍ଥା ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ହବ୍‌ର କର୍ମକର୍ତ୍ତା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ବ୍ଲକ ଶିକ୍ଷାଧିକାରୀ, ଚାଇଲ୍ଡ ଲାଇନ୍‌ର କର୍ମକର୍ତ୍ତା, ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସି.ଡ଼ି.ପି.ଓ., ଅଙ୍ଗନୱାଡ଼ି ୱାର୍କର, ଏସ୍.ଏଚ୍.ଜି. ମାନେ ଯୋଗ ଦେଇଥିଲେ । ସ୍ୱାଗତ ଭାଷଣ ଫେଲୋସିପ୍ ୱାନ୍ ଷ୍ଟପ୍ କେନ୍ଦ୍ର ପ୍ରଶାସିକା ପୁଷ୍ପାଞ୍ଜଳୀ ବେହେରା ଦେଇଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ଆଇନ୍ ପରାମର୍ଶଦାର୍ତ୍ତୀ ଅସୀମା ନାୟକ । ଏହି କାର୍ଯ୍ୟକ୍ରମକୁ ଆସିଆନାର ସଂଯୋଜକ ରିଆଜ୍ ଅହମ୍ମଦ୍, ଫେଲୋସିପ୍ ଶକ୍ତି ସଦନର ସୁପରିଟେଣ୍ଡେଣ୍ଟ ଯୋଗମାୟା ଚାନ୍ଦ, ଲିପ୍ସା ବେହେରା, ମୁସ୍ତରୀ ବେଗମ୍, ନୁହାସ୍ ସୁପରିଟେଣ୍ଡେଣ୍ଟ ଉଷାରାଣି ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

## ଡିସେମ୍ବର ୪ରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବ କଂଗ୍ରେସ

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ଚାଷୀର ସମସ୍ତ ବଳକା ଧାନ ସରକାର ସଂଗ୍ରହ କରନ୍ତୁ ,୫୫ ବର୍ଷପରେ ଚାଷୀ ଓ ଭାଗଚାଷୀଙ୍କୁ ୧୦ ହଜାର ଟଙ୍କା ମାସିକ ପେନସନ ବିଧେୟକ ଚଳିତ ବିଧାନସଭାରେ ଆଣନ୍ତୁ ଏବଂ ଫସଲବୀମାରେ ଥିବା ଅସଙ୍ଗତିକୁ ଦୂରକରି ଚାଷୀ ପରିବାରର ସ୍ୱାସ୍ଥ୍ୟବୀମା ଲାଗୁ ଆଦି ୩ ଦଫା ଦାବିରେ ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଡିସେମ୍ବର-୪ ଗୁରୁବାର ଦିନ ପ୍ରତ୍ୟେକ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ । ଉପରୋକ୍ତ ଦାବିଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବାର ପ୍ରତିଶ୍ରୁତି ଓ ପଦକ୍ଷେପ ନନେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛି କଂଗ୍ରେସ।

## ମୟୂରଭଞ୍ଜ ଛଉ ନୃତ୍ୟ ଗୁରୁଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

ବାରିପଦା, ୨୭/୧୧ (ନି.ପ୍ର): ଢୋଲ ବାଦ୍ୟ ଗୁରୁ ବିଘ୍ନରାଜ ଧଡା ଓ ମହୁରୀ ଗୁରୁ ବିରଞ୍ଚି ମହାନ୍ତ ସାଂସ୍କୃତିକ ଜଗତର ସର୍ବୋଚ୍ଚ ସମ୍ମାନ ଭାବେ ପରିଚିତ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ରେ ଭୂଷିତ ହୋଇଛନ୍ତି। ଚଳିତ ୨୦୨୫ ବର୍ଷ ପାଇଁ ଉଭୟଙ୍କୁ ରାଜ୍ୟ ସରକାର ଉକ୍ତ ପୁରସ୍କାର ପ୍ରଦାନ କରିଛନ୍ତି। ସେହିପରି ଯୁବ ତଥା ଉଦୀୟମାନ କଳାକାରଙ୍କୁ ଏକାଡେମୀ ପକ୍ଷରୁ ପ୍ରଦାନ କରାଯାଉଥିବା କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଯୁବ ପୁରସ୍କାର ମଧ୍ୟ ମୟୂରଭଞ୍ଜ ର ୩ ଜଣ ପ୍ରମୁଖ ଛଉ ନୃତ୍ୟ ଶିଳ୍ପୀଙ୍କୁ ପ୍ରଦାନ କରାଯାଇଛି। ୨୦୨୪ ମସିହା ପାଇଁ ଶିବ ଚରଣ ମହାନ୍ତ ଙ୍କୁ ଏହା ପ୍ରଦାନ କରାଯାଇଥିବା ବେଳେ ୨୦୨୫ ମସିହା ପାଇଁ ସଚିନା ଧଡା ଓ ସୁଶାନ୍ତ ବେହେରାଙ୍କୁ ଉକ୍ତ ପୁରସ୍କାର ମିଳିଛି। ତେବେ ମୟୂରଭଞ୍ଜ ଛଉ ନୃତ୍ୟ ଜଗତ ରେ ଏକ କାଳୀନ



ପାଞ୍ଚ ଜଣଙ୍କୁ ଏକାଡେମୀ ପକ୍ଷରୁ ପ୍ରଥମ ଥର ପାଇଁ ପୁରସ୍କୃତ କରାଯାଇଥିବା ର ଜଣା ଯାଇଛି। ଛଉ ନୃତ୍ୟର ସଂରକ୍ଷଣ ତଥା ପୁନରୁଦ୍ଧାର ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଗତ ୨୦୧୬ ମସିହାରୁ ଆରମ୍ଭ କରାଯାଇଥିବା ପ୍ରୋଜେକ୍ଟ ଛାଉଣୀ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ର ଏକ୍ସପର୍ଟ କମିଟି ସଦସ୍ୟା ଶୁଭଶ୍ରୀ ମୁଖାର୍ଜୀ ଏନେଇ ପୁରସ୍କୃତ ବ୍ୟକ୍ତି ବିଶେଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୟୂରଭଞ୍ଜ ଛଉ ଇତିହାସରେ ଏହା ଏକ ବିଶେଷ ଉପଲବ୍ଧି ବୋଲି ସେ କହିଛନ୍ତି। ସେହିପରି ମୟୁରଭଞ୍ଜ ରେ ଦରବାରରାଜ୍ ର ଅନ୍ତ ପରେ ଛଉ ନୃତ୍ୟ ପ୍ରତି ସବୁ କ୍ଷେତ୍ରରେ ଉଦାସୀନତା ଦେଖିବାକୁ ମିଳୁ ଥିଲା। ଏହି କଳା ସହିତ ସଂପୃକ୍ତ ବ୍ୟକ୍ତି ବିଶେଷ ଙ୍କୁ କାଁ ଭାଁ କେବେ କେମିତି ରାଜ୍ୟ ଓ କେନ୍ଦ୍ର ସଙ୍ଗୀତ ଏକାଡେମୀ ପକ୍ଷରୁ ପୁରସ୍କାର ପ୍ରଦାନ କରା ଯାଉଥିବା ବେଳେ ଏକ କାଳୀନ ପାଞ୍ଚ ଜଣ କଳାକାର ଙ୍କୁ ରାଜ୍ୟ ଏକାଡେମୀ ସମ୍ମାନୀତ କରିବା ଆଗାମୀ ପିଢ଼ି ପାଇଁ ପ୍ରେରଣାଦାୟୀ ହେବ ବୋଲି ପ୍ରୋଜେକ୍ଟ ଛାଉଣୀ ର ନିର୍ଦ୍ଦେଶକ ବିଭୁଦତ୍ତ ଦାସ ଆଶାବ୍ୟକ୍ତ କରିଛନ୍ତି।

## ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ମହଲଙ୍କ ମାତୃ ବିୟୋଗ



ନୀଳଗିରି , ୨୭/୧୧ (ନି.ପ୍ର): ନୀଳଗିରର ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ମହଲଙ୍କ ମାତୃବିୟୋଗ ହୋଇଯାଇଛି। ନୀଳଗିରି ଏନ.ଏ.ସି ଅନ୍ତର୍ଗତ ୯ ନମ୍ବର ୱାର୍ଡ଼ ସିମୁଳିଆ ଗ୍ରାମର ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ମହଲଙ୍କ ବାପା ୰ ରତ୍ନାକର ଙ୍କ ସହଧର୍ମିଣୀ ଅନୁପୂର୍ଣ୍ଣା ଦେବୀଙ୍କ ୮୮ ବୟସରେ ନିଜ ବାସଭବନରେ ଆଜି ପୂର୍ବାହ୍ନ ୨.୩୦ମିନିଟ୍ ସମୟରେ ମୃତ୍ୟୁ ହୋଇଯାଇଛି। ଅନ୍ନପୂର୍ଣ୍ଣା ଏକମାସ ହେବ ଶଯ୍ୟାଶାୟୀ ଥିଲେ।ତାଙ୍କର ୪ପୁଅ ରାମଚନ୍ଦ୍ର, ଲକ୍ଷ୍ମଣ, ଭରତ,ଶତ୍ରୁଘନ ଥିବାବେଳେ ମଝିଆପୁଅ ଭରତ ମୁଖାଗ୍ନି ଦେଇଛନ୍ତି। ମୃତ୍ୟୁ ଶରୀର ନିକଟରେ ପୁଅ, ଝିଅ, ଜ୍ୱାଇଁ, ନାତି,ନାତୁଣୀ ଉପସ୍ଥିତ ଥିଲେ। ଅନ୍ନପୂର୍ଣ୍ଣାଦେବୀ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ମହିଳା ଥିଲେ।ତାଙ୍କ ମୃତ୍ୟୁଖବର ପାଇ ନୀଳଗିରିର ବହୁ ସାମ୍ବାଦିକ ଓ ବିଶିଷ୍ଟବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ସୂଚନା ମିଳିଛି।

## ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

ବାଲିଆପାଳ , ୨୭/୧୧ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତାବ୍ଲକ ବାହାର୍ଦ୍ଦା ପଂଚାୟତ ଅନ୍ତର୍ଗତ ଗୋଛାୟତ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ଉଦଘାଟନ ଉତ୍ସବରେ ସଭାପତିତ୍ୱ କରି ବିଜ୍ଞାନ ମେଳାର ଅଭିମୁଖ୍ୟ ସଂପର୍କରେ ଆଲୋକ ପାତ କରିଥିଲେ । ମୁଖ୍ୟଅତିଥି ଭାବରେ ପିଏମ୍‌ଶ୍ରୀ ବନବିହାରୀ ଲାଲ ସରକାରୀ ଉଚ୍ଚ



ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ନାୟକ ସମ୍ମାନୀତ ଅତିଥି ବାହାର୍ଦ୍ଦା ସରପଂଚ ସଞ୍ଜୀବ ଦଳାଇ ଯୋଗ ଦେଇ ଏହି ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ । କୁନି ବୈଜ୍ଞାନିକ ପ୍ରକଳ୍ପ ମାଧ୍ୟମରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟିଥାଏ ବୋଲି ଅତିଥିମାନେ କହିଥିଲେ । ବିଜ୍ଞାନ ଶିକ୍ଷୟିତ୍ରୀ ଶୁଭସ୍ମିତା ଭଞ୍ଜ ଓ ଗଣିତ ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ନାୟକଙ୍କ ତତ୍ତ୍ୱବଧାନରେ ବରିଷ୍ଠ ବିଭାଗରେ ମୋଟ ୩୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଶ୍ରେଷ୍ଠ ପ୍ରକଳ୍ପ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ପାଇଁ ଚୟନ ହୋଇଥିଲା । ଶିକ୍ଷକ ସାରସ୍ୱତ ସାହୁ,କାଳିପଦ ମଙ୍ଗରାଜ, ଶିକ୍ଷୟିତ୍ରୀ ସ୍ୱରୂପା ମହାପାତ୍ର, ନିୟତୀ ରାଉତ,ରସ୍ମିତା ନାୟକ ଓ କର୍ମଚାରୀ ତାପସ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସର୍ବଶେଷରେ ଶୁଭସ୍ମିତା ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁରୁଣିଆ ରାଧାକୃଷ୍ଣ ହାଇସ୍କୁଲରେ ୨ ଶିକ୍ଷକ ନିଯୁକ୍ତ ହେବାରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଗଲା

ବୈଶିଙ୍ଗା , ୨୭/୧୧ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ସ୍ଥିତ ରାଧାକୃଷ୍ଣ ହାଇସ୍କୁଲରେ ଦିନ ଧରି ୪ ଗୋଟି ଶିକ୍ଷକ ପଦବୀ ଖାଲି ପଡିଥିଲା। ସରକାର ୨୫ ତାରିଖ ଦିନ ସାରା ରାଜ୍ୟରେ ସତେଇଶ ହଜାର ଶିକ୍ଷକ/ଶିକ୍ଷୟିତ୍ରୀ ଙ୍କୁ ନିଯୁକ୍ତି ଦିଆଯାଇଥିଲା । ସେଥିମଧ୍ୟରୁ ପୁରୁଣିଆ ରାଧାକୃଷ୍ଣ ହାଇସ୍କୁଲରେ ଦୁଇ ଜଣ ନିଯୁକ୍ତି ପାଇଥିବାରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଗଣିତ ଶିକ୍ଷୟତ୍ରୀ ଭାବେ ଲୁବନା ଦାଶ ଓ ବିଜ୍ଞାନ ଶିକ୍ଷକ ଭାବେ ରାଜେଶ କୁମାର ବେହେରା ୨୬ ତାରିଖ ଦିନ ବିଦ୍ୟାଳୟରେ ପହଞ୍ଚିଥିଲେ । ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାମନ୍ତରାୟ ଙ୍କ ସମେତ ଅନ୍ୟ ଶିକ୍ଷକ ଏବଂ ପରିଚଳନା କମିଟୀ ର ସଦସ୍ୟ/ସଦସ୍ୟା ମାନେ ଉପସ୍ଥିତ ରହିଥିଲେ । ସଂସ୍କୃତ ଶିକ୍ଷକ ଏବଂ କ୍ରୀଡା ଶିକ୍ଷକ ପଦବୀ ଏବେବି ଖାଲି ପଡ଼ିଛି । ଶିକ୍ଷାଧିକାରୀ ଏହି ବିଷୟ ପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି ।

## ଜିଲ୍ଲା କଂଗ୍ରେସର ସମ୍ବିଧାନ ବଞ୍ଚାଅ ଦିବସ ପାଳନ

ବାରିପଦା, ୨୭/୧୧ (ନି.ପ୍ର): ଆଜି ଜିଲ୍ଲା କଂଗ୍ରେସ କମିଟି ତରଫର ବାରିପଦା ସ୍ଥିତ ସମ୍ବିଧାନ ପ୍ରଣେତା ଡ. ବି .ଆର ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସମ୍ବିଧାନ ଦିବସ ପାଳନ ଅବସରରେ ପି ସି ସି ସଭାପତି ଙ୍କ ନିର୍ଦ୍ଦେଶ କର୍ମେ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଙ୍କ ନେତୃତ୍ୱ ରେ ମୟୁରଭଂଜ ଜିଲ୍ଲା ରେ ପାଳନ ହୋଇଛି ସମ୍ବିଧାନ ବଞ୍ଚାଅ ଦିବସ। ପ୍ରଥମେ ଜିଲ୍ଲା କଂଗ୍ରେସ ସଭାପତି ଆମ୍ବେଦକର ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଏକ ସଭା ଆୟୋଜିତ କରାଯାଇଥିଲା, ଉକ୍ତ ସଭାରେ ସଭାପତିତ୍ୱ କରିଥଲେ ବରିଷ୍ଠ କଂଗ୍ରେସ ନେତା ସଞ୍ଜୀବ ପଣ୍ଡା,ଜିଲ୍ଲା କଂଗ୍ରେସ ସଭପତି ଉଦବୋଧନ ଦେଇ କହିଥିଲେ ଯେ ଆଜି ଭାରତର ସମ୍ବିଧାନ ବିପଦରେ। ବିଜେପି ସରକାର ଭୋଟ ଚୋରି କରି ଭାରତର ସମ୍ବିଧାନ କୁ ଦୋହଲାଇ ଦେଇଛି ଭାରତର ଆତ୍ମା ସମ୍ବିଧାନ ଉପରେ ବାରମ୍ବାର ଆକ୍ରମଣ କରିଚାଲିଛି। ଯାହା ଫଳରେ ଦେଶ ର ଗଣତନ୍ତ୍ର ଆଜି ବିପଦରେ। କଂଗ୍ରେସ ଦଳ ଭାରତର ସମ୍ବିଧାନ କୁ କ୍ଷୁଣ୍ଣ ହେବାକୁ ଦେବନାହିଁ। ଭାରତର ସମ୍ବିଧାନ କୁ ବଞ୍ଚାଇବା ପାଇଁ ଆଗମୀ ଦିନରେ ରାଜ ରାସ୍ତାରେ ଲଢ଼େଇ କରିବ କଂଗ୍ରେସ। ଆମ ସମସ୍ତ ଙ୍କ ର ଗୋଟିଏ ନାର। ରହିବ ସମ୍ବିଧାନ ବଞ୍ଚିଲେ ଦେଶ ବଞ୍ଚିବ । ଏହି ସମ୍ବିଧାନ ବଞ୍ଚାଅ ଦିବସ ରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ନିରୋଜ ଲୋଚନ ଦାସ, ଏସ ଟି ସେଲ ରଜ୍ୟ ଉପାଧକ୍ଷ ଚୈତନ୍ୟ ହାସଦା, ଆଡଭୋକଟ ଜୟତି ପ୍ରକାଶ ରଥ , କୃଷକ ସେଲ ସଭାପତି ଦୀପକ ଦାସ, ପି ସି ସି ସଭ୍ୟ ନାରାୟଣ ପଟ୍ଟନାୟକ, ଉତ୍ତମ ବେହେରା, ଅଶୋକ ଗିରି, ସମର ଦାସ, ଅସିତ୍ ଦାସ, ବିପ୍ଲବ ବାରିକ ରକିମ ଭାଇ, ବିଜୟ ସିଂହ, ପ୍ରଦୀପ ମିଶ୍ର, ଜଗନ୍ନାଥ ପରିଡ଼ା, ସତ୍ୟକାମ ସେନାପତି ,ରତନ ଶର୍ମା , ଅଭିଷେକ ଯାଦବ , ବନମାଳୀ ବାରିକ ଟିଙ୍କିନ ଗୋଛାୟତ, ମହିଳା କଂଗ୍ରେସ ନେତ୍ରୀ, ଭୁବନେଶ୍ୱରୀ ପରିଡ଼ା, ମାଧବୀ ସେନାପତି, ସୁନୀତା ନାୟକ, ପିଙ୍କି ମୋହାପତ୍ର , ରଶ୍ମିତା ମିଶ୍ର, ସବିତା ସୋରେନ , ଇତି ଶ୍ରୀ ମିଶ୍ର ସହିତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ସମ୍ବିଧାନ ବଞ୍ଚିଲେ ଦେଶ ବଞ୍ଚିବ ବୋଲି ନରା ଦେଇଥିଲେ।

## ସ୍ମିତା ଦାସଙ୍କ ଉପନ୍ୟାସ ପୁସ୍ତକ 'ସଙ୍ଗମ'ର ବଙ୍ଗଳା ଅନୁବାଦ ଉନ୍ମୋଚିତ

ଭୁବନେଶ୍ୱର, ୨୭/୧୧ (ନି.ପ୍ର):ଜଣାଶୁଣା ଲେଖିକା ସସ୍ମିତା ଦାସଙ୍କ ଉପନ୍ୟାସ ପୁସ୍ତକ ' ସଙ୍ଗମ 'ର ବଙ୍ଗଳା ଅନୁବାଦ ଉନ୍ମୋଚିତ ହୋଇଯାଇଅଛି । ଆଜି ପ୍ରଦର୍ଶନୀ ପଡିଆ ଠାରେ ଚାଲିଥିବା ୨୮ତମ କଳିଙ୍ଗ ପୁସ୍ତକ ମେଳା ପରିସରରେ ଥିବା ନୀଳକଇଁ ପ୍ରକାଶନୀ ଷ୍ଟଲରେ ଉପସ୍ଥିତ ମାନ୍ୟଗଣ୍ୟ ଅତିଥି ମାନଙ୍କ ଦ୍ୱାରା ଏହା ପାଠକାର୍ପଣ ହୋଇଅଛି । ବଙ୍ଗୀୟ ଲେଖିକା ଶ୍ରେୟା ହାଲଦାରଙ୍କ ଦ୍ୱାରା ଅନୁବାଦିତ ଏହି ଚର୍ଚ୍ଚିତ ଉପନ୍ୟାସର ପାଠକାର୍ପଣ ଉତ୍ସବରେ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଲେଖକ, କଥାକାର ଡ଼ ଅଜୟ ସ୍ୱାଇଁ, ସୁପ୍ରସିଦ୍ଧ ଗୀତିକାର ଓ ସଂଗୀତକାର ଡ଼ ରଜନୀ ରଞ୍ଜନ, ଜାତୀୟ ସ୍ତରର



ସଂଗୀତକାର ଯଜ୍ଞ ଦାଶ, କବି ଓ ଲେଖିକା ଭାସ୍ୱତୀ ବସୁ, ଶୁଭଶ୍ରୀ ଶୁଭସ୍ମିତା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଲେଖିକା ସସ୍ମିତା ଦାସ କହିଥିଲେ କି, ଏହି ଉପନ୍ୟାସ ବଙ୍ଗଳା ଭାଷାରେ ଅନୁବାଦ ହେବା ଆମ ପାଇଁ ସୌଭାଗ୍ୟ । ଅଧିକରୁ ଅଧିକ ଓଡ଼ିଆ ଲେଖା ଅନ୍ୟଭାଷାରେ ଅନୁବାଦ ହେବା ଦ୍ୱାରା ଆମ ଭାଷା ସାହିତ୍ୟର ପ୍ରସାର ପ୍ରଚାର ସହ ଏହାକୁ ନୂଆଦିଶା ପ୍ରଦାନ କରିବ ବୋଲି ଆଶା । କଳିଙ୍ଗ ପୁସ୍ତକ ମେଳା ପରିସରରେ ଲାଗିଥିବା ନୀଳକଇଁ ଷ୍ଟଲରେ ନୀଳକଇଁ ପତ୍ରିକା ସହ ବହୁ ଅନୁସନ୍ଧାନମୂଳକ ପୁସ୍ତକ ଉପଲବ୍ଧ ହେଉଛି । ସମସ୍ତଙ୍କୁ ମେଳା ବୁଲିଆସିବାକୁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି । ଚଳିତ ବର୍ଷର କଳିଙ୍ଗ ପୁସ୍ତକ ମେଳା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିବ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida